# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 338 ଭାଗ ୩୩ | ସଂଖ୍ୟା ୩୩୮ | Monday 2 March 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୨ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଇରାନର ନୂଆ କମାଣ୍ଡର ଅହମ୍ମଦ ୱାହିଦୀ

ପୃଷ୍ଠା ୪


## ସହସମ୍ପାଦକ ଆବଶ୍ୟକ



ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।

ଯୋଗାଯୋଗ
Mail :- sanchardisha@gmail.com
Whatsapp :- +91 8093008776


ଜଳୁଛି ମଧ୍ୟପ୍ରାଚ୍ୟ

# ବଡ଼ ଯୁଦ୍ଧ ଆଡ଼କୁ ମୁହାଁଉଛି ବିଶ୍ୱ





- ୪୮ ଇରାନୀ ଶୀର୍ଷ ନେତୃତ୍ୱ, ୩ ଆମେରିକୀୟ ମୃତ
- ସପ୍ତାହେ ଧରି ଚାଲିବ ଯୁଦ୍ଧ ବୋଲି ଟ୍ରମ୍ପ୍‌ଙ୍କ ଆଭାସ
- ପାକିସ୍ତାନ ତୈଳ ଜାହାଜକୁ ରୋକିଲା ଇରାନ୍

**ନୂଆଦିଲ୍ଲୀ, ୧।୩:** ଗତକାଲିଠାରୁ ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ମହାଯୁଦ୍ଧ ଧୀରେ ଧୀରେ ଘନେଇବାରେ ଲାଗିଛି। ଗୋଟିଏ ପଟେ ଆମେରିକା-ଇସ୍ରାଏଲ୍ ମିଳିତ ଭାବେ ଇରାନ୍ ଉପରେ ଘନ ଘନ ଆକ୍ରମଣ କରୁଥିବା ବେଳେ ଏହାର ଜବାବ ଦେବା ସକାଶେ ଇରାନ୍ ନେତୃବର୍ଗ ମଧ ପଛଘୁଞ୍ଚା ଦେଉନାହାନ୍ତି। ଗତକାଲି ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନୀଙ୍କ ମୃତ୍ୟୁ ନେଇ ଆମେରିକା ଘୋଷଣା କରିବା ପରେ ଏହା ଏହି ଇସଲାମୀୟ ଦେଶ ପାଇଁ ଜବରଦସ୍ତ ଝଟ୍‌କା ହୋଇଥିଲା। ତେବେ ଆଜି ତାଙ୍କ ଦ୍ୱିତୀୟ ଜ୍ୟେଷ୍ଠ ପୁତ୍ର ମୋଜତାବା ଖାମେନି ଦେଶର ସର୍ବୋଚ୍ଚ ନେତା ଭାବେ ଆସୀନ ହୋଇଛନ୍ତି। ସେହିପରି ଆକ୍ରମଣରେ ଖାମେନିଙ୍କ ସହ ତାଙ୍କ ଝିଅ ଓ ଜ୍ୱାଇଁ ବି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆଜି ଆମେରିକା ଆକ୍ରମଣରେ ଇରାନ୍‌ର ୪୮ ଜଣ ଶୀର୍ଷ ନେତୃତ୍ୱଙ୍କ ପ୍ରାଣହାନୀ ଘଟିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏବେ ଚାଲିଥିବା ଲଢ଼େଇରେ ଆମେରିକା-ଇସ୍ରାଏଲ୍ ➪ପୃଷ୍ଠା-୬

## ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ



ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ରହିଥିବା ଭୟଙ୍କର ସାମରିକ ସଂଘର୍ଷକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାତିରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ର ଜରୁରୀକାଳୀନ ବୈଠକ ଡାକିଛନ୍ତି। ଏହି ବୈଠକରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମାରାତ୍ମକ ଆକ୍ରମଣ ଓ ➪ପୃଷ୍ଠା-୬

## ଖାମେନି ମୃତ, ପୁଅ ସର୍ବୋଚ୍ଚ ନେତା



ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କର ଗତକାଲି ରାତିରେ ମୃତ୍ୟୁ ହୋଇଛି। ସର୍ବପ୍ରଥମେ ଏନେଇ ଟ୍ରମ୍ପ୍ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଇରାନ୍‌ରେ ୪୦ଦିନିଆ ଜାତୀୟ ଶୋକ ଘୋଷଣା କରାଯାଇଥିବା ସପ୍ତାହେ ପାଇଁ ଛୁଟି ଘୋଷଣା ହୋଇଛି। ଆୟାତୋଲ୍ଲା ଅଲୀ ଖାମେନେଇ ୧୯୩୯ରେ ମାଶାଦରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଜନ୍ମ ଏକ ସାଧାରଣ ପରିବାରରେ ହୋଇଥିଲା। ପିତା ଆୟାତୋଲ୍ଲା ଜାବାଦ ହୋସେନି ଖାମେନେଇ ଜଣେ ଧାର୍ମିକ ବିଦ୍ୱାନ ଥିଲେ ଏବଂ ମସଜିଦରେ ପ୍ରାର୍ଥନା ପରିଚାଳନା କରୁଥିଲେ। ପରିବାର ଘର ଛୋଟ ଥିଲା, ସମସ୍ତଙ୍କ ପାଇଁ ରହିବା ପାଇଁ ସୀମିତ ସ୍ଥାନ ଥିଲା। ଖାମେନେଇଙ୍କୁ 'ସୟଦ ଅଲି' ଭାବରେ ଜଣାଯାଉଥିଲା କାରଣ ତାଙ୍କ ପରିବାରକୁ ପ୍ରଫେଟ ମହମ୍ମଦଙ୍କ ବଂଶଧର ବୋଲି ବିବେଚନା କରାଯାଏ। ୧୯୬୦ ଦଶକରେ, ଆୟାତୋଲ୍ଲା ଅଲି ଖାମେନେଇ କୋମ ଯାଇଥିଲେ, ଯେଉଁଠାରେ ସେ ରୁହୋଲ୍ଲା ଖୁମୋନିକେଙ୍କ ସହିତ ପାଠପଢ଼ି ଥିଲେ। ସେହି ସମୟରେ, ଇରାନରେ ଶାହଙ୍କ ବିରୁଦ୍ଧରେ ବିରୋଧ ବଢୁଥିଲା। ୧୯୬୩ ମସିହାରେ, ତାଙ୍କୁ ତାଙ୍କର ରାଜନୈତିକ କାର୍ଯ୍ୟକଳାପ ପାଇଁ ଜେଲ ହୋଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ତାଙ୍କୁ ଅନେକ ଥର ଗିରଫ କରାଯାଇଥିଲା। କାରାବାସ ସମୟରେ, ସେ ତାଙ୍କର ମତକୁ ➪ପୃଷ୍ଠା-୬

ଭାରତ-ଇଂଲଣ୍ଡ ସେମି ଲଢ଼େଇ

## ସଞ୍ଜୁ ଦେଲେ ସଞ୍ଜୀବନୀ

- ଖେଳିଲେ ୯୭*ର ଦମ୍‌ଦାର ଇନିଂସ
- ୫ ୱିକେଟ୍‌ରେ ହାରିଲା ୱେଷ୍ଟଇଣ୍ଡିଜ୍



**କୋଲ୍‌କାତା, ୧।୩:** ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛି ଭାରତ। ଆଜି ଏଠାରେ ଖେଳାଯାଇଥିବା ବସ୍ତୁତଃ କ୍ୱାର୍ଟର୍ ଫାଇନାଲ୍‌ରେ ଦଳ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟ୍‌ରେ ପରାସ୍ତ କରି ଆସନ୍ତା ୫ ତାରିଖରେ ମୁମ୍ବାଇଠାରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଇଂଲଣ୍ଡ ସହ ଖେଳିବା ସକାଶେ ଯୋଗ୍ୟତା ଲାଭ କରିଛି। ଦଳ ପାଇଁ ସଞ୍ଜୀବନୀ ସାବ୍ୟସ୍ତ ହୋଇଛନ୍ତି ଷ୍ଟାଇଲିସ୍ ଓପନର ସଞ୍ଜୁ ସାମ୍‌ସନ୍। ସେ ଟି-୨୦ ବିଶ୍ୱକପ୍‌ରେ ତାଙ୍କର ସର୍ବାଧିକ ସ୍କୋର୍ ୯୭ ରନ୍‌ରେ ଅପରାଜିତ ରହିବା ସହ ଦଳକୁ ୧୯.୨ ଓଭର୍‌ରେ ୧୯୯ରେ ପହଞ୍ଚାଇ ଇଣ୍ଡିଜ୍‌କୁ ବିଦାୟ ରାସ୍ତା ➪ପୃଷ୍ଠା-୬

ପଶ୍ଚିମବଙ୍ଗରେ ପରିବର୍ତ୍ତନ ଯାତ୍ରାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

## 'ଡବଲ୍ ଇଞ୍ଜିନ' ସରକାରରେ ଭ୍ରଷ୍ଟାଚାରମୁକ୍ତ ହେବ ବଙ୍ଗ

- ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ, ଅଧା ସ୍କୁଲରେ ନାହାନ୍ତି ଶିକ୍ଷକ
- 'ବୁଆ-ଭତିଜା'ଙ୍କ ସରକାର ୧୦ ଲକ୍ଷ କୋଟି ଲୁଟିଛନ୍ତି



**କୋଲ୍‌କାତା, ୧।୩(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଝରଗ୍ରାମଠାରେ ଆୟୋଜିତ 'ପରିବର୍ତ୍ତନ ଯାତ୍ରା'ରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ଓ ସୁରକ୍ଷା ପାଇଁ ବିଜେପି ସଂକଳ୍ପବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ଟିଏମସି ସରକାରରେ ଦୁର୍ନୀତି, ଅନୁପ୍ରବେଶକାରୀ, ଶିକ୍ଷା, ନିଯୁକ୍ତି ଓ ସୁରକ୍ଷା ପ୍ରସଙ୍ଗରେ ମମତା ବାନାର୍ଜୀ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଯେଉଁ ମାଟିରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ମହାପୁରୁଷ ଜନ୍ମ ନେଇ ନାରୀ ଶିକ୍ଷାର ମଶାଲ ପ୍ରଜ୍ୱଳିତ କରିଥିଲେ, ଆଜି ସେହି ବଙ୍ଗଳାରେ ଶିକ୍ଷା ବ୍ୟବସ୍ଥା ସବୁଠାରୁ ଅବହେଳିତ। ପ୍ରତି କେନ୍ଦ୍ର ସରକାର ବଙ୍ଗର ସ୍କୁଲ ➪ପୃଷ୍ଠା-୬

ଓଡ଼ିଶା ପୁଲିସର ଐତିହାସିକ ସଫଳତା

## ବଲାଙ୍ଗୀର ଓ ବରଗଡ଼ ହେଲା ନକ୍ସଲମୁକ୍ତ



**ଭୁବନେଶ୍ୱର, ୧।୩ (ସଂଚାର ବ୍ୟୁରୋ)** ରାଜ୍ୟରେ ନକ୍ସଲବିରୋଧୀ ଅଭିଯାନରେ ଓଡ଼ିଶା ପୁଲିସକୁ ଆଜି ଐତିହାସିକ ସଫଳତା ମିଳିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାକୁ ନକ୍ସଲମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଆଜି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାରେ ୧୫ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଏହି ମାଓବାଦୀମାନେ ବରଗଡ଼–ବଲାଙ୍ଗିର–ମହାସମୁନ୍ଦ ଡିଭିଜନରେ ସକ୍ରିୟ ଥିଲେ। ଯାହାଫଳରେ ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଘୋଷଣା କରାଯାଇଛି। ସୁରକ୍ଷା ବାହିନୀ ତରଫରୁ ଦୀର୍ଘଦିନ ଧରି ଚାଲିଥିବା ମିଳିତ ଅଭିଯାନ, ଗୁଇନ୍ଦା ସୂଚନା, କେନ୍ଦ୍ର ଓ ରାଜ୍ୟ ➪ପୃଷ୍ଠା-୬

## ଦିଲ୍ଲୀପଙ୍କ ବାଟ ବନ୍ଦ କରିଦେଲେ ନବୀନ



- ୨୦୦୨ ବିଶ୍ୱାସଘାତକତାର ପ୍ରତିଶୋଧ
- ଭକୁଆ ବନିଥିଲେ ପ୍ରଦୀପ କାପୁର

**ଭୁବନେଶ୍ୱର, ୧।୩(ସଂଚାର ବ୍ୟୁରୋ):** ମାର୍ଚ୍ଚ ୧୬ ତାରିଖରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନରେ ବିଜେଡିର ପ୍ରାର୍ଥୀ ଚୟନକୁ ନେଇ ଯେତିକି କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବିଜେପିରୁ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ନେଇ ମଧ ସେତିକି ଚର୍ଚ୍ଚା ହେଉଥିଲା। ହେଲେ ଓଡିଶା ରାଜନୀତିର ବିଚକ୍ଷଣ ରାଜନୀତିଜ୍ଞ କିନ୍ତୁ ଶାନ୍ତ ଓ ନମ୍ର ନବୀନ ପଟ୍ଟନାୟକ ଏମିତି ଚାଲ ଖେଳିଛନ୍ତି ଯେ ଦିଲ୍ଲୀପ ରାୟ ଆଉ ବିଜେପିରୁ ପ୍ରାର୍ଥୀ ହୋଇପାରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ନବୀନଙ୍କ ଗୋଟି ଚାଳନାରେ ଦିଲ୍ଲୀପ ରାୟ ପ୍ରାର୍ଥୀ ହେବା ବାଟ ବନ୍ଦ ହୋଇଯାଇଥିବା ଚର୍ଚ୍ଚା ହେଉଛି।

ଗତ ୨୦୦୨ରେ ନବୀନ ପଟ୍ଟନାୟକ ମେଣ୍ଟ ସରକାରରେ ଥିବା ବେଳେ ଦିଲ୍ଲୀପ ରାୟଙ୍କୁ ପ୍ରାର୍ଥୀ କରିନଥିଲେ। କିନ୍ତୁ ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ପର୍ଯ୍ୟନ୍ତ ଗୁଇନ୍ଦା ଦିଲ୍ଲୀପ ରାୟଙ୍କ ଗତିବିଧି ଉପରେ ନଜର ରଖିଥାନ୍ତି। ସେ ସମୟରେ ଗୁଇନ୍ଦା ବିଭାଗର ଡିଆଇଜି ଥିଲେ ଆଇପିଏସ ଅଫିସର ପ୍ରଦୀପ କାପୁର ଓ ଭୁବନେଶ୍ୱର ଏସପି ଥାଆନ୍ତି ଅରୁଣ ଷଡ଼ଙ୍ଗୀ। ନିର୍ଦ୍ଦିଷ୍ଟ ଭାବେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏସପି ଭାବେ ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଥିଲେ ଯେ ଦିଲ୍ଲୀପ ରାୟ ପ୍ରାର୍ଥିପତ୍ର ଦାଖଲ କରିବେ। କିନ୍ତୁ ଗୁଇନ୍ଦା ଡିଆଇଜି ଦିଲ୍ଲୀପଙ୍କ ପଛରେ ଲୋକ ଲଗାଯାଇଛି, ସେ କଲିକତାରୁ ଟ୍ରେନରେ ଆସୁଛନ୍ତି, ତେଣୁ ପହଞ୍ଚିପାରିବେ ନାହିଁ ଏମିତି କେତେ କ'ଣ ସୂଚନା ଦେଲେ।

ହେଲେ ସମସ୍ତଙ୍କୁ ଚକମା ଦେଇ ସେ ସମୟରେ ଦିଲ୍ଲୀପ ରାୟ ପ୍ରାର୍ଥିପତ୍ର ଦାଖଲ କଲେ ଏବଂ ବିଜେପି, ବିଜେଡି ଓ କଂଗ୍ରେସ ତିନି ଦଳରୁ ୧୫ ଜଣ ବିଧାୟକ ତାଙ୍କ ପାଇଁ କ୍ରସ ଭୋଟିଂ କଲେ ଏବଂ ଦିଲ୍ଲୀପ ଜିତିଲେ। ଏଥିପାଇଁ ବିଜେପି ଓ କଂଗ୍ରେସ କିଛି ବିଧାୟକଙ୍କୁ ନିଲମ୍ବିତ ମଧ କରିଥିଲେ। ନବୀନ କିନ୍ତୁ ଦିଲ୍ଲୀପଙ୍କ ସେ ବିଶ୍ୱାସଘାତକତାକୁ ବୋଧହୁଏ ଏତେବର୍ଷ ହେଲା ଭୁଲିନାହାଁନ୍ତି। କାରଣ ଦିଲ୍ଲୀପ ରାୟ କେବଳ ୨୦୦୨ରେ ନୁହେଁ, ୧୯୯୮ରେ ମଧ ବିଜେଡି-ବିଜେପି ମିଳିତ ପ୍ରାର୍ଥୀ ଏୟୁ ସିଂହଦେଓଙ୍କୁ ହରେଇବାରେ ପ୍ରମୁଖ ଅସ୍ତ୍ର ସାଜିଥିଲେ। ତେଣୁ ସମୟ ଦେଖି ଏବେ ନବୀନ ଯେଉଁ ଚାଲ ➪ପୃଷ୍ଠା-୬

କଟକରେ ବିଚିତ୍ର ରାଜନୀତି

## ବାବାମାନେ ବହିଷ୍କୃତ, ପିଲାମାନେ ଜନପ୍ରତିନିଧି



**ଭୁବନେଶ୍ୱର, ୧।୩(ସଂଚାର ବ୍ୟୁରୋ):** କଟକ ରାଜନୀତିରେ ଏବେ ବିଚିତ୍ର ସ୍ଥିତି ଦେଖିବାକୁ ମିଳୁଛି। କଟକର ଦୁଇଟି ପ୍ରମୁଖ ନିର୍ବାଚନମଣ୍ଡଳୀର ଦୁଇ ନିର୍ବାଚିତ ଜନପ୍ରତିନିଧିଙ୍କ ବାପାମାନେ ନିଜ ନିଜ ଦଳରୁ ବହିଷ୍କୃତ ହୋଇଯାଇଛନ୍ତି। ହେଲେ ସେମାନଙ୍କ ଉତ୍ତରାଧିକାରୀମାନେ ସେହି ଦଳରୁ ବିଧାୟକ ଓ ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। ଯଦିଓ ସେମାନେ ନିଜ ନିଜ ଦଳ ପ୍ରତି ଓ ଦଳର ନେତାଙ୍କ ପ୍ରତି ଆନୁଗତ୍ୟ ରଖୁଥିବା କହୁଛନ୍ତି, ହେଲେ ସେମାନଙ୍କ ଭବିଷ୍ୟତ ରାଜନୈତିକ ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରବାଟୀ-କଟକ ବିଧାୟିକା ହେଉଛନ୍ତି ➪ପୃଷ୍ଠା-୬

## ତୃତୀୟ ପ୍ରାର୍ଥୀଙ୍କ ନିକଟରେ ଅଟକିଛି ବିଜେପି ଅଙ୍କ

- ଦୁଟୁନି ବିବାଦ, ୫ରେ ଘୋଷଣା
- କାଳ ହୋଇଛି ଆଗଚଲା କଥା

**ଭୁବନେଶ୍ୱର, ୧।୩(ସଂଚାର ବ୍ୟୁରୋ):** ରାଜ୍ୟ ନିର୍ବାଚନ ପ୍ରାର୍ଥୀ ଘୋଷଣାରେ ବିଜେପି ଏବେ ପଛରେ ପଡ଼ିଯାଇଛି। ଖାଲି ପଛରେ ପଡ଼ିନାହିଁ, ବରଂ ତୃତୀୟ ପ୍ରାର୍ଥୀଙ୍କ ନିକଟରେ ଦଳର ଗଣିତ ଏକପ୍ରକାର ଅଟକିଯାଇଛି। ତୃତୀୟ ପ୍ରାର୍ଥୀ ଦେଇ ନେତାମାନେ ରିସ୍କ୍ ନେବେ କି ନାହିଁ, ସେଇ ଚିନ୍ତାରେ ଥିବା ବେଳେ ବିଜେଡି-କଂଗ୍ରେସ ରଣନୀତି ସେମାନଙ୍କ ପାଇଁ ଏକପ୍ରକାର ଆହ୍ୱାନ ହୋଇଛି। ତେବେ ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି ଯେ ମାର୍ଚ୍ଚ ୫ ତାରିଖରେ ବିଜେପି ତା'ର ପ୍ରାର୍ଥୀ ଘୋଷଣା କରିବ।

ରାଜ୍ୟସଭା ନିର୍ବାଚନରେ ବିଜେପି ନିଶ୍ଚିତ ଭାବେ ତିନି ଜଣ ପ୍ରାର୍ଥୀଙ୍କୁ ଦିଲ୍ଲୀ ପଠାଇବ ବୋଲି ବିଜେପିର ରାଜ୍ୟ ପ୍ରଭାରୀଙ୍କଠାରୁ ଆରମ୍ଭ କରି ଏକାଧିକ ନେତା ଗଣମାଧ୍ୟମରେ କହିଥିଲେ। ହେଲେ ବିଜେଡି ପ୍ରାର୍ଥୀ ଘୋଷଣାର ଦିନକ ପରେ ବି ଦଳ ତା'ର ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରୁନାହିଁ। ଘନ ଘନ ବୈଠକରୁ ସେଭଳି କିଛି ନିର୍ଯ୍ୟାସ ବାହାରିପାରୁନାହିଁ। ଏଣେ କିନ୍ତୁ ବିଜେଡି-କଂଗ୍ରେସ କିଭଳି ସେମାନଙ୍କର ଭୋଟକୁ ଏକଜୁଟ କରି ରଖିବେ, ସେଥିପାଇଁ ଦିନରାତି ଏକ କରି ଦେଇଛନ୍ତି।

ତୃତୀୟ ପ୍ରାର୍ଥୀଙ୍କୁ ନେଇ ବିଜେପି ଏବେ ଅକଳରେ ଥିବା ଲକ୍ଷ୍ୟ କରାଯାଉଛି। କାରଣ ବିଧାୟକ ସଂଖ୍ୟା ଦୃଷ୍ଟିରୁ ବିଜେପି ହାତରେ ତୃତୀୟ ପ୍ରାର୍ଥୀଙ୍କୁ ଜିତାଇବାର ବଳ ନାହିଁ। ଦଳ ଯଦି ଆଗତୁରା ପ୍ରାର୍ଥୀ ଘୋଷଣା କରିଥାନ୍ତା, ତେବେ ତାକୁ ଆଗରେ ରଖି ବିଜେଡି ଓ କଂଗ୍ରେସକୁ ଭୋଟ ➪ପୃଷ୍ଠା-୬




## SIKSHA 'O' ANUSANDHAN

# SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଆତ୍ମ ବିଶ୍ୱାସ





ଡ ଚନ୍ଦ୍ରକଳା ନାୟକ

ଦୂରନ୍ତ ଟ୍ରେନରେ ଯାତ୍ରାର ଆରମ୍ଭ। ଯାତ୍ରୀ ମାନଙ୍କ ସିଟ ଗୁଡିକୁ କନଫର୍ମ କରୁ କରୁ ଟି.ଟି.ଇ ଏ.ସି ବଗି ଭିତରୁ ଗୋଟିଏ ପୁରୁଣା ଛିଣ୍ଡା ମନିପର୍ସ ପାଇଲେ। ପର୍ସଟା ଖୋଲିବାକୁ ଆଗ୍ରହ ପ୍ରକାଶ କଲେ। ଟି.ଟି.ଇଭାବିଲେ ଏ.ସି ଟୁ ଟାୟାରରେ ଯାଉଥିବା ବ୍ୟକ୍ତି ନିଶ୍ଚୟ ବହୁତ ଟଙ୍କା ଏହି ପର୍ସରେ ରଖିଥିବ। ଏଟିଏମ କାର୍ଡ ବି ଥିବ। ହେଲେ ସେହି ମନିପର୍ସ ଭିତରେ ମାତ୍ର ପାଞ୍ଚଶହ ଟଙ୍କା ଏବଂ ଶିବଙ୍କର ଏକ ଫଟୋ ଥିଲା। ଟି.ଟି.ଇ ବିରକ୍ତ ହୋଇ ଅବିଚଳିତ ଢଙ୍ଗରେ ପଚାରିଲେ, ଏ ପର୍ସ ପଡ଼ିଛି କାହାର ? ଉପରେ ଶୋଇଥିବା ବୃଦ୍ଧ ଜଣକ ଉତ୍ତର ଦେଲେ, ପୁଅ ସେଇଟା ମୋର। ଉପରକୁ ଶୋଇବା ବେଳେ ବୋଧେ ପଡ଼ି ଯାଇଛି।

ବିରକ୍ତ ସୂଚକ ମନ୍ତବ୍ୟ ଦେଇ ଟି.ଟି.ଇ ଉତ୍ତର ଦେଲେ ଉପଯୁକ୍ତ ପ୍ରମାଣ ଦେଇ ନେଇଯାଅ। ତୁଚ୍ଛାଟାରେ କହିଦେଲେ କଣ ଦେଇଦେବି। ଆପଣଙ୍କ ଏହି ପର୍ସ ବୋଲି ପ୍ରମାଣ କଣ ? ଉପରେ ବୃଦ୍ଧ ଏଥର ସ୍ମିତହାସ୍ୟ ପ୍ରକାଶ କଲେ। ଆରେ ପୁଅ ମୋ ଶିବଙ୍କ ଫଟୋଟି କଣ ଯଥେଷ୍ଟ ପ୍ରମାଣ ନୁହେଁ ? ଟି.ଟି.ଇ ଉତ୍ତର ଦେଲେ- ନାଁ ଚଳିବନି। ଗୋଟେ ଫଟୋ କେମିତି ପ୍ରମାଣ ହେବ ? ଟି.ଟି.ଇ ଏଥର ଏଇଟା କାଳେ ଗୋଟିଏ ପ୍ରମାଣ କହି ହସରେ ଉଡାଇ ଦେଲେ। ବୃଦ୍ଧଙ୍କ ନିକଟକୁ ଯାଇ କହିଲେ, ଆଚ୍ଛା ଆପଣ ନିଜ ଫଟୋ ନରଖି ଏ ନୀଳକଣ୍ଠଙ୍କୁ କାହିଁକି ରଖିଛନ୍ତି ? ବୃଦ୍ଧ ହସିକି ଉତ୍ତର ଦେଲେ, ବାପାରେ ଏ ପର୍ସରେ ମୋ ଫଟୋ ବି ଥିଲା। ଦିନ ଥିଲା, ଏଥିରେ ମୋ ବାପାଙ୍କ ସହିତ ଉଠାଇ ଥିବା ଫଟୋଟିଏ ମୁଁ ସାଇତି ରଖିଥିଲି। ହେଲେ ବାପା ଚାଲିଗଲା ପରେ ତାକୁ ବାହାର କରି ଦେଇଛି। ତା ପରେ ସେ ସ୍ଥାନ ମୋ ବୁଦ୍ଧିମତୀ ସ୍ତ୍ରୀ ନେଇଥିଲେ। ତିରିଶ ବର୍ଷ କାଳ ଏହି ଛିଣ୍ଡା ମନିପର୍ସରେ ମୋ ସ୍ତ୍ରୀଙ୍କୁ ମୁଁ ସାଇତି ରଖିଥିଲି। ମୋର ସ୍ତ୍ରୀ ଥିଲେ ଲକ୍ଷ୍ମୀ ପ୍ରତିମା। ସୁଖ ଦୁଃଖର ସାଥୀ। ହେଲେ ଗତବର୍ଷ ସେ ବି ମୋ ହାତ ଛାଡି ଆରପାରିକୁ ଚାଲିଗଲେ। ବାକି ରହିଲି ମୁଁ। ଗୋଟିଏ ବୋଲି ଝିଅ ମୋର। ଶାଶୁ ଘରେ ଦୁହିତା ଧର୍ମ ନିବାହୁଛି। ଭଲ ମନ୍ଦ ପଚାରି ବୁଝୁଛି। ହେଲେ ବାପା ପୁର ସମୟ ମୁଁ ମୋ ଭିତରେ ବଞ୍ଚିଛି। ଝିଅ କଥା କହୁ କହୁ ବୃଦ୍ଧଙ୍କ କଣ୍ଠସ୍ୱାର କ୍ଷୀଣ ହୋଇ ଆସିଥିଲା। ଆଖି କୋଣରେ ଅଦୃଶ୍ୟ ଲୁହ ଗୁଡାକ ଜକେଇ ଆସୁଥାଏ। ବାଷ୍ପରୁଦ୍ଧ କଣ୍ଠରେ କହିଲେ, ପୁଅରେ ଆଉ କିଏ ରହିଲା ମୋ ସାଥୀରେ କହିଲୁ ? ମୋର ଶେଷ ଆଶ୍ରୟ ଏହି ନୀଳକଣ୍ଠ। ମୋ ସାଥୀରେ ସବୁବେଳେ ଅଛନ୍ତି। ଆଉ କିଛି କହିବୁ ପୁଅ। ଆଉ କିଛି ପରିଚୟର ଆବଶ୍ୟକ ଅଛି କି ? ଅହଂକାରୀ ଟି.ଟି.ଇ ଅବାକ ହୋଇଗଲେ। ବୃଦ୍ଧଙ୍କର ଇଶ୍ୱରଙ୍କ ଉପରେ ଥିବା ଗଭୀର ଆତ୍ମ ବିଶ୍ୱାସ ଟି.ଟି.ଇଙ୍କୁ ବିସ୍ମିତ କରିଥିଲା। ବୃଦ୍ଧ କହିଥିଲେ, ପୁଅ ଦେଖ ସେଥିରେ ପରା ମୋର ପାଞ୍ଚଶହ ଟଙ୍କାଟିଏ ଅଛି।

ଗଭୀର ଅନୁତାପରେ ବୃଦ୍ଧଙ୍କ ନିକଟକୁ ଯାଇ ଟି.ଟି.ଇ କ୍ଷମା ପ୍ରାର୍ଥନା କରିଥିଲେ। କହିଥିଲେ- ଆପଣ ମୋ ବାପାଙ୍କ ବୟସର। ଆପଣଙ୍କୁ ଏପରି କହିଥିବାରୁ ମୁଁ ଦୁଃଖିତ। ମୋତେ ଆପଣ ପୁଅଟିଏ ଭାବି କ୍ଷମା କରିଦେବେ। ଠିକ ସେତିକି ବେଳେ ଟ୍ରେନ କଲିକତା ଷ୍ଟେସନର ପହଞ୍ଚି ସାରିଥାଏ। ବାଲେଶ୍ୱରରୁ ଆସିଥିବା ଟି.ଟି.ଇ ଙ୍କର ଏହିଠାରେ କାର୍ଯ୍ୟ ସମାପ୍ତି ହୋଇଥାଏ। ଟି.ଟି.ଇ ଜଣକ ଓହ୍ଲାଇବା ପରେ ଏକ ମୁହାଁ ହୋଇ ଷ୍ଟେସନର ବହି ଦୋକାନକୁ ଚାଲିଲେ। ବହି ଦୋକାନୀଙ୍କୁ ଜଗନ୍ନାଥଙ୍କ ଛୋଟିଆ ଫଟୋ ଖଣ୍ଡେ ଦେଖାଇବାକୁ ଅନୁରୋଧ କଲେ। ସେହି ଜଗନ୍ନାଥଙ୍କର ଫଟୋ ଖଣ୍ଡିକୁ ଟି.ଟି.ଇ ତାଙ୍କ ପର୍ସରେ ପୁରାଇ ଗଭୀର ଆତ୍ମ ବିଶ୍ୱାସର ଆଗକୁ ବଢ଼ୁଥିଲେ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ ଯାଜପୁର, ମୋବାଇଲ୍: ୯୪୩୭୯୫୭୬୧୭

# ସହିଷ୍ଣୁତା



ଶୋଭାମୟୀ ପତ୍ରୀ

ଏଇ ଶୁଣ....,
ସେ ପୁରାଣ ବଖାଣିବା ବନ୍ଦ କର ତ,
ସହିଷ୍ଣୁତା ଫହିଷ୍ଣୁତା ପାଠ ମତେ ଜମା ପଢ଼ାନା,
ମୁଁ ଯାହା ଜାଣିଛି ଯାହା ବୁଝିଛି ଠିକ୍,
ଆଜିକାଲି ଯିଏ ଯେତେ ସହିବ ତା ମୁଣ୍ଡରେ ସେତେ ଅଧିକ ପଥର ଲଦା ହବ........

ଦେଖିଲନି କି ଏଇ କେଇଟା ଦିନ ଭିତରେ ଦୁନିଆଟା କେମିତି ବଦଳିଗଲା, ବଡ଼ ବୋଲି ମୁଁ ନିଆଁରେ ମୁତିଛି ଆଉ ସିଏ ଅତି ଗେହ୍ଲା, ମୋ ପାଇଁ କେତେ କାଇଦା କଟକଣା ଆଉ ତା କଥାରେ ଉଠୁବସ୍ ,

ବାପାଲୋ ବାପାଲୋ କି ମାୟା...ଯେତିକି ଗଙ୍ଗା ଗଲି ସେତିକି ଫଳ ପାଇଲି ଆଉ ନୁହେଁ ମୋଟେ ନୁହେଁ। ଏତେଗୁଡାଏ ଶବ୍ଦ ପାଟିରୁ ବାହାରି ସରିଲା ପରେ ସିପା ଯେମିତି ଏକରକମ ଥଣ୍ଡା ବୋଧ ଅନୁଭବ କରୁଥିଲା, ତା ଅଗ୍ନି ଉଦ୍‌ଗିରଣ ସହିତ ସ୍ୱାମୀ ସମ୍ପଦର ଚୁପି ତାକୁ ସହମତି ଭଳି ଜଣା ପଡୁଥିଲା। ସେ ଗୋଡ଼ କାଟି କାଟି ଡ୍ରଇଙ୍ଗ ରୁମ୍ ରେ ପଶିଲା ଯୋଉଠି ତାଙ୍କ ପୁଅ ଶୁଭମ୍ ଖାତା ବହି ମେଲେଇ ବସିଥିଲା, ଦେଖିଲେ ଲାଗୁଥିଲା ତ ପଢ଼ିଲା ଭଳି ହେଲେ ତା ମନ ଘରର କଳି ଆଡେଥିଲା। ସିପା ରାଗ ଗରଗର ହୋଇ କୋଠରୀ ଭିତରେ ପଶି ଶୋଫା ଉପରେ ନଥ୍ କିନା ବସି ଗଲା। ଶୁଭମ୍ ବହି ପାଖରୁ ଉଠି ଆସି ମାଆ ବେକରେ ଝୁଲି ପଡି କହିଲା ମାଆ ସହିଷ୍ଣୁତା ମାନେ କଣ ?

ସିପା ବଡ଼ ବଡ଼ ଆଖି କରି ତା ଆଡେ ଚାହିଁଲା, ଶୁଭମ୍ ମାଆ ଗାଲରେ ଗାଲ ଲଗେଇ କହି ଚାଲିଲା, ଜାଣିଛ ମାଆ,କାଲି ସଂଧ୍ୟାରେ ତୁମେ ବାପା ବଜାରକୁ ଗଲା ପରେ ଜେଜେ ଜେଜେମାଆ ଏଇ କଣ ସହିଷ୍ଣୁତା ବିଷୟରେ କଥା ହେଉଥିଲେ ଆଉ ଜେଜେମାଆ କାନ୍ଦି କାନ୍ଦି କହୁଥିଲେ କି ମୋ ବଡ଼ବୋହୁର ସହିଷ୍ଣୁତା ଗୁଣ ପାଇଁ ଆଜିଯାଏ ଆମ ପରିବାର ଭଲରେ ଚାଲିଛି ଆଉ ଓଂଶର ମର୍ଯ୍ୟାଦା ଟେକ ରହିଛି ନହେଲେ ସାନ ପୁଅ ବୋହୁଙ୍କର ଯେଭଳି କାର୍ଯ୍ୟ କଳାପ କେବେ ଠାରୁ ଅପମାନରେ ମଣିଷ ମରି ଶୁଅନ୍ତାଣି, ବିଚାରିର ଖାଇବା, ପିନ୍ଧିବା, ସୌଖିନ କରିବା କୌଣସିଥିରେ ନା ଆଗ୍ରହ ନା. ଅଭିଯୋଗ କି ଦଶ ପଦରେ ପଦେ ଉତ୍ତର ନାହିଁ ହେଲେ ଆମେ ତା ପ୍ରତି ଅନ୍ୟାୟ କରି ନର୍କରେ ପଡିବା ଅପେକ୍ଷା ମୋର ଯେତେକ ଗହଣା ସବୁ ତାକୁ ଦେଇଦେବା। ଜେଜେ ଜେଜେମାଆ ଆଖିରୁ ଲୁହ ପୋଛି ଦେଇ କହୁଥିଲେ କି, ଆଗପଛ ନ ଭାବି ସେ ଆମ ଜନ୍ମିତ ଝିଅ କି ମାଆ ପରି ଆମର ସେବା ଯତ୍ନ କରୁଛି ସାତ ଜନ୍ମରେ ତା ଋଣ ସୁଝି ହବନି, ଭଗବାନ କରନ୍ତୁ ଆମେ ଆର ଜନ୍ମରେ ତାରି କୋଳରେ ଜନ୍ମ ହୋଇ ତାର ସେବା କରି ଋଣମୁକ୍ତ ହେବାର ସୁଯୋଗ ପାଉ। ଶୁଭମ୍ ର କଥା ନ ସରୁଣୁ ସିପା ତାକୁ ଟାଣିଆଣି କୁଣ୍ଢେଇ ଧରି ଜୋରରେ କାନ୍ଦି ଉଠିଲା ଆଉ କହୁଥିଲା ଧନରେ ତୁ ମୋ ଆଖି ଖୋଲିଦେଇ ମତେ ଏକ ବିରାଟ ପାପରୁ ଉଦ୍ଧାର କଲୁ। ସେ ସଙ୍ଗେସଙ୍ଗେ ରନ୍ଧା ଶାଳକୁ ଯାଇ ଶାଶୁଶ୍ୱଶୁରଙ୍କ ମନ ପସନ୍ଦର ଖାଇବା ବନେଇ ଥାଳି ସଜେଇ ସେମାନଙ୍କ ପାଖରେ ରଖିଦେଇ ଶାଶୁଙ୍କ କୋଳରେ ମୁଣ୍ଡ ଗୁଞ୍ଜିଦେଲା।

କେନ୍ଦ୍ରାପଡ଼ା

# ଭାରତୀୟ ପରମ୍ପରାରେ ଭାଇଚାରାର ପର୍ବ ହୋଲି




ଡକ୍ଟର ଲକ୍ଷ୍ମଣ ସାହୁ



ହୋଲି ପର୍ବ ହେଉଛି ରଙ୍ଗ। ଭାରତରେ ଏହି ରଙ୍ଗ ଏକ ବୈଦିକ ପବିତ୍ର ପର୍ବର ମାନ୍ୟତା ପାଇଛି। ପ୍ରାଚୀନ କାଳରୁ ପ୍ରତ୍ୟେକ ଋତୁରେ ଗୋଟିଏ ଗୋଟିଏ ପର୍ବ ପାଳନ କରିବାର ପରମ୍ପରା ରହିଆସିଛି। କିନ୍ତୁ ଋତୁରାଜ ବସନ୍ତ ଋତୁରେ ପର୍ବପର୍ବାଣୀର କ୍ଲାଇମାକ୍ସ ଦେଖାଯାଏ। ଭାରତୀୟ ପଞ୍ଜୀକୃତ ତାରିଖ ଅନୁଯାୟୀ ହୋଲି ପର୍ବକୁ ବର୍ଷର ଶେଷ ପର୍ବ କୁହାଯାଏ। ଏହି ପର୍ବ ହେଉଛି ସବୁଠାରୁ ଫାଲଗୁନ୍ ମାସର ପୂର୍ଣ୍ଣିମା ଦିନର ବଡ ପର୍ବ।

ବିଶେଷ କରି ହୋଲିରେ ନୂଆ, ଶସ୍ୟ ଫସଲ ଯଥା ଧାନ , ଚଣା , ଗହମ ନୂତନ ଖାଦ୍ୟ ଏହି ଋତୁରେ ଅମଳ ହୁଏ। ଏହି ସମୟର ଗ୍ରାମବାସୀ ଆଶାତୀତ ଫସଲ ଅମଳକରି ପ୍ରଫୁଲ୍ଲିତ ହୋଇଥାନ୍ତି। ବସନ୍ତର ଆଗମନରେ କୋଇଲିର କୁହୁକୁହୁ ତାନରେ କୃଷକ ହୃଦୟରେ ଅପୂର୍ବ ଶିହରଣ ଖେଳିଯାଏ। ସେମାନଙ୍କର ଅଧା ପାଚିଲା ଶସ୍ୟକୁ ସଂସ୍କୃତରେ 'ହୋଲାକ୍' ଓ ହିନ୍ଦୀରେ 'ହୋଲା' କୁହାଯାଏ। ହିନ୍ଦୀ ଶବ୍ଦକଳପାଦ୍ରୁମକୋଶଙ୍କ ଅନୁଯାୟୀ, 'ତ୍ରିନାଗୀ ଭ୍ରଷ୍ଟାଇପାକାଭାଶାମିଧାନମ୍ ହୋଲାକ୍' ହେଉଛି ହିନ୍ଦୀ ଭାଷା। ଭବପ୍ରକାଶଙ୍କ କହିବାନୁସାରେ ପାକଭଶ୍ମୀ ଆସିଛନ୍ତି, ଧନିଆଷ୍ଟର୍ନା ଭ୍ରଷ୍ଟ ଞହୋଲାକା ହୋଲାକୋ ପ୍ରତୀକାନିଲୋ ଭେଡା କଫାଦୋଶକଶାମାପାହ। ଅର୍ଥାତ୍, ନଡ଼ା ନିଆଁରେ ଭଜା ହୋଇଥିବା ଅଧା ରନ୍ଧା ହୋଇଥିବା ଶସ୍ୟ (ଫ୍ଲେକ୍ସ) ଖାଦ୍ୟକୁ ହୋଲା ଗା ହୋଲା କୁହାଯାଏ, ଯାହାକି ଅବସ ଥକାପଣକୁ ଭଲ କରିଦେଇଥାଏ।

ହୋଲି ନୂତନ ଉତ୍ତମ ଋତୁର ଏକ ମହୋତ୍ସବ। ଚୈତ୍ର ମାସର ବସନ୍ତ ଋତୁର ପ୍ରଥମ ଦିନରୁ ଆରମ୍ଭ ହୁଏ। ବସନ୍ତ ଆସିବା ସମୟରେ ଈଶ୍ୱରୀୟ ଅମୃତ ଭାବ ଅନୁଭବ କରିବା ସ୍ୱାଭାବିକ। ପୋଷାକ ପରିଧାନକୁ ସୂତା ଓ ରେଶମ ଦ୍ୱାରା ବଦଳାଯାଏ। ଥଣ୍ଡା କାରଣରୁ ବାହାରକୁ ଯିବାକୁ ଦ୍ୱିଧା କରୁଥିବା ଲୋକମାନେ ବର୍ତ୍ତମାନ ବିନା ଦ୍ୱିଧାରେ ବୁଲିବା ଆରମ୍ଭ କରନ୍ତି। ପରିବେଶର ନୂତନ ସୁଗନ୍ଧ ସହିତ ସମଗ୍ର ପରିବେଶ ସୁଗନ୍ଧିତ ହୋଇ ଉଠେ। ବଣ ପାହାଡ଼ର ପ୍ରତ୍ୟେକ ବୃକ୍ଷରୁ ପୁରୁଣା ପତ୍ର ଝଡି ପଡ଼େ ଓ ନୂତନ କଅଁଳ ସବୁଜ ପତ୍ରରେ ପରିବେଶ ସବୁଜିମାରେ ହସିଉଠେ। ଏହି କାରଣରୁ ସମଗ୍ର ପରିବେଶ ଖୁବ୍ ଆକର୍ଷଣୀୟ ହୋଇଯାଏ। ସମାଜରେ ସୁସ୍ଥ ଜୀବନ ଯାପନ ପାଇଁ ଜଣେ ବ୍ୟକ୍ତିଙ୍କ ଦୈନନ୍ଦିନ କାର୍ଯ୍ୟରେ ହାସ୍ୟରସ, ମଜା ଓ ଆନନ୍ଦ ଉଲ୍ଲାସର କ୍ଷୁଦ୍ର ମୁହୂର୍ତ୍ତର ଆବଶ୍ୟକ ରହିଛି। ତେଣୁ ମୁନି ଋଷି ସାଧୁ ସନ୍ୟାସୀମାନେ ବଣ କାନ୍ତରେ କରୁଥିବା ଯଜ୍ଞକୁ ଅଜୟ ଅକ୍ଷୟ ବୋଲି ଘୋଷଣା କରିଥିଲେ। ଋକ୍ ବେଦର ଗୋଟିଏ ପଦ ଅନୁଯାୟୀ ଏହା - " ନ୍ତ୍ୟାଟପୁରସେନା ହାବିଶା ଦେବ ଯଜାମାତନଭଦ୍। ଯଜୁର୍ବେଦରେ କୁହାଯାଇଛି ସେ ସମୟରେ ରାଜ ଉଆସରେ ମହାରାଣୀମାନେ ବସନ୍ତ ଋତୁର ମହକ ମଧୁରତା ଦ୍ୱାରା ଆନନ୍ଦରେ ଭାବବିହ୍ୱଳ ହୋଇ ମଧୁ ମାସରୁ ନୂତନ ବର୍ଷ ଆରମ୍ଭ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ଅନ୍ୟପକ୍ଷରେ ରଙ୍ଗ ଯୋଡିବା ପାଇଁ ପାଣି ବୋତଲ ସହିତ ବାହାରକୁ ଯିବାକୁ ହୁଏ। ସେମାନଙ୍କ ମନକୁ ଯାହା ଆସେ ତାହା କୁହନ୍ତୁ। ଏପରି ଶବ୍ଦ କହି ହାଭାନ୍ ପ୍ରଦର୍ଶନ କରି ଜଣେ ପାପୀ ହୋଇଯାଏ ହୋଲିକା। ଚୈତନ୍ୟ କୃଷ୍ଣ ପ୍ରତିପଦା ଉପରେ, ସୂର୍ଯ୍ୟୋଦୟ ପରେ, ଦୈନନ୍ଦିନ କାର୍ଯ୍ୟରୁ ଅବସର ନେବା ପରେ, ତର୍ପଣ ଇତ୍ୟାଦି କରିବା ପରେ ହୋଲିକାଙ୍କ ଉପସ୍ଥିତିରେ ପିନ୍ଧାଯାଇଥିଲା। ସେମାନେ ନିଜେ ବିଭୂତି ଲଗାଇବା ସମୟରେ ଥଟ୍ଟା ଢଙ୍ଗରେ ପରସ୍ପର ବିଷ୍ଣୁଙ୍କୁ ପ୍ରଭୁ କରିବା ଆରମ୍ଭ କରିଥିଲେ।

ସେଥିରେ ପୁନଶ୍ଚ କୁହାଯାଇଛି ଯେ ବାୟୁ ଆମ ପାଇଁ ମହୁ ପରି ପ୍ରବାହିତ ହେବା ଉଚିତ୍, ନଦୀଗୁଡ଼ିକ ମହୁ ପରି ପ୍ରବାହିତ ହେବା ଆବଶ୍ୟକ, ଔଷଧୀୟ ବୃକ୍ଷ ଗୁଡ଼ିକ ମଧୁର ହେବା ଉଚିତ୍। ତାହା ହେଉଛି ଆକାଶର ସୂର୍ଯ୍ୟ କଣିକା ଦ୍ୱାରା ପ୍ରତ୍ୟେକ ଉଦ୍ଭିଦ ମିଠା ହେବା ଉଚିତ୍। ବର୍ତ୍ତମାନର ହୋଲି କିମ୍ବା ବସନ୍ତ ମହୋତ୍ସବର ରୂପ ହଜାର ହଜାର ବର୍ଷ ପୁରୁଣା। ପ୍ରାଚୀନ ଭାରତର ପୂର୍ବ ଭାଗରେ ହୋଲି ଖେଳ ଉଦ୍ୟାନରେ ପ୍ରଚଳିତ ଥିଲା। ଅନ୍ୟ ଅର୍ଥରେ ହୋଲି ପର୍ବର ଏକ ଅଂଶ ଥିଲା। ତମପାନିନୀଙ୍କ 'ପ୍ରାଣକ୍ରିୟନା (୬.୨.୭୨) ସୂତ୍ର ହେଉଛି ପରିଚୟ ଦବା। ବାଲାୟାନ'ରେ ତାକୁ ଦେଶର ପାରମ୍ପାରିକ କ୍ରୀଡା କୁହାଯାଏ। ହୋଲି ପର୍ବ ଫାଲଗୁନ୍ ଶୁକ୍ଳ ଅଷ୍ଟାମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆଠ ଦିନ ଧରି ପାଳନ କରାଯାଇଥିଲା।

ହୋଲି ଉତ୍ସବ ନେଇ ଅନ୍ୟକ ତଥ୍ୟ ପୁରାଣରେ ରହିଛି। ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ଗୁଞ୍ଜନ। ରଙ୍ଗର ରଙ୍ଗୀନ ଖେଳ ଓ ହୋଲିକା ଦହନର ଅଗ୍ନି ଔଜ୍ଜଲ୍ୟ ଏ ଉଭୟ ଦୁଷ୍ଟ ଶକ୍ତି ଉପରେ ଶୁଭଙ୍କର ପ୍ରତୀକର ବିଜୟକୁ ଏହି ପର୍ବ ସହିତ ସମ୍ମିଳିତ କରି ରଖିଛି। ଶ୍ରୀରାଧା - ଶ୍ରୀକୃଷ୍ଣଙ୍କ ପ୍ରେମପ୍ରଣୟର ଲୀଳା, ଦୋଳ ଓ ରଙ୍ଗର ଖେଳ ବ୍ୟତୀତ ଅନ୍ୟଯେଉଁ ସବୁ ଆଖ୍ୟାନ ଉପାଖ୍ୟାନ ଏହି ଦୋଳ-ହୋଲି ଯୁଗ୍ମପର୍ବ ଦିବସ ସହିତ ସଂପୃକ୍ତ। ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେର୍ଦ୍ଧାସୁରର ମୃତ୍ୟୁର ଭଗବାନ କାରଣ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ହୋଲି ପର୍ବ ଆୟୋଜିତ ହୋଇଥିଲା।

ଅନ୍ୟ ପକ୍ଷରେ ନବ ବସନ୍ତ, କୋକିଳର କୁହୁତାନ, ଚୂତବୃକ୍ଷରେ ନବ ମୁକୁଳ, ମୃଦୁମନ୍ଦ ଶୀତଳ ସମୀରଣ ଏବଂ ଅନ୍ୟ ପକ୍ଷରେ ସତୀଙ୍କର ଅକାଳମୃତ୍ୟୁ ପରେ ରୁଦ୍ର ମହାତପସ୍ୱୀ ମହାଦେବ ଶିବ ରୂପରେ ଧ୍ୟାନମଗ୍ନ ଥିବା ସମୟରେ ଦେବ ଗଣ ତାରକାସୁରର ଅତ୍ୟାଚାରରେ ଭୀତ, ସଂତ୍ରସ୍ତ ହୋଇ ମହାଯୋଗୀ ଶିବଙ୍କର ଧ୍ୟାନ ଭାଙ୍ଗି ମଦନଙ୍କ ପଞ୍ଚଶରରେ ତାଙ୍କୁ ଆକ୍ରାନ୍ତ କରାଗଲେ ମହାଦେବ ଶିବ ପାର୍ବତୀଙ୍କ ସହିତ ମିଳିତ ହେଲେ କାର୍ତ୍ତିକେୟଙ୍କର ଜନ୍ମ ସମ୍ଭବ ବୋଲି ଇଚ୍ଛା କରୁଥିଲେ। ଯାହା ଫଳରେ କାମଦେବତା ମଦନ ଗୋଟିଏ ଗୋଟିଏ କରି ପଞ୍ଚବାଣ ନିକ୍ଷେପ କଲେ। ଯାହା ଫଳରେ ଉନ୍ମୁକ୍ତ ହେଲା ଶିବଙ୍କର ମୁଦ୍ରିତ ଚକ୍ଷୁ। କପାଳରେ ଜଳି ଉଠିଲା ତୃତୀୟ ଚକ୍ଷୁ। କାମଦେବତା ମଦନ ନିମିଷକରେ ଭସ୍ମୀଭୂତ ହେବାରୁ ଉଚ୍ଚସ୍ୱରରେ ବିଳାପ କରି ରତିଦେବୀ ଆବିର୍ଭାବ ହେଲେ। ନିଜର ସ୍ୱ-ଦେହ ଜ୍ୱଳନରେ ମଦନ କିନ୍ତୁ ସେଦିନ ଦେବତାଙ୍କ ସୁରକ୍ଷା ପାଇଁ ମହାଦେବଙ୍କ ମାଧ୍ୟମରେ ଏକ ଇପ୍ସିତ ଲକ୍ଷ୍ୟ ସାଧନ କରିଦେଇ ଗଲେ। କେହି କେହି କହନ୍ତି , ହୋଲିର ଦିବ୍ୟ ଦହନ କ୍ରିୟା ଏହି ଅନଙ୍ଗଙ୍କୁ ଅଗ୍ନିରେ ଦାହ କରିବାର ଏକ ପ୍ରତିଛବି।

ତେଣୁ ନଡ଼ା ଗଦାକରି ଅଇଘରା/ ଅଗିରା ଦୋଳ ପୂର୍ଣ୍ଣିମୀ ରାତିରେ ବା ହୋଲି ଉତ୍ସବରେ ଯେଉଁ ଅଗ୍ନି ଜ୍ୱଳନର ପରମ୍ପରା ଅଛି, ତାହା ଭକ୍ତ ପ୍ରହ୍ଲାଦଙ୍କ ପୌରାଣିକ ଉପାଖ୍ୟାନ ସହିତ ମଧ୍ୟ ସଂପୃକ୍ତ। ହୋଲିକା ଏକ ରାକ୍ଷସୀ ଓ ତାହାର ଦହନ ରାଜା ହିରଣ୍ୟକଶିପୁର ନାସ୍ତିକତା ପ୍ରେରିତ ଦୁଷ୍ଟ ଶକ୍ତି ଉପରେ ଭକ୍ତ ଓ ଶିଶୁ ପ୍ରହ୍ଲାଦ ପ୍ରତି ଆଶିର୍ବାଦ ପ୍ରଦାନ କରୁଥିବା ଦୈବୀଶକ୍ତିର ପ୍ରତୀକାତ୍ମକ ବିଜୟ ରୂପେ ଅନୁଷ୍ଠିତ ହୋଇଥାଏ। ପୌରାଣିକ କଥାବସ୍ତୁ ଅନୁଯାୟୀ ହୋଲିକା ଥିଲା ହିରଣ୍ୟକଶିପୁର ଭଉଣୀ- ଯେ କି ଶିବଙ୍କ ଠାରୁ ବର ପ୍ରାପ୍ତ ହେଇଥିଲା ଯେ ସେ ଜଳରେ ବୁଡ଼ିବ ନାହିଁ କି ନିଆଁରେ ପୋଡ଼ିବ ନାହିଁ। ନାସ୍ତିକତା ପ୍ରମତ୍ତ ହିରଣ୍ୟକଶିପୁକୁ ଭଗବାନ ବିଷ୍ଣୁଙ୍କ ମାୟାରେ ଶିକ୍ଷା ଦେବାପାଇଁ ହୋଲିକା ରାକ୍ଷସୀକୁ ପୁତ୍ର ପ୍ରହ୍ଲାଦ ସହିତ ଅଗ୍ନିରେ ପ୍ରବିଷ୍ଟ କରାଇଥିଲା। ସେଥିରେ ଶିଶୁ ପୁତ୍ରଟି ରକ୍ଷା ପାଇଯାଇଥିବା ବେଳେ ହୋଲିକା ଭସ୍ମୀଭୂତ ହୋଇଥିଲା।

ସେହି ଭଳି କେତେକ ଅଞ୍ଚଳରେ ମଥୁରାରୁ ପ୍ରେରିତ ଛଦ୍ମ ଖଳନାୟିକା ପୁତନାର ଗୋପପୁର ପ୍ରବେଶ ଓ ସ୍ତନ୍ୟପାନ କରାଇ କୃଷ୍ଣଙ୍କ ଉଦ୍ୟମ କାହାଣୀକୁ ହୋଲି ଉତ୍ସବ ସହିତ ଯୋଡାଯାଇଥାଏ। ପୁତନା ରାକ୍ଷସୀର ଅନ୍ତ ଓ ତାହାର ଅନ୍ତ୍ୟେଷ୍ଟିକୁ ଏହି ଅଗ୍ନି ପ୍ରଜ୍ୱଳନ ସହିତ ସଂପୃକ୍ତ। ଯେତେବେଳେ ଅସୁରରାଜା କଂସ ଶୂନ୍ୟବାଣୀ ଶୁଣିବାକୁ ପାଇଥିଲା ଯେ ତା'ର ପ୍ରକୃତ ହତ୍ୟାକାରୀ ଗୋପରେ ବଢୁଛି, ସେ ଚାହିଁଥିଲା ଗୋପପୁରର ସମସ୍ତ ଶିଶୁଙ୍କୁ କୌଶଳରେ ହତ୍ୟା କରିଦେବ। ସେଥିପାଇଁ ରାକ୍ଷସୀ ପୁତନାକୁ ପଠାଇଥିଲା। ଗୋପପୁରକୁ ନିଜ ସ୍ତନରେ ହଳାହଳ ବିଷ ପୂର୍ଣ୍ଣକରି କ୍ଷୀର ରୂପେ ପାନ କରାଇ ସମସ୍ତ ଗୋପାଳ ଶିଶୁଙ୍କ ଜୀବନ ହରଣ କରିବା ପାଇଁ। କୃଷ୍ଣ ପୁତନାର ସ୍ତନ୍ୟପାନ କରିବାର ଛଳନା କରି ଛଳନାମୟୀ ସୁନ୍ଦରୀର ପଞ୍ଚପ୍ରାଣ ଶୋଷଣ କରିଥିଲେ। ଦିବ୍ୟ ସୁନ୍ଦରୀ ରୂପ ଧାରଣ କରିଥିବା ପୁତନା ତା'ର ଅସଲ ରୂପ ପ୍ରକାଶ କରି ମୃତ୍ୟୁବରଣ କରିଥିଲା। ଶ୍ରୀକୃଷ୍ଣ ସଖାମାନଙ୍କୁ ପାଳନ କରିବା ପାଇଁ ଦୁଷ୍ଟ ନିବାରଣ କରିଥିବା ଯୋଗୁଁ ହୋଲି ବା ଦୋଳଉତ୍ସବ ପାଳିତ ହୁଏ ବୋଲି ମତ ରହିଛି।

ଏହା ସତ୍ତ୍ୱେ ଶ୍ରୀମଦ ଭାଗବତର ଗୋପଲୀଳାର ଅନ୍ୟ କେତେକ କଂସ ପ୍ରେରିତ ଅସୁର, ଅସୁରିଣୀଙ୍କ ନିଧନ ସହିତ ମଧ୍ୟ ଏହି ଦୋଳଉତ୍ସବକୁ ସଂପୃକ୍ତ କରାଯାଇଥାଏ। କିନ୍ତୁ ଗୋପଲୀଳାର ସର୍ବୋତ୍କୃଷ୍ଟ ଆଖ୍ୟାନ ରାଧାକୃଷ୍ଣ ଯୁଗଳ ମିଳନର ଏକ ସର୍ବଶ୍ରେଷ୍ଠ ଦୃଶ୍ୟ ଦୋଳିରେ ରାଧାକୃଷ୍ଣ ବା ଝୁଲଣରେ ଯୁଗଳ ମୂର୍ତ୍ତି ଏହି ପର୍ବର ପ୍ରଧାନ ଉପାସ୍ୟ ବୋଲି ଦର୍ଶାଯାଇଛି।

ହୋଲିର ପର୍ବ ହେଉଛି ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ଭାଇଚାରାର ପ୍ରତୀକ। କାରଣ ଆମର ସଂସ୍କୃତି ହେଉଛି ଆର୍ଯ୍ୟ ସଂସ୍କୃତି , ଯାହା ବସୁଧୈବ କୁଟୁମ୍ବକମ୍ ଆତ୍ମା ଉପରେ ବିଶ୍ୱାସ କରେ। ରଙ୍ଗ ଆମ ଜୀବନରେ ସଂପୂର୍ଣ୍ଣ ଭାବେ ସଂଯୁକ୍ତ। ଧର୍ମରେ ରଙ୍ଗର ଉପସ୍ଥିତି ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ। ପୂଜାପାଠ ସ୍ଥାନରେ ରଙ୍ଗୋଲି ତିଆରି କରିବା ଚିତ୍ରକଳା ସହିତ ରଙ୍ଗର ମନୋବିଜ୍ଞାନ ପ୍ରଦର୍ଶନ କରେ। କୁକମ୍, କଦଳୀ, ଫଗୁ ଅବିର୍ ଓ ମେହେନ୍ଦି ପରି ପାଞ୍ଚଟି ରଙ୍ଗ ପ୍ରତ୍ୟେକ ପୂଜାରେ ଅନ୍ତର୍ଭୁକ୍ତ। ଧାର୍ମିକ ପତାକାର ରଙ୍ଗ, ତିଲକର ରଙ୍ଗ, ଈଶ୍ୱରଙ୍କ ରଙ୍ଗ ମଧ୍ୟ ବିଶେଷ ରଖାଯାଏ। ଯାହାଦ୍ୱାରା ଧାର୍ମିକ କାର୍ଯ୍ୟକଳାପ ସମୟରେ ଆମେ ସେହି ରଙ୍ଗ ଦ୍ୱାରା ଅନୁପ୍ରାଣିତ ହୋଇପାରିବା ଓ ସେହି ରଙ୍ଗର ଗୁଣଗୁଡ଼ିକ ଆମ ଭିତରେ ଆସିପାରେ। ସୂର୍ଯ୍ୟଙ୍କ କିରଣରେ ସାତଟି ରଙ୍ଗ ଅଛି। ଯେଉଁମାନଙ୍କୁ ପୁଅମାନଙ୍କ ମଧ୍ୟରେ ରାତ୍ରି କିରଣ କୁହାଯାଏ - ସପ୍ତରଶ୍ମିର୍ଦ୍ଧମାଟମାଗି (ଋଗବେଡା ୪.୫୦.୪)। ବେଦ ଅନୁଯାୟୀ ପୃଥିବୀରେ ଦେଖାଯାଉଥିବା ସମସ୍ତ ରଙ୍ଗ କେବଳ ସୂର୍ଯ୍ୟଙ୍କ କିରଣ ଯୋଗୁଁ ଦୃଶ୍ୟମାନ ହୁଏ। ସୂର୍ଯ୍ୟଙ୍କୁ ଅର୍ଘ ପ୍ରଦାନ କରିବାର ଏକ ଧାର୍ମିକ ପରମ୍ପରା ଅଛି ଯାହା ଦ୍ୱାରା ଆମ ଶରୀର ସୂର୍ଯ୍ୟ କିରଣରୁ ରଙ୍ଗର ଶକ୍ତି ପାଇଥାଏ।

ଏହାର ମୂଳ ରୂପରେ ହୋଲି ପର୍ବ ହେଉଛି ବସନ୍ତ ବିରତି ଓ ନୂତନ ଅମଳର ପର୍ବ। ଚାଷୀଙ୍କ କଠିନ ପରିଶ୍ରମର ଫଳ ସ୍ୱରୂପ ହୋଲି ବାର୍ଟୁଟ୍ ହେଉଛି ନୂତନ ଖାଦ୍ୟର ପର୍ବ। ଦେବତାମାନଙ୍କୁ ନୂତନ ଖାଦ୍ୟ ଅର୍ପଣ କରିବାର ପରମ୍ପରା ପ୍ରାଚୀନ କାଳରୁ ଭାରତରେ ରହିଆସିଛି। ଗୀତାରେ କୁହାଯାଇଛି ଯିଏ ଦେବତାଙ୍କୁ ଉତ୍ସର୍ଗ ଅର୍ପଣ ନକରି ଖାଏ, ସେ ଜଣେ ଚୋର। ତେଣୁ ଯେତେବେଳେ ବି ନୂତନ କିଛି ଜନ୍ମ ହେଲା, ସେତେବେଳେ ବଳିଦାନ କରାଯାଇଥିଲା। ଶ୍ରୁତାସୁତ୍ରରେ ଏହି ପୂଜକଙ୍କୁ ଅଗ୍ରୟନା ଦ୍ରଷ୍ଟୀ କୁହାଯାଏ। ମନୁ ଏହାକୁ ନାଭାଶାସୀଶତି ବୋଲି କହିଛନ୍ତି। ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ହୋଲି ଭାରତରେ ଆନନ୍ଦର ପର୍ବ ଭାବରେ ପାଳନ କରାଯାଇଆସୁଛି।

ସାମାଜିକ ଦୃଷ୍ଟିରୁ ଏହା ଏକ ପର୍ବ ଭାବରେ ପରିଗଣିତ ହୋଇଛି ଯାହା ସାଧାରଣ ଜନତାଙ୍କ ପ୍ରତିବନ୍ଧକକୁ ଭାଙ୍ଗେ। କୃଷକମାନେ ଏହାକୁ ଅମଳ କରିବାର ଆନନ୍ଦ ଓ ସୁଖର ପର୍ବ ଭାବରେ ବିବେଚନା କରନ୍ତି ଓ ଭଗବାନଙ୍କ ଭକ୍ତମାନେ ଏହାକୁ ମନ୍ଦ ଉପରେ ଭଲର ବିଜୟର ପର୍ବ ବୋଲି ବିବେଚନା କରନ୍ତି। ହୋଲି ପର୍ବର ମୁଖ୍ୟ ବାର୍ତ୍ତା ହେଉଛି ମନ୍ଦ, ତିକ୍ତତା, ଦୟା ଓ ଦୁଃଖର ହୋଲି ପୋଡି ଦିଆଯିବା ଉଚିତ, ସେଗୁଡିକ ପୋଡି ଦିଆଯିବା ଉଚିତ ପ୍ରେମ, ସୌହାର୍ଦ୍ଦ୍ୟ ଓ ନୈତିକତାର ରଙ୍ଗ ସମସ୍ତଙ୍କ ଉପରେ ବୋଳିବା ଉଚିତ୍। ଏହା କୁହାଯାଇପାରେ ଯେ ହୋଲି ହେଉଛି ଜାତି, ବର୍ଣ୍ଣ , ଧର୍ମ , ସଂପ୍ରଦାୟ ଉର୍ଦ୍ଧ୍ୱରେ ରହି ପାରସ୍ପରିକ ସମନ୍ୱୟ ଓ ଭାଇଚାରାର ପର୍ବ। ହୋଲି ରଙ୍ଗରେ ପରସ୍ପରକୁ ଆଲିଙ୍ଗନ କରି ବନ୍ଧୁତା ରଖନ୍ତି। ଦୋଳ ପୂର୍ଣ୍ଣିମା ଓ ହୋଲି ମୁଖ୍ୟତଃ ଗୋପାଳ ଅଥାର୍ଥ ସମାଜର ଲୋକମାନେ ଅତି ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି ଦୋଳ ଉତ୍ସବରେ ଗୋପାଳ ଯୁବକମାନେ ବାଡି ଧରି ସାମରିକ କଳା ପ୍ରଦର୍ଶନ କରିଥାନ୍ତି , ଏହାକୁ ଲଉଡି ଖେଳ କୁହାଯାଇ ଥାଏ। ସମୟ ବଦଳେ , ହେଲେ ସମୟର ଛାୟାଚିତ୍ର ବଦଳେ ନାହିଁ। ସମୟର ଛାୟାଚିତ୍ର ରେ ଏ ରଙ୍ଗ କେବେ ବଦଳି ନାହିଁ କି ବଦଳି ପାରିବ ନାହିଁ। ଭାଇଚାରାର ରଙ୍ଗ ବର୍ଷକୁ ବର୍ଷ ସ୍ନେହ, ଶ୍ରଦ୍ଧା, ପ୍ରେମ , ଭାତୃତ୍ୱ ବନ୍ଧନର ଜୟଗାନ କରୁଥିବ।

ନିଷ୍କର୍ଷରେ ଏହା ମୁଖ୍ୟତଃ ଗ୍ରାମ ଗ୍ରାମ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ସ୍ନେହ, ସଦ୍ଭାବ ଓ ପାରମ୍ପରିକ ଭାବର ଆଦାନ ପ୍ରଦାନର ପର୍ବ ଭାବରେ ପାଳିତ ହେଉଥିବ। ତେଣୁ ଆସ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ ସହ ହୋଲିକୁ ଗ୍ରହଣ କରିନେବା...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୨ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର

Monday 2 March 2026, Bhubaneswar

# ବିଶ୍ୱଶାନ୍ତିକୁ ବିପଦ ଟ୍ରମ୍ପ ନୀତି

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ନିଜକୁ 'ଶାନ୍ତି ସ୍ରଷ୍ଟା' ବୋଲି ଘୋଷଣା କରିଥିଲେ। ନିର୍ବାଚନ ଅଭିଯାନରେ ସେ କହିଥିଲେ, "ମୁଁ କୌଣସି ଯୁଦ୍ଧ ଆରମ୍ଭ କରିବି ନାହିଁ, ଯୁଦ୍ଧ ସମାପ୍ତ କରିବି।" କିନ୍ତୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକଳାପ ଏହି ପ୍ରତିଶ୍ରୁତିକୁ



ପ୍ରତ୍ୟାଖ୍ୟାନ କରୁଛି। ଭେନିଜୁଏଲା ଉପରେ ଆକ୍ରମଣ, ଇରାନ ବିରୋଧରେ ବ୍ୟାପକ ସାମରିକ ଅଭିଯାନ ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି - ଏସବୁ ଦେଖାଇଦେଉଛି ଯେ ଟ୍ରମ୍ପ ପ୍ରଶାସନ ଯୁଦ୍ଧ ପରିସ୍ଥିତିକୁ ବଢ଼ାଇ ଚାଲିଛି। ଏହା କେବଳ ଆମେରିକାର 'ଆମେରିକା ପ୍ରଥମ' ନୀତି ନୁହେଁ, ବରଂ ବିଶ୍ୱଶାନ୍ତି ପାଇଁ ଏକ ବଡ଼ ବିପଦ।

ସବୁଠାରୁ ଉଦବେଗଜନକ ଘଟଣା ହେଉଛି ଇରାନ ଉପରେ ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲର ମିଳିତ ଆକ୍ରମଣ। ଫେବୃଆରୀ ୨୦୨୬ରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନିଙ୍କ ମୃତ୍ୟୁ ହୋଇଛି। ଟ୍ରମ୍ପ ଏହାକୁ 'ଶାସନ ପରିବର୍ତ୍ତନ'ର ଲକ୍ଷ୍ୟ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଏହା ପରିବର୍ତ୍ତେ ଇରାନ ପ୍ରତିଶୋଧ ନେଉଛି - ପର୍ସିଆନ ଗଲ୍ଫରେ ଆମେରିକୀୟ ଘାଟିଗୁଡ଼ିକୁ ଆକ୍ରମଣ, ତୈଳ ସରବରାହ ବ୍ୟାହତ ଏବଂ ଆଞ୍ଚଳିକ ଯୁଦ୍ଧର ଆଶଙ୍କା ବଢ଼ିଛି। ଟ୍ରମ୍ପ ଏହାକୁ 'ଅଭୂତପୂର୍ବ ଶକ୍ତି' ଦ୍ୱାରା ଉତ୍ତର ଦେବାର ଧମକ ଦେଇଛନ୍ତି। ଏହା କେବଳ ଇରାନ-ଇସ୍ରାଏଲ ସଂଘର୍ଷ ନୁହେଁ, ବରଂ ପୂର୍ବ ମଧ୍ୟପ୍ରାଚ୍ୟର ସ୍ଥିରତାକୁ ବିନାଶ କରୁଛି। ତୈଳ ମୂଲ୍ୟ ବୃଦ୍ଧି ପାଇଁ ଭାରତ ଭଳି ଦେଶଗୁଡ଼ିକର ଅର୍ଥନୀତି ପ୍ରଭାବିତ ହେବ।

ଏହା ସହିତ ଜାନୁଆରୀ ୨୦୨୬ରେ ଭେନିଜୁଏଲାର ରାଜଧାନୀ କାରାକାସ ଉପରେ ଆମେରିକୀୟ ବୋମା ବର୍ଷଣ ଓ ରାଷ୍ଟ୍ରପତି ନିକୋଲାସ ମାଡୁରୋଙ୍କୁ ଅପହରଣ କରିବା ଘଟଣା ଆଉ ଏକ ଉଦାହରଣ। ଟ୍ରମ୍ପ ପ୍ରଶାସନ ଏହାକୁ 'ଅପରାଧୀ ଶାସନ' ବିରୋଧରେ କାର୍ଯ୍ୟ ବୋଲି କହୁଛି, କିନ୍ତୁ ଏହା ଲାଟିନ ଆମେରିକାରେ ନୂତନ ଉତ୍ତେଜନା ସୃଷ୍ଟି କରିଛି। ଗାଜାରେ ସେ ଏକ ବିବାଦୀୟ 'ଶାନ୍ତି ଚୁକ୍ତି' ପ୍ରସ୍ତାବ ଦେଇ ପାଲେଷ୍ଟାଇନୀୟଙ୍କୁ ଅନ୍ୟ ଆରବ ଦେଶକୁ ବାଧ୍ୟ ସ୍ଥାନାନ୍ତରଣର ପରାମର୍ଶ ଦେଇଛନ୍ତି, ଯାହାକୁ ଜାତିସଂଘ ଜାତି ନିଧନ ବୋଲି ନିନ୍ଦା କରିଛି। ଯଦିଓ ଗାଜାରେ ଏକ ନାଜୁକ ଯୁଦ୍ଧବିରାମ ହୋଇଛି, କିନ୍ତୁ ଟ୍ରମ୍ପଙ୍କ ପ୍ରସ୍ତାବ ସେଠାରେ ଉତ୍ତେଜନା ବଢ଼ାଇଛି।

ୟୁକ୍ରେନ-ରୁଷିଆ ଯୁଦ୍ଧରେ ଟ୍ରମ୍ପ ରୁଷିଆକୁ ଛାଡ଼ ଦେଇ ଶାନ୍ତି ଚୁକ୍ତି ପାଇଁ ଚେଷ୍ଟା କରୁଛନ୍ତି, ଯାହାକୁ ଇଉରୋପୀୟ ମିତ୍ରମାନେ ବିରୋଧ କରୁଛନ୍ତି। ଏହା ଯୁଦ୍ଧ ସମାପ୍ତ କରିବା ନୁହେଁ, ବରଂ ଇଉକ୍ରେନକୁ ଦୁର୍ବଳ କରିବାର କୌଶଳ ବୋଲି ସମାଲୋଚନା ହେଉଛି। ଟ୍ରମ୍ପ ନିଜ ରାଷ୍ଟ୍ରକୁ ସମ୍ବୋଧନରେ ଆଠଟି ଯୁଦ୍ଧ ସମାପ୍ତ କରିଥିବାର ଦାବି କରୁଛନ୍ତି, କିନ୍ତୁ ବାସ୍ତବରେ ଇରାନ ଓ ଭେନିଜୁଏଲା ଭଳି ନୂତନ ସଂଘର୍ଷ ଆରମ୍ଭ କରିଛନ୍ତି।

ଏହି ନୀତିର ପରିଣାମ ଭୟଙ୍କର। ମଧ୍ୟପ୍ରାଚ୍ୟରେ ତୈଳ ସଙ୍କଟ, ଆଞ୍ଚଳିକ ଯୁଦ୍ଧର ଆଶଙ୍କା, ଚୀନ-ତାଇୱାନ ଉତ୍ତେଜନା ବଢ଼ିବା ଏବଂ ବିଶ୍ୱ ଅର୍ଥନୀତିର ଅସ୍ଥିରତା। ଭାରତ ପାଇଁ ଏହା ଚିନ୍ତାର ବିଷୟ - ଆମେ ଇରାନ ସହିତ ଶକ୍ତିଶାଳୀ ସମ୍ପର୍କ ରଖୁଛୁ ଏବଂ ତୈଳ ଆମଦାନି କରୁଛୁ। ଟ୍ରମ୍ପଙ୍କ ଏକତରଫା ନୀତି ବହୁପାକ୍ଷିକ କୂଟନୀତିକୁ ଦୁର୍ବଳ କରୁଛି।

ଟ୍ରମ୍ପଙ୍କ ଏହି ଯୁଦ୍ଧ ବୃଦ୍ଧି ଦେଖାଇଦେଉଛି ଯେ ଶାନ୍ତି କେବଳ ଶବ୍ଦ ନୁହେଁ, କାର୍ଯ୍ୟ ଦ୍ୱାରା ପ୍ରମାଣିତ ହୁଏ। ଜାତିସଂଘ ଓ ଆନ୍ତର୍ଜାତିକ ସମାଜକୁ ଏହି ଉତ୍ତେଜନା ରୋକିବାକୁ ତୁରନ୍ତ ହସ୍ତକ୍ଷେପ କରିବାକୁ ପଡ଼ିବ। ଅନ୍ୟଥା ବିଶ୍ୱ ଆଉ ଏକ ବଡ଼ ଯୁଦ୍ଧର ଗହ୍ୱରରେ ପଡ଼ିଯିବ। ଶାନ୍ତିର ସ୍ୱପ୍ନ ଯେପରି ସତ ହେବା ଉଚିତ୍, ସେପରି ଯୁଦ୍ଧର ଆଶଙ୍କାକୁ ବି ପ୍ରତିହତ କରିବା ଦରକାର। ଟ୍ରମ୍ପଙ୍କ ନୀତି ଏହି ସତ୍ୟକୁ ଆହ୍ୱାନ କରୁଛି।

# କେମିକାଲକୁ ନା ହର୍ବାଲକୁ ହଁ

**ଦିପ୍ତିମୟୀ ନାୟକ**



ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ପର୍ବପର୍ବାଣି। ଏହି ପର୍ବଗୁଡ଼ିକ ମଧ୍ୟରେ ହୋଲି ବା ଦୋଳ ପୂର୍ଣ୍ଣିମା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହା ରଙ୍ଗର ପର୍ବ, ଆନନ୍ଦର ପର୍ବ ଏବଂ ଭ୍ରାତୃଭାବର ପର୍ବ। ବସନ୍ତ ଋତୁର ମୃଦୁ ମଳୟ ଓ ଫଗୁଣର ଫଗୁ ସାରା ପୃଥିବୀକୁ ରଙ୍ଗୀନ କରିଦିଏ। କିନ୍ତୁ ଏବେ ସମୟ ବଦଳିବା ସହ ହୋଲି ଖେଳିବାର ଶୈଳୀ ମଧ୍ୟ ବଦଳିଯାଇଛି। ଆଜିକାଲି ଲୋକମାନେ ଆନନ୍ଦ ଅପେକ୍ଷା କୃତ୍ରିମତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ବଜାରରେ ମିଳୁଥିବା କ୍ଷତିକାରକ ରାସାୟନିକ ବା କେମିକାଲ ରଙ୍ଗ ଏହି ପବିତ୍ର ପର୍ବର ରୂପରେଖ ବିଗାଡ଼ି ଦେଉଛି। ଏଣୁ ବର୍ତ୍ତମାନର ସମୟ ଆହ୍ୱାନ କରୁଛି ଯେ, ଆମେ କେମିକାଲ ରଙ୍ଗକୁ ବର୍ଜନ କରି ହର୍ବାଲ ହୋଲି ବା ପ୍ରାକୃତିକ ହୋଲି ପାଳନ କରିବା ଉଚିତ।

ତେବେ ହୋଲି ପାଳନ ପଛରେ ଅନେକ ଆଧ୍ୟାତ୍ମିକ କାହାଣୀ ମଧ୍ୟ ରହିଛି। ଶ୍ରୀକୃଷ୍ଣ ଓ ରାଧାଙ୍କର ପବିତ୍ର ପ୍ରେମର ପ୍ରତୀକ ଭାବେ ବୃନ୍ଦାବନରେ ଏହି ଉତ୍ସବ ଖୁବ୍ ଧୁମଧାମରେ ପାଳିତ ହୁଏ। ସେହିପରି ଅସୁର ରାଜା ହିରଣ୍ୟକଶ୍ୟପର ଭଉଣୀ ହୋଲିକାର ଦହନ ଏବଂ ଭକ୍ତ ପ୍ରହ୍ଲାଦର ବିଜୟକୁ ମନେ ପକାଇ ଏହି ପର୍ବ ପାଳନ କରାଯାଏ। ପୂର୍ବକାଳରେ ଲୋକମାନେ ପ୍ରକୃତିଦତ୍ତ ଉପାଦାନ ଯଥା- ପଳାଶ ଫୁଲ, ହଳଦୀ, ଚନ୍ଦନ ଓ ବିଭିନ୍ନ ପ୍ରାକୃତିକ ପଦାର୍ଥରେ ହୋଲି ଖେଳୁଥିଲେ। ସେତେବେଳେ ହୋଲିର ଅର୍ଥ ଥିଲା ଶରୀର ଓ ମନକୁ ଶୁଦ୍ଧ କରିବା। ବିଂଶ ଶତାବ୍ଦୀର ଶେଷ ଭାଗରୁ ବଜାରରେ ଶସ୍ତା ଓ ଚମକଦାର ରଙ୍ଗର ପ୍ରାଦୁର୍ଭାବ ବଢ଼ିଛି। ଏହି ରଙ୍ଗଗୁଡ଼ିକରେ ସୀସା, ପାରଦ, କ୍ରୋମିୟମ, ଏବଂ କ୍ୟାଡମିୟମ ପରି ଭାରୀ ଧାତୁ ମିଶିଥାଏ। ଅଧିକାଂଶ ସମୟରେ ରଙ୍ଗକୁ ଚମକଦାର କରିବା ପାଇଁ ଏଥିରେ କାଚ ଗୁଣ୍ଡ ଓ ଅନ୍ୟାନ୍ୟ ଏସିଡ୍ ମଧ୍ୟ ବ୍ୟବହାର କରାଯାଏ। ଏହାର କୁପ୍ରଭାବରେ ଚର୍ମ ସମସ୍ୟା,ଆଖି ଉପରେ ପ୍ରଭାବ,ଶ୍ୱାସକ୍ରିୟା ସମସ୍ୟା,ପରିବେଶ ଉପରେ କୁପ୍ରଭାବ ପକାଇଥାଏ। ଯେମିତିକି ଚର୍ମ ସମସ୍ୟା ହେଲେ ଚର୍ମରେ ଆଲର୍ଜି, ଏକଜେମା, ଏବଂ ଚର୍ମ କର୍କଟ ହେବାର ଆଶଙ୍କା ଥାଏ।କେମିକାଲ ରଙ୍ଗ ଆଖିରେ ପଡ଼ିଲେ କର୍ଣ୍ଣିଆ ନଷ୍ଟ ହୋଇଯାଏ। ଯାହା ଫଳରେ ମଣିଷ ଅନ୍ଧ ମଧ୍ୟ ହୋଇପାରେ। ପାଉଡର୍ ରୂପରେ ଥିବା ରଙ୍ଗ ନିଶ୍ୱାସ ଦ୍ୱାରା ଫୁସଫୁସକୁ ଯାଇ ଆଜ୍ମା ବା ଶ୍ୱାସରୋଗ ସୃଷ୍ଟି କରେ। ହୋଲି ପରେ ଏହି ରାସାୟନିକ ରଙ୍ଗ ପାଣିରେ ମିଶି ନଦୀ ଓ ନାଳକୁ ପ୍ରଦୂଷିତ କରେ ଯାହା ଜଳଚର ଜୀବମାନଙ୍କ ପାଇଁ ମୃତ୍ୟୁଦୂତ ସଦୃଶ ହୋଇଥାଏ।

ତେବେ ହର୍ବାଲ ରଙ୍ଗ ହେଉଛି ସମ୍ପୂର୍ଣ୍ଣ ଭାବେ ଗଛଲତା, ଫୁଲ ଏବଂ ଫଳରୁ ପ୍ରସ୍ତୁତ ହୋଇଥିବା ରଙ୍ଗ। ଏଥିରେ କୌଣସି ବିଷାକ୍ତ ପଦାର୍ଥ ନଥାଏ। ଏହା ଚର୍ମ ପାଇଁ ଅତ୍ୟନ୍ତ ସୁରକ୍ଷିତ ଏବଂ ଉପକାରୀ। ହର୍ବାଲ ରଙ୍ଗର ବ୍ୟବହାର ଦ୍ୱାରା ହୋଲିର ପ୍ରକୃତ ଆନନ୍ଦ ମିଳିଥାଏ। ଏହା କେବଳ ଆମ ସ୍ୱାସ୍ଥ୍ୟ ନୁହେଁ ବରଂ ପରିବେଶକୁ ମଧ୍ୟ ସୁରକ୍ଷିତ ରଖିଥାଏ। ତେଣୁ ଘରୋଇ ଉପାୟରେ ହର୍ବାଲ ରଙ୍ଗ ପ୍ରସ୍ତୁତ କରନ୍ତୁ। ହଳଦୀ ଗୁଣ୍ଡ ସହିତ ବେସନ ବା ମଇଦା ମିଶାଇ ସୁନ୍ଦର ହଳଦିଆ ରଙ୍ଗ ପ୍ରସ୍ତୁତ କରନ୍ତୁ।ଶୁଖିଲା ମନ୍ଦାର ଫୁଲର ପାଖୁଡ଼ାକୁ ଗୁଣ୍ଡ କରି କିମ୍ବା ରକ୍ତଚନ୍ଦନ ବ୍ୟବହାର କରି ନାଲି ରଙ୍ଗ ପ୍ରସ୍ତୁତ କରନ୍ତୁ।ମେହେନ୍ଦୀ ଗୁଣ୍ଡ, ପାଳଙ୍ଗ ଶାଗର ରସ କିମ୍ବା ନିମ୍ବ ପତ୍ରର ବ୍ୟବହାର କରି ସବୁଜ ରଙ୍ଗ ପ୍ରସ୍ତୁତ କରନ୍ତୁ। ଏହା ଶରୀର ପାଇଁ ଉପକାରୀ ହୋଇଥାଏ। ବିଟକୁ ପାଣିରେ ସିଝାଇ ସେଥିରୁ ପ୍ରାକୃତିକ ବାଇଗଣୀ ରଙ୍ଗ ପ୍ରସ୍ତୁତ କରନ୍ତୁ। ଦେଖିବେ ଏହିସବୁ ରଙ୍ଗ ଆଗରେ ବଜାରର ରଙ୍ଗ ଫିକା ପଡ଼ିଯିବ। କେବଳ ନିଜେ ସୁରକ୍ଷିତ ରହିଲେ ହେବ ନାହିଁ ବରଂ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ପଡ଼ିବ। ଗାଁରୁ ସହର ସବୁଠି କେମିକାଲକୁ ନା, ହର୍ବାଲକୁ ହଁ ସ୍ଲୋଗାନ ପହଞ୍ଚିବା ଆବଶ୍ୟକତା ରହିଛି। ବିଦ୍ୟାଳୟ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରାକୃତିକ ହୋଲିର ମହତ୍ତ୍ୱ ବୁଝାଇବା ଉଚିତ। ରଙ୍ଗ ଖେଳିବା ପୂର୍ବରୁ ସାରା ଶରୀରରେ ନଡ଼ିଆ ତେଲ ବା ମୋଇସ୍ଚରାଇଜର୍ ଲଗାନ୍ତୁ। ଆଖିରେ ଚଷମା ପିନ୍ଧନ୍ତୁ ଯେପରି ରଙ୍ଗ ଭିତରକୁ ନଯାଏ। ପାଣି ନଷ୍ଟ କରନ୍ତୁ ନାହିଁ କାରଣ ହୋଲିରେ ଅତ୍ୟଧିକ ପାଣିର ଅପବ୍ୟୟ ଏକ ଗମ୍ଭୀର ସମସ୍ୟା ହୋଇଥାଏ। ପଶୁପକ୍ଷୀଙ୍କ ଉପରେ ରଙ୍ଗ ପକାନ୍ତୁ ନାହିଁ କାରଣ ଏହି କେମିକାଲ ସେମାନଙ୍କ ପାଇଁ ପ୍ରାଣଘାତୀ ହୋଇଥାଏ। ତେବେ ହୋଲି ହେଉଛି ସମ୍ପର୍କର ରଙ୍ଗ। ଏହି ପର୍ବରେ କ୍ରୋଧ, ହିଂସା ଓ ଅହଂକାରକୁ ଭୁଲି ଏକ ନୂତନ ଜୀବନ ଆରମ୍ଭ କରିବାର ସଂକଳ୍ପ ନିଆଯାଏ। ତେଣୁ ଏହି ରଙ୍ଗୀନ ପର୍ବ ଯେମିତି କାହାର ଦୁଃଖର କାରଣ ନହୁଏ ସେଥିପ୍ରତି ଆମେ ସତର୍କ ରହିବା ଉଚିତ। କେମିକାଲ ରଙ୍ଗକୁ ବର୍ଜନ କରି ହର୍ବାଲ ରଙ୍ଗରେ ହୋଲି ଖେଳିଲେ ପ୍ରକୃତି ମଧ୍ୟ ଖୁସି ହେବ ଏବଂ ଆମ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ଆସନ୍ତୁ ଏହି ବର୍ଷ ହୋଲିରେ ଆମେ ସ୍ନେହର ରଙ୍ଗରେ ରଙ୍ଗୀନ ହେବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା।

ଯୁବ ସାମ୍ବାଦିକା ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ସ୍ମୃତିର ସନ୍ତରଣ: ମାନବ ଜୀବନର ଏକ ଅନ୍ତହୀନ ଯାତ୍ରା



**ମାନସ କୁମାର କର**



ମାନବ ଅସ୍ତିତ୍ୱର ପରିଧି ଭିତରେ 'ସ୍ମୃତି' କେବଳ ଏକ ଅତୀତର ଘଟଣାବଳୀ ନୁହେଁ, ବରଂ ଏହା ଏକ ଜୀବନ୍ତ ସ୍ପନ୍ଦନ। ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ସ୍ମୃତିର ଏକ ନିଜସ୍ୱ ପୃଥିବୀ ଥାଏ-କେତେବେଳେ ତାହା ପ୍ରୀତିର ପୁଷ୍ପରେ ସୁରଭିତ ତ କେତେବେଳେ ବିଷାଦର କୁହୁଡ଼ିରେ ଆଚ୍ଛାଦିତ। ସୁଖର ସେହି କ୍ଷଣଗୁଡ଼ିକ, ଯେଉଁଥିରେ ମୋହ ଓ ମମତାର କିଛି ଶେଷାଂଶ ବାକି ରହିଥାଏ, ସେଗୁଡ଼ିକ ଅନେକ ସମୟରେ ଉଦାସୀନତାର ଏକ ଶୀତଳ ଆବରଣ ତଳେ ଲୁଚି ରହିଥାନ୍ତି।

ଯେତେବେଳେ ବ୍ୟକ୍ତିଗତ ସ୍ମୃତିଗୁଡ଼ିକ ସାମୂହିକତାର ସ୍ରୋତରେ ମିଶିଯାଏ, ସେତେବେଳେ ତାହା 'ଜନ-ସ୍ମୃତି' ବା ଏକ ଜାତିର ଚେତନାରେ ପରିଣତ ହୁଏ। ଜୀବନର ଏହି ଯାତ୍ରାରେ କେତେବେଳେ ସ୍ମୃତି ଏକ ରେଳଗାଡ଼ି ପରି ଆମକୁ 'ସୁଖର ଷ୍ଟେସନ'ରେ ଓହ୍ଲାଇ ଦିଏ, ତ କେତେବେଳେ ଏହା ଏକ ଏଭଳି ଦିଗହୀନ ଯାତ୍ରା ପାଲଟିଯାଏ, ଯାହାର କୌଣସି ଅନ୍ତ ନଥାଏ। ସ୍ମୃତି ସ୍ୱଭାବତଃ ସମ୍ବାଦପ୍ରିୟ; ଏହା ବ୍ୟକ୍ତିଗତ ପରିସରରୁ ବାହାରି ସାମୂହିକ ଚେତନା ଆଡ଼କୁ ଅଗ୍ରସର ହେବାର ଏକ ସୂକ୍ଷ୍ମ ମାଧ୍ୟମ।

ଇତିହାସର ପ୍ରତ୍ୟେକ ଯୁଗରେ ମଣିଷ ନିଜର ଭାବନାକୁ ଅନ୍ୟ ପାଖରେ ପହଞ୍ଚାଇବା ପାଇଁ ବ୍ୟାକୁଳ ହୋଇଛି। ଯେତେବେଳେ ବିଜ୍ଞାନର ଜୟଯାତ୍ରା ଆରମ୍ଭ ହୋଇନଥିଲା, ସେତେବେଳେ ପ୍ରକୃତି ହିଁ ଥିଲା ସମ୍ପ୍ରେଷଣର ଶ୍ରେଷ୍ଠ ଆଧାର। କେତେବେଳେ ପାରା ପକ୍ଷୀର ଡେଣାରେ ତ କେତେବେଳେ ଶ୍ୟାମଳ ମେଘମାଳାରେ ଚିଠି ପଠାଯାଉଥିଲା। କିନ୍ତୁ ପ୍ରକୃତିର ସେହି ମାଧ୍ୟମଗୁଡ଼ିକ ମଣିଷର ଜଟିଳ ଭାଷା ଓ ଅନ୍ତର୍ନିହିତ ଆବେଗକୁ ସମ୍ପୂର୍ଣ୍ଣ ରୂପେ ବୁଝିବାରେ ସମର୍ଥ ନଥିଲେ।

ଆଜିର ବିଜ୍ଞାନ ସମ୍ବାଦ ପଠାଇବା ପାଇଁ ଅନେକ ସୂକ୍ଷ୍ମ ଉପକରଣ ଉଦ୍ଭାବନ କରିଛି। ସମ୍ପ୍ରେଷଣ ଆଜି ଅତି ସହଜ ହୋଇଯାଇଛି ସତ, କିନ୍ତୁ ଏଥିସହିତ ବିଚାରର ଗଭୀରତା ଓ ପରିପକ୍ୱତା ଯେମିତି ହଜିଯାଇଛି। 'ଅପେକ୍ଷା' ମଣିଷକୁ ବ୍ୟାକୁଳ କରେ, କିନ୍ତୁ ସେହି ଅପେକ୍ଷା ହିଁ ମଣିଷକୁ ଭିତରୁ ଧୈର୍ଯ୍ୟବାନ ହେବା ଶିଖାଏ। ଯାନ୍ତ୍ରିକ ଦ୍ରୁତତା ଆମଠାରୁ ସେହି ଧୈର୍ଯ୍ୟକୁ ଛଡ଼ାଇ ନେଇଛି।

ଆମେ ନିଜକୁ ବୁଦ୍ଧିଜୀବୀ କହି ଗର୍ବ କରୁ, କିନ୍ତୁ ପ୍ରକୃତ ବୌଦ୍ଧିକତା କେବଳ ଶବ୍ଦର ବ୍ୟାଖ୍ୟାରେ ନଥାଏ, ତାହା ଥାଏ ନୈତିକ ଦାୟିତ୍ୱବୋଧରେ। ପ୍ରତିଦିନ ଆମ ଚାରିପାଖରେ ଅଗଣିତ ମଣିଷ ରେଳ ଓ ବସରେ ଯାତ୍ରା କରୁଛନ୍ତି। ଏହି ଅଜସ୍ର ଜୀବନ ସହ ଯୋଡ଼ି ହେଉଥିବା ଅନୁଭୂତିଗୁଡ଼ିକ ମଧ୍ୟରୁ ଆମେ କେବଳ ସେତିକି ମନେ ରଖୁ, ଯାହା ଆମର ସ୍ୱାର୍ଥ ବା ସମୟକୁ ପ୍ରଭାବିତ କରେ। ବାକି ସମସ୍ତଙ୍କୁ ଅଣଦେଖା କରିବା ଆମର ମାନବିକତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଦିଏ।

ଆଜିର ସମୟରେ 'ନାରୀବାଦ' ଶବ୍ଦଟି ଖୁବ୍ ଶୁଣିବାକୁ ମିଳୁଛି। ଏହାର ସାଧାରଣ ଅର୍ଥ ହେଉଛି ନାରୀର ଅଧିକାର, ତା'ର ସ୍ୱାଧୀନତା ଏବଂ ସମାଜରେ ତା'ର ସ୍ଥାନକୁ ନେଇ ଆଲୋଚନା। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ, ସବୁ ନାରୀଙ୍କ ପାଇଁ ଏହି 'ବିମର୍ଶ' ବା ଆଲୋଚନାର ଅର୍ଥ ସମାନ ନୁହେଁ। ଦୁନିଆରେ ଜଣେ ସ୍ୱାବଲମ୍ବୀ ବା ଆତ୍ମନିର୍ଭରଶୀଳ ନାରୀ, ଯିଏ ବାହାର ଦୁନିଆ ସହ ଲଢ଼ୁଛି, ତା'ର ଚିନ୍ତାଧାରା ଓ ସମସ୍ୟା ଗୋଟିଏ ପ୍ରକାରର। କିନ୍ତୁ ଆମ ଘରର ଚାରିକାନ୍ଥ ଭିତରେ ରହୁଥିବା ଆମ ମାଆ, ଭଉଣୀ, ଭାଉଜ ବା ପିଉସୀମାନଙ୍କ ଜୀବନର ଦର୍ଶନ ସମ୍ପୂର୍ଣ୍ଣ ଅଲଗା। ସେମାନେ ନିଜ ସୁଖ ଅପେକ୍ଷା ପରିବାରର ସୁଖକୁ ବଡ଼ ମାନନ୍ତି। ସେମାନଙ୍କ ପାଇଁ 'ଅଧିକାର' ଅପେକ୍ଷା 'ସମ୍ପର୍କ' ଅଧିକ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ବାହାର ଦୁନିଆର ନାରୀବାଦ ସହ ସେମାନଙ୍କ ଜୀବନର ମେଳ ଖାଏ ନାହିଁ।

ଆମେ ସହରର ବଡ଼ ବଡ଼ ଅଟ୍ଟାଳିକା ଦେଖୁ, କିନ୍ତୁ ସେହି ଅଟ୍ଟାଳିକା ଗଢ଼ୁଥିବା ଶ୍ରମିକ ମହିଳାଙ୍କ କଥା ଭୁଲିଯାଉ। ତାଙ୍କ ପାଇଁ ନାରୀବାଦ ବା ସ୍ୱାଧୀନତା କେବଳ ଏକ ବଡ଼ ଶବ୍ଦ ମାତ୍ର। ତାଙ୍କର ପ୍ରକୃତ ସଂଘର୍ଷ ହେଉଛି ଦୁଇ ଓଳି ଦୁଇ ମୁଠା ଖାଇବା ଏବଂ ପ୍ରତିକୂଳ ପରିସ୍ଥିତିରେ ନିଜ ଅସ୍ତିତ୍ୱକୁ ବଞ୍ଚାଇ ରଖିବା। ତାଙ୍କ ପାଖରେ ନିଜର ସୁଖ-ଦୁଃଖ ବିଷୟରେ ଚିନ୍ତା କରିବାକୁ ସମୟ ନଥାଏ।

ସବୁଠାରୁ ବଡ଼ ଦୁଃଖର କଥା ହେଉଛି, ଆମେ ସମସ୍ତେ ଗୋଟିଏ ସମାଜରେ ରହୁଛୁ, ପରସ୍ପରର ସାମ୍ନାରେ ଅଛୁ, କିନ୍ତୁ କେହି କାହାର ଦୁଃଖକୁ ବୁଝିବାକୁ ଚେଷ୍ଟା କରୁନାହୁଁ। ଜଣେ ନାରୀର ଦୁଃଖ ଅନ୍ୟ ଜଣେ ନାରୀ ବା ପୁରୁଷ ପାଇଁ ସମ୍ପୂର୍ଣ୍ଣ ଅଜଣା ହୋଇ ରହିଯାଉଛି। ଆମେ କେବଳ ସେହି ଦୁନିଆକୁ ଦେଖୁଛୁ ଯାହା ଆମ ସାମ୍ନାରେ ଅଛି, କିନ୍ତୁ ମଣିଷ ଭିତରର ପ୍ରକୃତ ଯନ୍ତ୍ରଣାକୁ ଦେଖିବା ପାଇଁ ଆମ ପାଖରେ ସମ୍ବେଦନଶୀଳତା କମିବାରେ ଲାଗିଛି। ନାରୀବାଦ କେବଳ ଭାଷଣ ବା ବହିରେ ସୀମିତ ରହିବା ଉଚିତ ନୁହେଁ। ଯେ ପର୍ଯ୍ୟନ୍ତ ଆମେ ଘରର ମାଆ-ଭଉଣୀଙ୍କ ତ୍ୟାଗ ଏବଂ ବାହାରେ କାମ କରୁଥିବା ଶ୍ରମିକ ନାରୀର କଷ୍ଟକୁ ନିଜର ବୋଲି ନ ଭାବିଛୁ, ସେ ପର୍ଯ୍ୟନ୍ତ ଏହି ନାରୀବାଦ ଅଧୁରା ପରି ମନେ ହୁଏ। ଆଧୁନିକତାର ଏହି କୋଳାହଳପୂର୍ଣ୍ଣ ଦୌଡ଼ରେ ଆମେ ନିଜ ଭିତରର ସ୍ୱର ଶୁଣିବାକୁ ଅକ୍ଷମ। ଆମେ କେବଳ ସମୟ କାଟିବା ପାଇଁ ଜୀବନ ଜିଉଁଛୁ। ଏହି ଯାନ୍ତ୍ରିକ ନିୟମିତତା ପ୍ରକୃତରେ ଏକ 'ସାମାଜିକ ଆତ୍ମହତ୍ୟା'। ଆମେ ସ୍ମୃତିର ଆଇନାରେ ନିଜକୁ ଦେଖିବାକୁ ଚାହୁଁ ସତ, କିନ୍ତୁ ସ୍ମୃତି ସହ କଥା ହେବାର ଧୈର୍ଯ୍ୟ ଆମର ନାହିଁ। ନୂଆ ନୂଆ 'ବିମର୍ଶ' ଓ ତର୍କର ସିଡ଼ି ଚଢ଼ିବା ଭିତରେ ମୂଳ ସ୍ମୃତିଟି କେଉଁଠି ହଜିଯାଏ। ଜୀବନର ସତ୍ୟ ବହୁତ ସରଳ। ପାହାଡ଼କୁ ରଙ୍ଗ କରି ଲିପାଯାଏ ନାହିଁ, ବରଂ ଧୈର୍ଯ୍ୟର ସହ ଅତିକ୍ରମ କରାଯାଏ। ଅନ୍ଧାର ଭିତରେ ବି ଏକ ମଞ୍ଜି ର ବଢ଼ିବା ଅଟକେ ନାହିଁ; ସେ ନିଜର ଗନ୍ତବ୍ୟ ପଥ ଖୋଜିନିଏ। ଠିକ୍ ସେହିପରି, ଏହି କ୍ରୂର ଓ ଶୁଷ୍କ ସମୟରେ ଯଦିଓ ସ୍ମୃତିର ସ୍ରୋତ ଶୁଖିଯାଉଛି, ତଥାପି ଆଖିରେ କିଛି ଲୁହ ବଞ୍ଚି ରହିବା ଆବଶ୍ୟକ। ସେହି ଲୁହ ହିଁ ପ୍ରମାଣ ଦେବ ଯେ ଆମେ ଏବେ ବି 'ମଣିଷ' ହୋଇ ରହିଛୁ। ଯେତେବେଳେ ଆମ ଜୀବନରେ ପାହାଡ଼ ଭଳି ବଡ଼ ବାଧାବିଘ୍ନ ଆସେ, ଆମେ ଅନେକ ସମୟରେ ତାକୁ ଲୁଚାଇବାକୁ ଚେଷ୍ଟା କରୁ ବା ଉପରୁ ସଜାଇ ଦେଇ ଭଲ ଦେଖାଇବାକୁ ଚାହୁଁ (ଯେମିତି ପାହାଡ଼କୁ ରଙ୍ଗ କରି ଲିପିବା)। କିନ୍ତୁ ସମସ୍ୟାକୁ ଲୁଚାଇଲେ ତାହା ଶେଷ ହୁଏନାହିଁ। ପାହାଡ଼କୁ ପାର ହେବାକୁ ହେଲେ ଲିପାପୋଛା ନୁହେଁ, ବରଂ ଧୈର୍ଯ୍ୟ ଦରକାର। ଧୀରେ ଧୀରେ ପାଦ ପକାଇ ଚାଲିଲେ ହିଁ ସେହି ବଡ଼ ବିପଦକୁ ଅତିକ୍ରମ କରାଯାଇପାରେ।

ଗୋଟିଏ ଛୋଟ ମଞ୍ଜି ଯେତେବେଳେ ମାଟି ତଳେ ଥାଏ, ସେଠାରେ କେବଳ ଅନ୍ଧାର ଥାଏ। ସେହି ଅନ୍ଧାରକୁ ଦେଖି ମଞ୍ଜିଟି ଭୟ କରେନାହିଁ କି ବଢ଼ିବା ବନ୍ଦ କରେନାହିଁ। ସେ ମାଟିକୁ ଚିରି ଉପରକୁ ଆସିବା ପାଇଁ ରାସ୍ତା ଖୋଜିନିଏ। ଠିକ୍ ସେହିପରି, ଜୀବନରେ ଯେତେ ଦୁଃଖ ବା ଅନ୍ଧାର ଆସିଲେ ମଧ୍ୟ ମଣିଷ ଭିତରେ ଥିବା ଆଶାର ଅଙ୍କୁର ବଢ଼ିବା ଉଚିତ। ଆମେ ଯଦି ଚେଷ୍ଟା କରିବା, ଅନ୍ଧାର ଭିତରୁ ବି ଆଲୋକର ପଥ ମିଳିଯିବ। ଆଜିର ଦୁନିଆ ବହୁତ ଯାନ୍ତ୍ରିକ ଏବଂ କଠୋର ହୋଇଗଲାଣି। ଲୋକମାନେ ନିଜର ପୁରୁଣା ସ୍ମୃତି, ସମ୍ପର୍କ ଏବଂ ଭାବନାକୁ ଭୁଲିବାରେ ଲାଗିଛନ୍ତି। ଏହି 'ଶୁଷ୍କ ସମୟ'ରେ ଯଦି ଆମ ଆଖିରେ କାହା ପାଇଁ ଟିକେ ଲୁହ ବାହାରୁଛି, ତେବେ ଜାଣିବାକୁ ହେବ ଯେ ଆମେ ଭିତରୁ ମରିନାହୁଁ।

ଲୁହ କେବଳ ଦୁଃଖର ପ୍ରତୀକ ନୁହେଁ, ଏହା ହେଉଛି ଆମ ଭିତରେ ଥିବା ଦୟା, କ୍ଷମା ଏବଂ ସମ୍ବେଦନଶୀଳତାର ପ୍ରମାଣ। ଯାହାର ହୃଦୟ କୋମଳ, ସିଏ ହିଁ କାନ୍ଦିପାରେ। ଯନ୍ତ୍ର କେବେ କାନ୍ଦିପାରେ ନାହିଁ। ଯଦି ଆମେ ଅନ୍ୟର ଦୁଃଖରେ ଦୁଃଖୀ ହେଉଛୁ ବା ନିଜର ପୁରୁଣା ସ୍ମୃତିକୁ ମନେ ପକାଇ ଆଖି ଓଦା କରୁଛୁ, ତେବେ ଏହା ହିଁ ପ୍ରମାଣ ଦିଏ ଯେ ଆମେ 'ମଣିଷ' ହୋଇ ରହିଛୁ, ରୋବଟ୍ ହୋଇନାହୁଁ। ଜୀବନର ବଡ଼ ବଡ଼ ସମସ୍ୟାକୁ ଧୈର୍ଯ୍ୟର ସହ ସାମ୍ନା କରିବା ସହିତ, ଖରାପ ସମୟରେ ହାର୍ ନମାନି ଛୋଟ ଗଛ ପରି ରାସ୍ତା ଖୋଜିବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଜ ଭିତରର କୋମଳତାକୁ ହରାଇବାକୁ ନଦେଇ,ଆଖିରେ ଟିକେ ଲୁହ ବଞ୍ଚି ରହିବା ମାନେ ଆମ ଭିତରେ ମଣିଷପଣିଆ ବଞ୍ଚି ରହିଛି।

କୋଟାଙ୍ଗ, କୋଣାର୍କ
ମୋବାଇଲ୍: ୭୩୮୧୩୮୨୨୧୦

# ମୋବାଇଲ ଛାଡ, ବହି ଧର

**ସୁବାସ ଷଡଙ୍ଗୀ**



ଆଜିକାଲି ମୋବାଇଲ ଫୋନକୁ ଛାଡି ଜୀବନର କଳ୍ପନା କରିବା ସମ୍ଭବ ନୁହେଁ। ପିଲାଙ୍କ ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କର ଏକମାତ୍ର ସାଥୀ ମୋବାଇଲ। ପାଠ ପଢ଼ା ଠାରୁ ଆରମ୍ଭ କରି ଦେଶ ଦୁନିଆର ଖବର ଜାଣିବାର ଏକମାତ୍ର ମାଧ୍ୟମ ହେଲା ମୋବାଇଲ। ଏଣୁ କିପରି ଭାବରେ ପିଲାଙ୍କ ଠାରୁ ମୋବାଇଲକୁ ଦୂରେଇ ଦିଆଯିବ, ସେ ନେଇ ସରକାରଙ୍କ ଚିନ୍ତା। ନିକଟରେ କର୍ଣ୍ଣାଟକ ସରକାର ସେମାନଙ୍କ ଛାତ୍ରମାନଙ୍କୁ ମୋବାଇଲ ଛାଡି ବହି ପଢ଼ିବାକୁ ପରାମର୍ଶ ଦେଇଛନ୍ତି। ସରକାରଙ୍କ ବାର୍ତ୍ତା ହେଉଛି 'ମୋବାଇଲ ଛାଡ, ବହି ଧର'। କେବଳ ସେତିକି ନୁହେଁ, ଷୋହଳ ବର୍ଷରୁ କମ ବୟସର ପିଲାମାନେ ମୋବାଇଲ ଧରି ପାରିବେ ନାହିଁ, ସେ ନେଇ ସରକାର ଏକ ନିୟମ ପ୍ରଣୟନ କରିବା କଥା ପ୍ରକାଶ କରିଛନ୍ତି। ଆଗାମୀ ପ୍ରଜନ୍ମ ପାଇଁ ଏଭଳି ନିୟମ ନିହାତି ଦରକାର। ଅନିୟମିତ ମୋବାଇଲ ବ୍ୟବହାର, ବିଶେଷ କରି ସମାଜ ମାଧ୍ୟମ ବହୁଳ ଅପବ୍ୟବହାର ଏବେ ସବୁଠାରୁ ବଡ ଚିନ୍ତା। ପିଲାମାନେ ଖାଇବା ସମୟରେ ମଧ୍ୟ ମୋବାଇଲ ବ୍ୟବହାର କରୁନ୍ତି, ନହେଲେ, ସେମାନେ ଠିକ ଭାବରେ ଖାଇ ପାରୁ ନାହାନ୍ତି ବୋଲି ସେମାନଙ୍କ ମା'ମାନଙ୍କ ପାଲଟା ଅଭିଯୋଗ। ପିଲାମାନେ ଦୀର୍ଘ ସମୟ ଧରି ମୋବାଇଲ ବ୍ୟବହାର କରିବା ଫଳରେ, ସେମାନଙ୍କର ବୌଦ୍ଧିକ ବିକାଶ କ୍ଷତିଗ୍ରସ୍ତ ହେଉନାହିଁ, ସେମାନଙ୍କ ଠାରେ ଅପରାଧ ପ୍ରବଣତା ଦେଖା ଦେଉଛି। ଦେଶର ଭବିଷ୍ୟତ ଗଢିବା ପାଇଁ, ଯେଉଁମାନେ ଆଗ୍ରହ ପ୍ରକାଶ କରିବା କଥା, ସେଇମାନେ ପିଲାଦିନୁ ଅପରାଧ ଦୁନିଆରେ ପଶିଯାଉଛନ୍ତି। ସେମାନେ ଯଦି ଖରାପ ହୋଇଯାଆନ୍ତି, ତେବେ କିପରି ଏକ ସୁସ୍ଥ ସମାଜ ଗଠିତ ହେବ? ସେମାନେ କିପରି ଏକ ନୂତନ ପିଢିର ବାର୍ତ୍ତାବହ ହେବେ? କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ସରକାର ଏଭଳି ଏକ ସମସ୍ୟାକୁ ଗୁରୁତ୍ୱ ଦେଇ ତାର ପ୍ରତିକାର ପାଇଁ ଚିନ୍ତା କରୁଛନ୍ତି, ଏଥିପାଇଁ ଉଭୟେ ସରକାର ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ନିକଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତି ସମ୍ମିଳନୀରେ ନିଜର ଉଦବେଗ ପ୍ରକାଶ କରି କହିଛନ୍ତି, 'ଅପ୍ରାପ୍ତ ବୟସ୍କମାନଙ୍କ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା, ଅପରାଧ ପ୍ରବଣତା ହ୍ରାସ ଏବଂ ସାମାଜିକ ଅବକ୍ଷୟକୁ ରୋକିବା ପାଇଁ ମୋବାଇଲର ବ୍ୟବହାରକୁ କମ




କରିବା ପାଇଁ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ କିଭଳି ପଦକ୍ଷେପ ନିଆଯାଇପାରିବ, ସେ ଦିଗରେ ଚିନ୍ତା କରିବାକୁ ଆହ୍ୱାନ ଦେଇଛନ୍ତି। ଆନ୍ଧ୍ର ପ୍ରଦେଶ ସରକାର ମଧ୍ୟ ପିଲାମାନଙ୍କ ମୋବାଇଲ ବ୍ୟବହାର ଉପରେ କଟକଣା ଲଗାଇବା ପାଇଁ ଆବଶ୍ୟକୀୟ ଆଇନ ଆଣିବାକୁ ଘୋଷଣା କରିଛନ୍ତି। ତେବେ ଭାରତର ଏଇ ଦୁଇଦେଶ ଯେ ଏ ଦିଗରେ ପ୍ରଥମ ପଦକ୍ଷେପ ନେଇଛନ୍ତି, ତାହା ନୁହେଁ। ବସ୍ତୁତଃ, କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିବା ମୂଳରେ ରହିଛି, ଅଷ୍ଟ୍ରେଲିଆ ସରକାରଙ୍କ ସିଦ୍ଧାନ୍ତ। ଅଷ୍ଟ୍ରେଲିଆ ହେଉଛି ବିଶ୍ୱର ପ୍ରଥମ ଦେଶ, ଯେଉଁ ଦେଶରେ ଷୋହଳ ବର୍ଷରୁ କମ ବୟସର ପିଲାମାନେ ମୋବାଇଲ ଫୋନ ବ୍ୟବହାର କରିପାରିବେ ନାହିଁ ବୋଲି କଟକଣା ଜାରି କରିଛନ୍ତି। ସେ ଦେଶର ଯୋଗାଯୋଗ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ 'ପିଲାମାନଙ୍କୁ ଅନଲାଇନ ସୁରକ୍ଷା ପ୍ରଦାନ କରିବା ଏବେ ଅଭିଭାବକମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ଜନପ୍ରିୟ ସମାଜ ମାଧ୍ୟମ ପ୍ଲାଟଫର୍ମ ଗୁଡିକର ଦେଖାରୁ ଅଭିଭାବକମାନେ ସେମାନଙ୍କ ପିଲାକୁ ଅଟକାଇ ନପାରିଲେ, ସେମାନଙ୍କ ଉପରେ ପଚାଶ ମିଲିୟନ ଅଷ୍ଟ୍ରେଲିଆ ଡଲାର ଜରିମାନ ଆଦାୟ କରାଯିବ।

ଫ୍ରାନ୍ସ ମଧ୍ୟ ପନ୍ଦର ବର୍ଷରୁ କମ ବୟସର ପିଲାମାନଙ୍କ ମୋବାଇଲ ବ୍ୟବହାର ଉପରେ କଟକଣା ଜାରି କରିବା କଥା ଘୋଷଣା କରିଛି। ଡେନମାର୍କ, ମାଲେସିଆ ଓ ନରୱେ ଭଳି ଦେଶମାନେ ମଧ୍ୟ ସେମାନଙ୍କ କିଶୋରକିଶୋରୀମାନଙ୍କ ପାଇଁ ମୋବାଇଲ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନେ ଆଜିକାଲି ଅଧିକ ସମାଜ ମାଧ୍ୟମପ୍ରିୟ ହୋଇଉଠୁଛନ୍ତି। ଖାଇବା ସମୟରେ ମୋବାଇଲ ନଦେଖିଲେ ନିଦ ଆସୁନାହିଁ। ଏହା ଏକ ଖରାପ ଅଭ୍ୟାସ। ମୋବାଇଲ ଉପରେ ଅଧିକ ନିର୍ଭରଶୀଳ ହୋଇ ଉଠିବା ଫଳରେ ବହି ପଢ଼ିବାର ଆଗ୍ରହ, ସେମାନଙ୍କଠାରେ କମିବାରେ ଲାଗିଛି, ଏହା କ୍ଷତିକାରକ। ସମାଜ ମାଧ୍ୟ ପ୍ରତି ପିଲାମାନଙ୍କ ଅହେତୁକ ଆକର୍ଷଣ ଏବେ ରୋଗରେ ପରିଣତ ହେଲାଣି। ଯାହାଫଳରେ ପିଲାମାନେ ଏବେ ନିଦ୍ରାହୀନତା, ଅବସାଦ ଓ ମାନସିକ ଦୁର୍ବଳତା ଭଳି ସମସ୍ୟାରେ ପଡୁଛନ୍ତି।

ତେବେ କେବଳ ଆଇନ ପ୍ରଣୟନ ବା ଦଣ୍ଡ ଦେବାର ବ୍ୟବସ୍ଥା କରିଦେଲେ ସମସ୍ୟାର ସମାଧାନ ସମ୍ଭବ ନୁହେଁ। ବରଂ ପ୍ରଯୁକ୍ତିଗତ ଭାବେ ଡିଜିଟାଲ ବ୍ୟବହାର ଧରିବା ନେଇ ବ୍ୟବସ୍ଥା ହେବା ଦରକାର। କାରଣ ସମାଜ ମାଧ୍ୟମ ନିୟନ୍ତ୍ରଣ ଓ ମୋବାଇଲ ଫୋନ ନିୟନ୍ତ୍ରଣ ଏକାକଥା ନୁହେଁ।

ସବୁଠାର ବଡ କଥା ହେଲା, କରୋନା ସମୟରେ ଏବଂ କରୋନା ପରବର୍ତ୍ତୀ କାଳରେ ପିଲାଙ୍କ ପାଠ ପଢ଼ାର ଏକ ମାତ୍ର ମାଧ୍ୟମ ରୂପେ ମୋବାଇଲ ଫୋନର ବ୍ୟବହାର ବଢ଼ିଯାଇଥିଲା। ସେ ସମୟରେ ଡିଜିଟାଲ ଶିକ୍ଷାକୁ ସମଗ୍ର ବିଶ୍ୱ ଗ୍ରହଣ କରିନେଇଥିଲା। ଏବେ ଏତେ ସହଜରେ ଏହାର ବ୍ୟବହାରକୁ ବନ୍ଦ କରିବା ସହଜ ନୁହେଁ। ପାଶ୍ଚାତ୍ୟ ଦେଶରେ ଛୋଟ ପିଲାମାନଙ୍କ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଜାରି କରାଗଲାଣି। ଏପରିକି ଲାପଟପ ଶିକ୍ଷାକୁ ମଧ୍ୟ ବାରଣ କରାଗଲାଣି। ପୁଣି ଥରେ କାଗଜ କଲମରେ ପାଠ ପଢ଼ିବାକୁ ସରକାରୀଭାବେ ଗୁରୁତ୍ୱ ଦିଆଯାଉଛି। ପିଲାମାନଙ୍କର ଲେଖିବା ଅଭ୍ୟାସ ଡିଜିଟାଲ ଶିକ୍ଷା ଯୋଗୁଁ ଖରାପ ହୋଯାଉଛି। ଓଡ଼ିଶାରେ ସ୍କୁଲ ଗୁଡିକରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ନାହିଁ କହିଲେ ଚଳେ। କେବଳ କିଛି ଇଂରାଜି ମାଧ୍ୟମ ସ୍କୁଲକୁ ଛାଡିଦେଲେ ସରକାରୀ ସ୍କୁଲରେ ମୋଟେ ନାହିଁ। ଯେଉଁ ରାଜ୍ୟରେ ଅଧିକାଂଶ ଜାଗାରେ ସ୍କୁଲ ଘର ନାହିଁ, ସେଠାରେ ଡିଜିଟାଲ ବ୍ୟବସ୍ଥା ଏକ ସ୍ୱପ୍ନ ବୋଲି କୁହାଯାଇପାରେ। ତେବେ ଘରେ ଘରେ ପିଲାମାନେ କିନ୍ତୁ ମୋବାଇଲ ଫୋନର ବ୍ୟବହାର ଜାଣିଛନ୍ତି। ଅଭିଭାବକମାନେ ସେମାନଙ୍କ ପିଲାଙ୍କ ହାତରେ ମୋବାଇଲ ଧରାଇ ଦେଇ ନିଜ କାମ ରେ ଚାଲି ଯାଉଛନ୍ତି। ପିଲା ବି ମୋବାଇଲ ପାଇ ଖୁବ ଖୁସି। ଏଣୁ ସରକାର ଅନ୍ୟ ଦୁଇ ରାଜ୍ୟ ଭଳି ଏବେଠାରୁ ମୋବାଇଲର ବ୍ୟବହାରକୁ ନିରୁତ୍ସାହିତ କରନ୍ତୁ। ପୁରୁଣା କାଗଜ କଲମ ରେ ପାଠ ପଢ଼ାକୁ ଗୁରୁତ୍ୱ ଦିଅନ୍ତୁ। ତା ନେହେଲେ ଅନ୍ୟ ରାଜ୍ୟ ଭଳି ଆମର ପିଲାମାନେ ମଧ୍ୟ ଥରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥାକୁ ଗ୍ରହଣ କରିନେଲେ, ସେଥିରୁ ଓହରିବା କଷ୍ଟକର ହୋଇପଡ଼ିବ।

ଏଲ- ୧୦୪୯, ଡୁମଡୁମା ହାଉସିଙ୍ଗ ବୋର୍ଡ କଲୋନୀ
ଭୁବନେଶ୍ୱର-୭୫୧୦୧୯
ମୋବାଇଲ୍: ୯୪୩୯୭୫୨୩୨୨

# ଦୁବାଇ ଉପରେ ଘନ ଘନ ମିସାଇଲ୍ ମାଡ଼



## ସୁରକ୍ଷିତ ନୁହେଁ ବୁର୍ଜ ଖଲିଫା

**ଦୁବାଇ, ୧୩ଃ** ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିବା ପରେ ଇରାନ ଆଠଟି ମୁସଲିମ ଦେଶ ଉପରେ ଆକ୍ରମଣ କରିଥିଲା। ସେଗୁଡିକରେ ସଂଯୁକ୍ତ ଆରବ ଏମିରେଟ୍ସର ଦୁବାଇ ସବୁଠାରୁ ଅଧିକ କ୍ଷତି ସହିଥିଲା। ଫେବୃଆରି ୨୮ ତାରିଖରେ ଇରାନ ଦୁବାଇ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା ଯାହା ଫଳରେ ବ୍ୟାପକ ଧ୍ୱଂସ ହୋଇଥିଲା ଏବଂ ସହରକୁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାକୁ ବାଧ୍ୟ କରିଥିଲା। ଏହି ଆକ୍ରମଣରେ ଅତି କମରେ ଦୁଇ ଜଣ ଲୋକ ପ୍ରାଣ ହରାଇଥିଲେ।

ଆଶ୍ଚର୍ଯ୍ୟର କଥା ହେଉଛି ଦୁବାଇରେ କୌଣସି ଆମେରିକୀୟ ସାମରିକ ଘାଟି ନାହିଁ ତଥାପି ପ୍ରଶ୍ନ ଉଠେ ଯେ ଇରାନ ଏହାକୁ କାହିଁକି ଟାର୍ଗେଟ କରୁଛି ? ବିଶେଷଜ୍ଞମାନେ କୁହନ୍ତି ଯେ ଏହା ମୁଖ୍ୟତଃ ଆର୍ଥିକ ଏବଂ ରଣନୈତିକ ଶକ୍ତି ଯୋଗୁଁ ଇରାନ ଦୁବାଇକୁ ଟାର୍ଗେଟ କରୁଛି। ୨୦୧୫ ରୁ ୨୦୨୪ ଭିତରେ ଦୁବାଇ ପ୍ରାୟ ୨୧.୭ ବିଲିୟନ ଡଲାର ଆମେରିକୀୟ ନିବେଶ ପାଇଥିଲା। ଏହି ସହରରେ ୧୫୦୦ ରୁ ଅଧିକ ଆମେରିକୀୟ କମ୍ପାନୀର କାର୍ଯ୍ୟାଳୟ ଅଛି ଯେଉଁଥିରେ ବୋଇଂ, ମାଇକ୍ରୋସଫ୍ଟ, ଆଇବିଏମ୍ ଏବଂ ଗୁଗୁଲ୍ ଭଳି ପ୍ରମୁଖ ନାମ ଅନ୍ତର୍ଭୁକ୍ତ। ୨୦୨୪ ମସିହାରେ ଆମେରିକା ଏବଂ ୟୁଏଇ ମଧ୍ୟରେ ବାଣିଜ୍ୟ ପ୍ରାୟ ୩୪.୪ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଥିଲା।

ଦୁବାଇର ଜେବେଲ ଅଲି ବନ୍ଦର ମଧ୍ୟ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ବିଶ୍ୱର ସର୍ବବୃହତ ମାନବ ନିର୍ମିତ ବନ୍ଦର ଏବଂ ଏଠାରେ ଆମେରିକୀୟ ଯୁଦ୍ଧଜାହାଜ ମଧ୍ୟ ରହିପାରିବ। ତେଣୁ ଦୁବାଇ ଉପରେ ଆକ୍ରମଣ କରି ଇରାନ ଆମେରିକୀୟ ମିତ୍ର ରାଷ୍ଟ୍ର ଏବଂ ସେମାନଙ୍କର ବ୍ୟବସାୟ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରିଥିଲା। ଇରାନ ୧୩୭ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୨୦୯ଟି ଡ୍ରୋନ ନିକ୍ଷେପ କରିଥିଲା। ଇରାନର ରଣନୀତି ଅର୍ଥନୈତିକ କ୍ଷତି ଉପରେ ଆଧାରିତ। ଯଦି ଇରାନ ଶାସନ ସଙ୍କଟର ସମ୍ମୁଖୀନ ହୁଏ ତେବେ ଏହା ୟୁଏଇ ଏବଂ ସାଉଦି ଆରବ ଭଳି ଧନୀ ପଡ଼ୋଶୀ ଦେଶଗୁଡ଼ିକୁ ଆର୍ଥିକ କ୍ଷତି ପହଞ୍ଚାଇବାକୁ ଯୋଜନା କରୁଛି। ଦୁବାଇର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଯେପରିକି ପାମ୍ ଜୁମେରା ଏବଂ ବୁର୍ଜ ଖଲିଫା ଆଖପାଖ ଅଞ୍ଚଳ ଉପରେ ଆକ୍ରମଣ ସହରର ପ୍ରତିଷ୍ଠା ଏବଂ ପର୍ଯ୍ୟଟନକୁ ମଧ୍ୟ ପ୍ରଭାବିତ କରିବ।

# ଉତ୍ତର ପ୍ରଦେଶ ସହ ଖାମେନି ପୂର୍ବଜଙ୍କ ସମ୍ପର୍କ

**ଉତ୍ତର ପ୍ରଦେଶ, ୧୩ଃ** ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ, ଇସ୍ରାଏଲୀ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ଖବର ସମଗ୍ର ବିଶ୍ୱକୁ ହୋହଲାଇ ଦେଇଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିଣତ ହେବା ପରି ମନେ ହେଉଛି। ଏହି ଘଟଣା ଅନ୍ତର୍ଜାତୀୟ



ରାଜନୈତିକସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଉତ୍ତର ପ୍ରଦେଶର ବାରବାଙ୍କି ଜିଲ୍ଲାର ଏକ ଛୋଟ ଗାଁ କିନ୍ତୁର୍‌ରେ ଶୋକରେ ବୁଡ଼ି ଯାଇଛି। କିନ୍ତୁରର ଲୋକମାନେ ଶୋକ ପ୍ରକାଶ କରିଥାନ୍ତି। ଏହି ଘଟଣା ସେମାନଙ୍କ ଗାଁକୁ ବିଶ୍ୱସ୍ତରୀୟ କରିଛି।

ଗାଁ ଲୋକେ କୁହନ୍ତି, ସେମାନେ ସେମାନଙ୍କର ଐତିହାସିକ ସମ୍ପର୍କ ପାଇଁ ଗର୍ବିତ, କିନ୍ତୁ ଏପରି ଦୁଃଖଦ ଖବର ସେମାନଙ୍କୁ ହୋହଲାଇ ଦେଇଛି। ହଜାର ହଜାର କିଲୋମିଟର ଦୂରରେ ଯୁଦ୍ଧର ନିଆଁ ଜଳୁଥିବାପରେ, କିନ୍ତୁ ବାରବାଙ୍କିର ଏହି ଛୋଟ ଗାଁରେ ଏହାର ପ୍ରଭାବ ସ୍ପଷ୍ଟ ଭାବରେ ଅନୁଭୂତ ହେଉଛି।

ଖାମେନିଙ୍କ ମୃତ୍ୟୁ ପରେ ବାରବାଙ୍କିର ସିରୌଲି ଘୌସପୁର ତହସିଲରେ ଅବସ୍ଥିତ କିନ୍ତୁର ଗାଁ ହଠାତ୍ ଦୁନିଆ ସାରା ଘରେ ଘରେ ପରିଚିତ ହୋଇଯାଇଛି। ଖାମେନିଙ୍କ ଜେଜେବାପା, ସୟଦ ଅହମଦ ମୁସାଭି ହିନ୍ଦୀ, ୧୮ ଏବଂ ୧୯ ଶତାବ୍ଦୀରେ ଏହି ଗାଁରେ ରହୁଥିଲେ ବୋଲି ଜଣାପଡିଛି। ପରିବାର ନିଜର ମୂଳକୁ ବଜାୟ ରଖିବା ପାଇଁ ସେମାନଙ୍କ ନାମରେ ହିନ୍ଦୀ ଉପନାମ ଯୋଡିଥିଲେ।

ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କୁହନ୍ତି ଯେ, କିଛି ପୁରୁଣା ଦଲିଲ ଏବଂ ପୈତୃକ ଗାଥାର ସ୍ମୃତି ଏବେ ବି ରହିଛି, ଯାହା ଏହି ଐତିହାସିକ ସଂଯୋଗକୁ ପ୍ରକାଶ କରୁଛି। ଖାମେନିଙ୍କ ଉପରେ ଆକ୍ରମଣ ଏବଂ ମୃତ୍ୟୁର ଖବର ସୋସିଆଲ ମିଡିଆ ତଥା ଟିଭି ଚ୍ୟାନେଲ ମାଧ୍ୟମରେ ଗାଁରେ ପହଞ୍ଚିବା ପରେ, ଲୋକମାନେ ମନ ଦୁଃଖରେ ନିଜ ନିଜ

### ମୃତ୍ୟୁ ଖବରରେ ବାରବାଙ୍କିର କିନ୍ତୁର୍ ଗାଁରେ ଶୋକ

ଘରେ ବସି ଖବର ଦେଖୁଛନ୍ତି। ଏହି ଖବର ପାଇବା ମାତ୍ରେ କିନ୍ତୁର ଗାଁରେ ନୀରବତା ଖେଳିଯାଇଛି। ସ୍ଥାନୀୟ ବାସିନ୍ଦା ସୟଦ ନିହାଲ ମିୟାଁ ଆଖିରେ ଲୁହ ଛଳଛଳ ହୋଇ କହିଛନ୍ତି ଯେ, ଏହା କେବଳ ଇରାନ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ କ୍ଷତି ସେ କହିଛନ୍ତି, ଖାମେନି ଜଣେ ମହାନ ଧାର୍ମିକ ଏବଂ ରାଜନୈତିକ ନେତା ଭାବରେ ଜଣାଶୁଣା ଥିଲେ। ଡାକ୍ତର ହେଲାଲ କାଜମୀ ମଧ୍ୟ ଦୁଃଖ ପ୍ରକାଶ କରି କହିଛନ୍ତି, ଏହା ଏକ ବିରାଟ କ୍ଷତି। ଗାଁର ଅନେକ ଲୋକ ଏହାକୁ ଇତିହାସର ଏକ ଯନ୍ତ୍ରଣାଦାୟକ ମୁହୂର୍ତ୍ତ ବୋଲି କହିଛନ୍ତି। ଲୋକମାନେ ଏକାଠି ବସି ପୁରୁଣା ସମ୍ପର୍କ ଏବଂ ଏହି ଐତିହାସିକ ସଂଯୋଗ ବିଷୟରେ ଆଲୋଚନା କରୁଛନ୍ତି।

# ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ, ଭାରତୀୟ କ୍ରୁ ସଦସ୍ୟ ଆହତ



**ଓମାନ, ୧୩ଃ** ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଅଲି ଖାମେନିଙ୍କ ମୃତ୍ୟୁ ପରେ ବିଶ୍ୱବ୍ୟାପୀ ଅନେକ ଦେଶରେ ପ୍ରତିବାଦ ଆରମ୍ଭ ହୋଇଥିବା ସମୟରେ, ଓମାନ ରବିବାର କହିଛି ଯେ ଷ୍ଟ୍ରେଟ୍ ଅଫ ହର୍ମୁଜରେ ଏକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି, ଯେଉଁଥିରେ ଭାରତୀୟ କ୍ରୁ ସଦସ୍ୟଙ୍କ ସମେତ ଚାରି ଜଣ ନାବିକ ଆହତ ହୋଇଛନ୍ତି। ସରକାରୀ ଓମାନ ନ୍ୟୁଜ୍ ଏଜେନ୍ସି କହିଛି ଯେ ଏହି ଆକ୍ରମଣ ପାଲାଉ ପତାକାଧାରୀ ସ୍କାଏଲାଇଟ୍ ନାମକ ଜାହାଜକୁ ଟାର୍ଗେଟ କରି କରାଯାଇଥିଲା। ଏଥିରେ ଆହତ କର୍ମଚାରୀମାନଙ୍କୁ ଭାରତୀୟ ଓ ଇରାନୀ ବୋଲି ଦର୍ଶାଯାଇଛି। ଜାହାଜ ଉପରେ କିଏ ଆକ୍ରମଣ କରିଥିଲା ତାହା ସ୍ପଷ୍ଟ ନୁହେଁ, କିନ୍ତୁ ଅଧିକାରୀମାନଙ୍କ କହିବା ଅନୁଯାୟୀ, ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରଠାରୁ ଇରାନ ରେଡିଓ ମାଧ୍ୟମରେ ଏହି କରିଡର ଦେଇ ଯାଉଥିବା ଜାହାଜଗୁଡ଼ିକୁ ଧମକ ଦେଉଛି।

ଜଣେ ନୌସେନା ଅଧିକାରୀଙ୍କ ଅନୁଯାୟୀ, ଇରାନର ରିଭଲ୍ୟୁସନରୀ ଗାର୍ଡ, ଜାହାଜଗୁଡ଼ିକୁ ଚେତାବନୀ ଦେଇଛି ଯେ ଷ୍ଟ୍ରେଟ୍ ହମରୁଜ୍ ଦେଇ ଯିବାକୁ ଅନୁମତି ନାହିଁ। ଏହି ସଂକୀର୍ଣ୍ଣ ଜଳପଥରେ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ରପ୍ତାନି ହୋଇଥାଏ, କିନ୍ତୁ ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ପାଇଁ ପରିବହନ କରୁଥିବା ଜାହାଜଗୁଡ଼ିକ ପାଇଁ ଏହି ଜଳପଥ ବାରଣ କରାଯାଇଛି। ତୈଳ କାରବାରରେ ଷ୍ଟ୍ରେଟ୍ ହର୍ମୁଜ ଏସିଆ, ୟୁରୋପ, ଉତ୍ତର ଆମେରିକା ଓ ଅନ୍ୟତ୍ର ବଜାର ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ କରିଡର। ଏହି କରିଡର ଦେଇ ଯାଉଥିବା ୮୦ ପ୍ରତିଶତରୁ ଅଧିକ ତୈଳ ଓ ଗ୍ୟାସ ଏସୀୟ ବଜାରକୁ ଯାଏ। ତେଣୁ ଏହି କରିଡର ପ୍ରଭାବିତ ହେଲେ ସାରା ବିଶ୍ୱ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି କୁହାଯାଇପାରେ।

# ଦୁବାଇରେ ଫସିଛନ୍ତି ପିଭି ସିନ୍ଧୁ ଓ ବଲିଉଡ ଅଭିନେତ୍ରୀ

**ଦୁବାଇ, ୧୩ଃ** ଇରାନ ବାହାରିନରୁ ଦୁବାଇ ପର୍ଯ୍ୟନ୍ତ ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରିଛି। ଇରାନର ଆକ୍ରମଣ ଭିତରେ ଦୁବାଇ ବିମାନବନ୍ଦରରେ ବିଳମ୍ବିତ ରାତିର ପରିବେଶ ସାଧାରଣରୁ ଅଚାନକ ଭୟର ବାତାବରଣରେ ପରିଣତ ହୋଇଯାଇଥିଲା। ମିସାଇଲ୍ ଆକ୍ରମଣ ଏବଂ ବିମାନବନ୍ଦରରେ ବାରମ୍ବାର ଚେତାବନୀ ଭିତରେ ହଜାର ହଜାର ଲୋକଙ୍କ ମଧ୍ୟରେ ଡର ଦେଖିବାକୁ ମିଳିଥିଲା। ତେବେ ଏହି ଯାତ୍ରୀମାନଙ୍କ ଭିତରେ ଭାରତର ବ୍ୟାଡମିଣ୍ଟନ ଷ୍ଟାର୍ ପିଭି ସିନ୍ଧୁ ମଧ୍ୟ ଉପସ୍ଥିତ ଥିଲେ। ବିସ୍ଫୋରଣର ଶବ୍ଦ, ଉପରେ ଉଡ଼ିଥିବା ଇଣ୍ଟରସେପ୍ଟର ମିସାଇଲ୍ ଏବଂ ବିମାନ ଚଳାଚଳର ନିରନ୍ତର ବାତିଲ୍ ଏୟାରପୋର୍ଟକୁ ଯେପରି ଏକ ରଣକ୍ଷେତ୍ରର ବାତାବରଣ ଦେଉଥିଲା। ସିନ୍ଧୁ ନିଜେ ସୋସିଆଲ ମିଡିଆରେ ଏହି ଅଭିଜ୍ଞତାକୁ ଅତି ଭୟଙ୍କର ବୋଲି କହିଛନ୍ତି ଏବଂ ପରିସ୍ଥିତି ଏତେ ଶୀଘ୍ର ବିଗିଡ଼ି ଯାଇଥିଲା



ଯେ କାହାରିକୁ କିଛି ବୁଝିବାର ସୁଯୋଗ ମିଳିଲା ନାହିଁ ବୋଲି କହିଛନ୍ତି । ଏୟାରସ୍ପେସ୍ ବନ୍ଦ ଥିବାରୁ ଦୁବାଇ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ ହୋଇଯାଇଥିଲା। ଯାତ୍ରୀମାନଙ୍କର ଲମ୍ବା ଧାଡ଼ି ଭିତରେ ଅନେକ ପରିବାର ତଳେ ବସିଥିବା ଦେଖାଯାଇଥିଲା । ଫ୍ଲାଇଟ୍ ଆନାଉନ୍ସମେଣ୍ଟ୍ ବାରମ୍ବାର ପରିବର୍ତ୍ତନ ହେଉଥିଲା । ସିନ୍ଧୁ ସୋସିଆଲ ମିଡିଆରେ କହିଥିଲେ ଯେ ଏଠାରେ ଏକ ବଡ଼ ବିସ୍ଫୋରଣ ହୋଇଛି । ଯେତେବେଳେ ବିସ୍ଫୋରଣ ହେଲା ତାଙ୍କ କୋଚ୍ ପୂରା ପାଖରେ ଥିଲେ। କିନ୍ତୁ ଭଗବାନଙ୍କ କୃପାରୁ ତାଙ୍କର କିଛି ହୋଇନାହିଁ , ପୂରା ଟିମ୍ ସୁରକ୍ଷିତ ଅଛି କିନ୍ତୁ ପରିବେଶ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ଏବଂ ଅସ୍ଥିର ରହିଛି । ତେବେ ସିନ୍ଧୁ ମାର୍ଚ୍ଚ ୩ ରୁ ଆରମ୍ଭ ହେଉଥିବା ପ୍ରତିଷ୍ଠିତ ଅଲ୍ ଇଂଲଣ୍ଡ ଓପନ୍ ସୁପର ୧୦୦୦ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଇଂଲଣ୍ଡର ବର୍ମିଂହାମ ଯାତ୍ରା କରୁଥିଲେ । ଖାଲି ସିନ୍ଧୁ ନୁହେଁ ସାଉଥ୍ ଅଭିନେତା ତଥା ପ୍ରଡ୍ୟୁସର ବିଷ୍ଣୁ ମାଞ୍ଚୁ ଏବଂ ବଲିଉଡ୍ ଅଭିନେତ୍ରୀ ସୋନଲ୍ ଚୌହାନ ମଧ୍ୟ ଦୁବାଇରେ ଫସିଛନ୍ତି ।

# ଇରାନର ନୂଆ କମାଣ୍ଡର ଅହମ୍ମଦ ୱାହିଦୀ



**ତେହେରାନ, ୧୩ଃ** ଇରାନ ସରକାର ନୂଆ ସେନା କମାଣ୍ଡର ମୁଖ୍ୟ ଭାବେ ଅହମ୍ମଦ ୱାହିଦୀଙ୍କ ନାଁ ଘୋଷଣା କରାଯାଇଛି । ସରକାରୀ ବିବୃତ୍ତି ଅନୁସାରେ, ଦେଶର ସୁରକ୍ଷା ଓ ସେନା କାର୍ଯ୍ୟକଳାପକୁ ସୁଦୃଢ କରିବା ପାଇଁ ୱାହିଦୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ସେ ପୂର୍ବରୁ ଇରାନର ରକ୍ଷା ଓ ସୁରକ୍ଷା ବିଭାଗରେ ବିଭିନ୍ନ ଦାୟିତ୍ୱରେ କାମ କରିଥିଲେ।ଖାମେନେଇଙ୍କ ନିହତ ହେବା ପରେ ଇରାନର ରାଜନୈତିକ ଓ ସେନା ମଞ୍ଚରେ ଅନିଶ୍ଚିତତା ଦେଖାଦେଇଥିଲା ।

ଏମିତି ସମୟରେ ନୂଆ କମାଣ୍ଡର ନିଯୁକ୍ତିକୁ ଦେଶର ସ୍ଥିରତା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦେଖାଯାଉଛି। ସରକାର କହିଛି ଯେ, ଦେଶର ସୁରକ୍ଷା ଓ ଆନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ।ନୂତନ କମାଣ୍ଡର ଭାବେ ଅହମ୍ମଦ ୱାହିଦୀ ଦାୟିତ୍ୱ ଗ୍ରହଣ କରିବା ସହିତ ଇରାନ ସେନାର କାର୍ଯ୍ୟପ୍ରଣାଳୀ ଓ ଆଗାମୀ ରଣନୀତି କେମିତି ହେବ, ସେଥିପାଇଁ ଆନ୍ତର୍ଜାତୀୟ ମଞ୍ଚର ଦୃଷ୍ଟି ଏବେ ତେହରାନ ଉପରେ ରହିଛି।

ମଧ୍ୟ ପୂର୍ବରେ ତିବ୍ର ଉତ୍ତେଜନା ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ନିହତ ହେବା ପରେ ଦେଶର ସେନା ନେତୃତ୍ୱରେ ବଡ଼ ପରିବର୍ତ୍ତନ ଆସିଛି। ଖାମେନେଇଙ୍କ ମୃତ୍ୟୁ ଖବର ସରକାରୀ ମାଧ୍ୟମରେ ସ୍ଥିର ହେବା ସହିତ ଦେଶଜୁଡ଼ା ୪୦ ଦିନିଆ ଶୋକ ପାଳନ ଘୋଷଣା କରାଯାଇଥିଲା। ଏହା ସହ ରାଷ୍ଟ୍ରର ସୁରକ୍ଷା ବ୍ୟବସ୍ଥାକୁ ଉଚ୍ଚ ସତର୍କତାରେ ରଖାଯାଇଛି ।

# ୩୫୦ ଭାରତୀୟ ବିମାନ ବାତିଲ

**ନୂଆଦିଲ୍ଲୀ, ୧୩ଃ** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଛି। ଇସ୍ରାଏଲ୍ ଓ ଆମେରିକା ଇରାନ ଉପରେ ଯେତେକି ଆକ୍ରମଣ କରୁଛନ୍ତି ଇରାନ ବି ଆମେରିକାକୁ ଟାର୍ଗେଟ୍ କରି ଏହାର ସାମରିକ ଘାଟି ଉପରେ ଆକ୍ରମଣ ଜାରି ରଖିଛି। ଫଳରେ ଇରାନ ସହିତ କତାର, ୟୁଏଇ, ବାହାରିନ, ସାଇପ୍ରସ, ଇରାକ ଲେବାନନ ଭଳି ଦେଶ ଯୁଦ୍ଧର ତାଣ୍ଡବର ଶିକାର ହେଉଛନ୍ତି। ସେପଟେ ଦୂରରେ ଥାଇ ଆମେରିକା ଇସ୍ରାଏଲକୁ ହାତ କରି ମଧ୍ୟପ୍ରାଚ୍ୟରେ ଅଶାନ୍ତି ସୃଷ୍ଟି କରି ମଜା ନେଉଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଗମ୍ଭୀର ହେବାରୁ ଏହିସବୁ ଦେଶଗୁଡିକୁ ଭାରତରୁ ବିମାନ ଉଡ଼ାଣ ବାତିଲ ହୋଇଛି।




ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ, ରବିବାର,ମାର୍ଚ୍ଚ ୧ ତାରିଖରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ ମୋଟ ୩୫୦ଟି ବିମାନ ବାତିଲ କରାଯାଇଛି।ପୂର୍ବରୁ ୪୪୪ଟି ବିମାନ ବାତିଲ ହେବାର ଆଶା କରାଯାଉଥିଲା।ଏନେଇ ମନ୍ତ୍ରଣାଳୟ କହିଛି"ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ଘଟଣାକ୍ରମରୁ ଉପୁଜିଥିବା ସମସ୍ୟା ଯୋଗୁ ଆକାଶ ମାର୍ଗରେ କଟକଣା ଲାଗିଥିବାରୁ ମାର୍ଚ୍ଚ ୧ ତାରିଖରେ ଭାରତୀୟ ଘରୋଇ ଏୟାରଲାଇନ୍ସଗୁଡ଼ିତ ଦ୍ୱାରା ପରିଚାଳିତ ମୋଟ ୩୫୦ଟି ବିମାନ ଉଡ଼ାଣ ବାତିଲ କରାଯାଇଛି।" ଏହା ପୂର୍ବରୁ ୪୧୦ଟି ଘରୋଇ ବିମାନ ଉଡ଼ାଣ ବାତିଲ ହୋଇଥିବା ମନ୍ତ୍ରଣାଳୟ ରିପୋର୍ଟ କରିଥିଲା। ତେବେ ସମୟ ଅନୁସାରେ ଯାତ୍ରୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଏୟାରଲାଇନ୍ସଗୁଡ଼ିକ ଟ୍ରାକ୍ ଚେଞ୍ଜ୍ କରିବା ପୂର୍ବରୁ ସତର୍କ ରହିଛନ୍ତି। ଟାଟା ଗ୍ରୁପର ମାଲିକାନାରେ ଥିବା ଏୟାର ଇଣ୍ଡିଆ ରବିବାର ଆହୁରି ୨୨ଟି ଅନ୍ତର୍ଜାତୀୟ ବିମାନ ବାତିଲ କରିଛି।

## ଲକ୍ଷ୍ନୌରେ ଇସ୍ରାଏଲ ବିରୋଧରେ ଶୋଭାଯାତ୍ରା



**ଲକ୍ଷ୍ନୌ, ୧୩ଃ** ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ହେବା ପରେ ଲକ୍ଷ୍ନୌରେ ଗଭୀର ଶୋକ ପ୍ରକାଶ ପାଇଛି । ସିଆ ଧର୍ମଗୁରୁ ମୌଲାନା କଲବେ ଜୱାଦ ତିନି ଦିନିଆ ଶୋକ ଘୋଷଣା କରିଛନ୍ତି ଓ ବ୍ୟବସାୟୀମାନଙ୍କୁ ସେମାନଙ୍କର ଦୋକାନ ବନ୍ଦ କରି ଏକତା ପ୍ରଦର୍ଶନ କରିବାକୁ ନିବେଦନ କରିଛନ୍ତି । ଆଜି ରାତି ୮ଟାରେ ଐତିହାସିକ 'ଛୋଟା ଇମାମବାଡ଼ା'ରେ ଏକ ବଡ଼ ଶୋକ ସଭା ସହ କ୍ୟାଣ୍ଡେଲ୍ ରାଲି ଅନୁଷ୍ଠିତ ହୋଇଛି। ମୌଲାନା କଲବେ ଜୱାଦ ବ୍ୟକ୍ତିଗତ ଭାବରେ ସମାବେଶକୁ ସମ୍ବୋଧିତ କରିବେ, ଖମେନିଙ୍କ ଜୀବନ, ସଂଘର୍ଷ ଓ ଇସଲାମିକ ବିପ୍ଲବରେ ଅବଦାନକୁ ସ୍ମରଣ କରିବେ। ଆୟୋଜକମାନେ ସ୍ପଷ୍ଟ କରିଛନ୍ତି ଯେ ଏହି ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ହେବ କିନ୍ତୁ ଇସ୍ରାଏଲର ଦମନକାରୀ ନୀତି ବିରୁଦ୍ଧରେ ଏକ ଦୃଢ଼ ବାର୍ତ୍ତା ଦେବ।



# କରାଚିରେ ଖାମେନିଙ୍କ ସମର୍ଥକଙ୍କୁ ଗୁଳିମାଡ଼, ୧୨ ମୃତ

**କରାଚି, ୧୩ଃ** କରାଚିସ୍ଥିତ ଆମେରିକାର ବାଣିଜ୍ୟିକ ଦୂତାବାସ ବାହାରେ ଭଙ୍ଗାରୁଜା ଓ ହିଂସାତ୍ମକ ସଂଘର୍ଷବେଳେ ୱାସିଂଟନ ସାମୁଦ୍ରିକ ସୁରକ୍ଷା କର୍ମଚାରୀଙ୍କ ଗୁଳିରେ ୧୨ ଜଣ ପାକିସ୍ତାନୀ ନାଗରିକଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣର ପ୍ରତିବାଦରେ ଏହି ବିକ୍ଷୋଭ କରାଯାଇଥିଲା । ପାକିସ୍ତାନର ଆର୍ଥିକ କେନ୍ଦ୍ର କରାଚିରେ ପ୍ରଦର୍ଶନକାରୀମାନେ କୂଟନୈତିକ ପରିସରରେ ଥିବା ନିଷିଦ୍ଧ ଅଞ୍ଚଳ ଆଡକୁ ଅଗ୍ରସର ହେଉଥିବାବେଳେ ଗୁଳିଚାଳନା ହୋଇଥିଲା। ପାକିସ୍ତାନୀ କର୍ତ୍ତୃପକ୍ଷ ଏବଂ ଆମେରିକୀୟ ଅଧିକାରୀମାନେ ସ୍ୱାଧୀନ ଭାବେ ମୃତ ସଂଖ୍ୟା ସ୍ପଷ୍ଟ କରିନାହାନ୍ତି। ଇରାନ ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲ୍ଲି ଖାମେନିଙ୍କ ହତ୍ୟା ପ୍ରତିବାଦରେ ୱାସିଂଟନ ଓ ତେଲ ଅଭିଭ୍ ବିରୋଧରେ ସିହା ଗୋଷ୍ଠୀ ସୁଲତାନବାଦରୁ ମାଇ କୋଲାଚି ଆଡ଼େ ଅଗ୍ରସର ହେଇଥିଲେ। ପ୍ରତିବାଦକାରୀ ଦୂତାବାସ ନିକଟରେ ପହଞ୍ଚିବା ପରେ ହାଇ ଆଲର୍ଟରେ ଥିବା ଆମେରିକା ସାମୁଦ୍ରିକ

## ଆଲିପୁରରେ ତିନି ଦିନ ଶୋକ

**ଆଲିପୁର, ୧୩ଃ** ଖାମେନେଇ ମୃତ୍ୟୁ ପରେ ଭାରତର ବିଭିନ୍ନ ସ୍ଥାନରେ ପ୍ରତିବାଦ ଦେଖିବାକୁ ମିଳିଛି। ଜାମ୍ମୁ କାଶ୍ମୀରର ବିଭିନ୍ନ ସ୍ଥାନ ସହିତ, ଲଦାଖ ଏବଂ ଲକ୍ଷ୍ନୌରେ ସିଆ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ କରାଯାଇଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କୁ ହତ୍ୟା ପ୍ରତିବାଦରେ ଶହଶହ ଲୋକ ରାଜାରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ଲକ୍ଷ୍ନୌରେ ସିଆ ସମ୍ପ୍ରଦାୟର ସଦସ୍ୟମାନେ ଶୋକ ଶୋଭାଯାତ୍ରା କରିଥିଲେ। ବେଙ୍ଗାଲୁରୁର ଆଲିପୁରରେ ତିନି ଦିନ ଶୋକ ଘୋଷଣା କରିଯାଇଛି। ଆମେରିକା ଓ ଇସ୍ରାଏଲ ନୀରିହ ଲୋକଙ୍କ ଉପରେ ଆତ୍ୟାଚାର କରୁଥିବା ଅଭିଯୋଗ କରିଛନ୍ତି ବିକ୍ଷୋଭକାରୀ। ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଲୋକମାନେ ରାସ୍ତାକୁ ଓହ୍ଲାଇ ଇସ୍ରାଏଲ ଏବଂ ଆମେରିକା ବିରୁଦ୍ଧରେ ସ୍ଲୋଗାନ ଦେଇଛନ୍ତି।

## ଭୟଙ୍କର ପରିଣତି ଆଣିବ ଇରାନ୍-ଇସ୍ରାଏଲ୍ ଯୁଦ୍ଧ

# ଅଶୋଧିତ ତୈଳ ବଜାରରେ ଲାଗିବ ନିଆଁ

### ବଢ଼ିବ ପେଟ୍ରୋଲ ଓ ଡିଜେଲ ଦର

**ନୂଆଦିଲ୍ଲୀ,୧୩ଃ** ଇରାନ-ଇସ୍ରାଏଲ ଯୁଦ୍ଧ ଏବେ ଭୟଙ୍କର ରୂପ ନେଇଛି। ପ୍ରଥମେ ଇସ୍ରାଏଲ- ଆମେରିକା ଏକତ୍ର ହୋଇ ଇରାନର ୩୦ରୁ ଅଧିକ ଠିକଣାରେ ହମ୍‌ଲା କରିଥିଲେ। ପରେ ଇରାନ ଇସ୍ରାଏଲ ସମେତ ଆମେରିକାର ୭ଟି ସୈନ୍ୟ ଆଡ୍ଡା ଉପରେ କରିଛି ହମ୍‌ଲା। କୁଏତ୍, ୟୁଏଇ, କତାର ଏବଂ ବହରୀନ ଭଳି ଠିକଣାରେ ଇରାନ ମିସାଇଲ ମାଡ଼ କରିଛି। ଯୁଦ୍ଧରେ ୭ରୁ ୮ ଦେଶ ସାମିଲ ହୋଇସାରିଲେଣି। ଇରାନ ମଧ୍ୟପ୍ରାଚ୍ୟସ୍ଥିତ ଆମେରିକାର ସାମରିକ ଘାଟିକୁ ଟାର୍ଗେଟ କରିଛି। ଲେବାନନ ଏବଂ ହୁତି ଭଳି ଦେଶ ବି ଇରାନ ପକ୍ଷରୁ ଆକ୍ରମଣ କରୁଛନ୍ତି। ଇସ୍ରାଏଲ୍ ଉପରେ ଅନେକ ଦେଶ ପକ୍ଷରୁ ହମ୍‌ଲା ହେଉଛି। ଏଭଳି ସ୍ଥିତିରେ ଭୟ ସୃଷ୍ଟି ହୋଇଛି ଯେ, ଯୁଦ୍ଧ କେତେ ଲମ୍ବା ଚାଲିବ ତଥା କେତେ ଭୟଙ୍କର ହେବ। ଅନୁମାନ ଲଗାଇବା ମୁସ୍କିଲ। ତେବେ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥବ୍ୟବସ୍ଥାରେ ଅସ୍ଥିରତା ଆଶଙ୍କା ବଢ଼ିଯାଇଛି। ଦୋଳାୟମାନ ଅବସ୍ଥାରେ ବଜାର। ଭାରତ ସମେତ ବିଶ୍ୱବ୍ୟାପୀ ନିବେଶକ ଭୟଭୀତ।

ବିଶେଷଜ୍ଞଙ୍କ କହିବାନୁସାରେ, ଏହି ହମ୍‌ଲା ଦ୍ୱାରା ଅଶୋଧିତ ତୈଳ ଦରରେ ଉଛାଳ ଆସିବା ଥୟ, ଯାହା ଦରଦାମ ସମସ୍ୟାକୁ ତେଜିବ। ଭାରତ ସମେତ ଅନେକ ଦେଶ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଦେଇ ଅଶୋଧିତ ତୈଳ ଆମଦାନି କରିଥାନ୍ତି। ଯୁଦ୍ଧ ସମୟରେ ଏହି ବାଟକୁ ବନ୍ଦ କରିଦେଇଛି ଇରାନ। ଫଳରେ ତୈଳ ଜାହାଜ ଚଳାଚଳ ହୋଇଯାଇଛି ଠପ। ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ପ୍ରଭାବରେ ଭୟଙ୍କର ମାତ୍ରାରେ ବଢ଼ିପାରେ ତୈଳ ଦର। ଘରୋଇ ବଜାରରେ ମହଙ୍ଗା ହୋଇଯିବ ପେଟ୍ରୋଲ ଏବଂ ଡିଜେଲ। ଦେଶରେ ଦେଖାଦେବ ଦରଦାମ ବୃଦ୍ଧି ସ୍ଥିତି। ସାଧାରଣ ଲୋକଙ୍କ ପକେଟ୍‌କୁ ଏହା ବଡ଼ ଆକାରରେ ବାଧିବ। ଭାରତ ଏହାର ଆବଶ୍ୟକତାର ୮୫% ରୁ ଅଧିକ ଅଶୋଧିତ ତୈଳ ଆମଦାନି କରିଥାଏ ଏବଂ ଏଥିରେ ବଡ଼ ଭାଗ ରହିଛି ଉପସାଗରୀୟ ଦେଶଗୁଡ଼ିକର। ଏହି ଦେଶଗୁଡ଼ିକ ହେଲା ସାଉଦି ଆରବ, ୟୁଏଇ ଏବଂ ଇରାକ ଆଦି। ହୋର୍ମୁଜ ଷ୍ଟ୍ରେଟ୍ ଦେଇ ଏହି ଦେଶଗୁଡ଼ିକରୁ ତେଲ ଭାରତକୁ ଆସିଥାଏ। ହୋର୍ମୁଜ ଷ୍ଟ୍ରେଟ୍ ଉପରେ ରୋକ ଲାଗିବା ଦ୍ୱାରା ଭାରତର ମାସିକ ମୋଟ ତୈଳ ଆମଦାନିର ୫୦% ପର୍ଯ୍ୟନ୍ତ ପ୍ରଭାବିତ



ହେବାକୁ ଯାଉଛି। ଏହି ପରିବହନ ବାଟ ବନ୍ଦ ହେବା ଦ୍ୱାରା ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୧୧୦ ଡଲାର ପର୍ଯ୍ୟନ୍ତ ଯାଇପାରେ ବୋଲି ଆଶଙ୍କା କରାଯାଉଛି। ଏହା ହେଲେ ଭାରତୀୟ ତୈଳ ବିପଣନ କମ୍ପାନିଗୁଡ଼ିକର ବିଶୋଧନ ଖର୍ଚ୍ଚରେ ବଡ଼ ଆକାରର ବୃଦ୍ଧି ଘଟିବ। ଯଦି କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କକୁ ହ୍ରାସ ନ କରନ୍ତି ତେବେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ଦର ଲିଟର ପିଛା ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ। ଦରଦାମ ସ୍ଥିତି ହୋଇପାରେ ଅଣାୟତ। ଶୁକ୍ରବାର ଅଶୋଧିତ ତୈଳ ଦର ୨.୭୮% ବଢ଼ି ବ୍ୟାରେଲ ପିଛା ୬୭.୦୨ ଡଲାରରେ ବନ୍ଦ ହୋଇଥିଲା। ସୋମବାର ଯେତେବେଳେ କମୋଡିଟି ବଜାର ଖୋଲିବ ଏଥିରେ ଆହୁରି ବୃଦ୍ଧି ଦେଖିବାକୁ ମିଳିପାରେ।

## ହୁତୁହୁତୁ ହୋଇ ଜଳୁଛି ୧୦ ଜଙ୍ଗଲ

**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ଖରା ଦିନ ଆସିବା ମାତ୍ରେ ଓଡ଼ିଶାରେ ଜଙ୍ଗଲରେ ନିଆଁର ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ମଧ୍ୟ ଜଙ୍ଗଲରେ ନିଆଁ ଜଳିବା ଆରମ୍ଭ ହୋଇ ଯାଇଛି। ବର୍ତ୍ତମାନ ରାଜ୍ୟର ୧୦ ଜଙ୍ଗଲରେ ଲାଗିଛି ବଡ ଧରଣର ନିଆଁ। ହୁତହୁତ ହୋଇ ଜଳୁଛି ଜଙ୍ଗଲ। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର କୃଷ୍ଣଚନ୍ଦ୍ରପୁର, ମାଛବନ୍ଧ, ଦୁର୍ଗାପୁର ବିଟରେ ଅଧୀନରେ ଥିବା ଜଙ୍ଗଲରେ ଲାଗିଛି ନିଆଁ। ସେହିପରି କେନ୍ଦୁଝର ଜିଲ୍ଲାର ତେଲକୋଇ ବିଟର ପଡ଼ାଙ୍ଗ ଜଙ୍ଗଲରେ ନିଆଁ ଲାଗିଛି ଢେଙ୍କାନାଳର ଭେଜିଆ ଓ ଝିଲ ବିଟ୍, ନବରଙ୍ଗପୁର ଜିଲ୍ଲାର ତୋହୋରା ବିଟ ଅଧୀନରେ ଥିବା ଜଙ୍ଗଲରେ ନିଆଁ ଲାଗିଛି। ଅନୁଗୋଳ ଜିଲ୍ଲାର କନ୍ଧାବରେନି ବିଟରେ ମଧ୍ୟ ଲାଗିଛି ବଡ ଧରଣର ନିଆଁ। ଜଙ୍ଗଲ ବିଭାଗ ନିଆଁ ଲିଭାଇବା ପାଇଁ ଚଳାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମହାନଦୀରେ ବୁଡ଼ି ନାବାଳକର ମୃତ୍ୟୁ

**ବୌଦ୍ଧ,୧।୩(ସଂଚାର ବ୍ୟୁରୋ):** ବୌଦ୍ଧ ସହରରେ ଅଭାବନୀୟ ଘଟଣା। ମହାନଦୀରେ ବୁଡି ଜଣେ ନାବାଳକର ମୃତ୍ୟୁ ହୋଇଛି। କୁଲିପଡ଼ା ଘାଟରେ ଆଜି ମଧ୍ୟାହ୍ନରେ ଘଟିଛି ଏହି ଦୁଃଖଦ ଘଟଣା। ମୃତକ ହେଉଛନ୍ତି ୧୭ ବର୍ଷୀୟ ଆଦିତ୍ୟ ଭଞ୍ଜ। ସୂଚନା ଅନୁଯାୟୀ ବୌଦ୍ଧ ସହର ସୁଦସାହି ଅଞ୍ଚଳର ସୁବୋଧ ଭଞ୍ଜଙ୍କ ୧୭ ବର୍ଷୀୟ ପୁଅ ଆଦିତ୍ୟ ଭଞ୍ଜ ଆଜି ମଧ୍ୟାହ୍ନ ସମୟରେ ସାଙ୍ଗ ସହିତ କୁଲିପଡ଼ା ମହାନଦୀ ଘାଟକୁ ଗାଧୋଇବାକୁ ଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଆଦିତ୍ୟ ନୂଆ କରି ପହଁରିବା ଶିଖିଥିଲେ। ଉତ୍ସାହରେ ସେ ନଦୀର ଗଭୀର ପାଣିକୁ ପ୍ରବେଶ କରିଥିଲେ। କିନ୍ତୁ ହଠାତ୍ ପାଣିର ସ୍ରୋତ ତାଙ୍କୁ ଭସାଇ ନେଇଥିଲା ଏବଂ ସେ ବୁଡି ଯାଇଥିଲେ। ସାଙ୍ଗମାନେ ଘଟଣାକୁ ଦେଖି ଭୟଭୀତ ହୋଇ ସହଯୋଗ ପାଇଁ ଦୌଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ତୁରନ୍ତ ଘାଟକୁ ପହଞ୍ଚିଥିଲେ ଓ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ଓଡ୍ରାଫ ଟିମକୁ ଖବର ଦିଆଯାଇଥିଲା।

# ବିସ୍ଫୋରଣରେ ଥରିଲା ନାଗପୁର, ୧୫ ମୃତ



**ନାଗପୁର,୧।୩:** ରବିବାର ଦିନ ମହାରାଷ୍ଟ୍ରର ନାଗପୁର ଜିଲ୍ଲାରେ ଏକ ବିସ୍ଫୋରକ ତିଆରି କାରଖାନାରେ ବିସ୍ଫୋରଣ ଘଟି ଅତି କମରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି। କାଟୋଲ ତହସିଲର ରାଉଲଗାଓଁରେ ଖଣି ଓ ଶିଳ୍ପ ଉଦ୍ଦେଶ୍ୟରେ ବିସ୍ଫୋରକ ତିଆରି କରୁଥିବା କମ୍ପାନୀ ଏସବିଏଲ ଏନର୍ଜି ଲିମିଟେଡର କାରଖାନାରେ ଏହି ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ତୁରନ୍ତ ଆହତମାନଙ୍କୁ ନାଗପୁରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ରବିବାର ସକାଳେ ନାଗପୁର ସହରଠାରୁ ପ୍ରାୟ ୨୫ କିମି ଦୂରରେ ଥିବା କଲମେଶ୍ୱର ତହସିଲର ରାଉଲଗାଓଁ ଗାଁରେ ଏକ ଗୋଳାବାରୁଦ ତିଆରି କମ୍ପାନୀରେ ଏହି ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ଅନ୍ୟ ୧୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅନେକ ମହିଳା ଅଛନ୍ତି। ପ୍ରାତଃ ୬ଟା ୪୫ ରେ ଅଣଧାତୁ କ୍ରିମ୍ପିଂ ପ୍ଲାଣ୍ଟ ଅଞ୍ଚଳରେ ଏହି ବିସ୍ଫୋରଣ ଘଟିଥିଲା। ଘଟଣା ସମୟରେ ଦୁଇ ଜଣ ସୁପରଭାଇଜରଙ୍କ ତତ୍ତ୍ୱାବଧାନରେ ପ୍ରାୟ ୩୫ ଜଣ ଶ୍ରମିକ ସେଠାରେ କାର୍ଯ୍ୟ କରୁଥିଲେ। ଏହି କମ୍ପାନୀ ଶିଳ୍ପ ବିସ୍ଫୋରକର ଏକ ପ୍ରମୁଖ ନିର୍ମାତା, ଯେଉଁଥିରେ ଖଣି ଏବଂ ଭିତ୍ତିଭୂମି ପ୍ରକଳ୍ପରେ ବ୍ୟବହୃତ ସାମଗ୍ରୀ ଡେଟୋନେଟର ଓ ବିସ୍ଫୋରକ କାର୍ଟ୍ରିଜ୍ ଆଦି ଅନ୍ୟତମ।

## ଚୌଦ୍ୱାରରେ 'ଦହିବରା ଦିବସ'

**କଟକ,୧।୩ (ସଂଚାର ବ୍ୟୁରୋ):** ଆଜି ଉଦ୍ଧାର ଫାଉଣ୍ଡେସନ ସଂଗଠନ ଆନୁକୂଲ୍ୟରେ ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ରର ନାବାଳକ ଅନ୍ତେବାସୀଙ୍କ ଗ୍ରହଣରେ ମୁଖ୍ୟ ଟ୍ରଷ୍ଟି ଭାରତୀ ଦାସଙ୍କ ପୌରହିତ୍ୟରେ ପରମ୍ପରିକ 'ଦହିବରା ଦିବସ' ପାଳିତ ହୋଇଛି। ଆଜି ଉଦ୍ଧାର ଫାଉଣ୍ଡେସନ ସଂଗଠନ, ଟାଙ୍ଗୀ ବ୍ଲକର ପ୍ରମୁଖ ସାମାଜିକ ସଂଗଠନ ସହାୟ, ତାପସ ସାମଲ, ମାଧବ ଚାରଣ ସେଠୀ, ଅଶୋକ କୁମାର ନାଥ ଓ ଚୌଦ୍ୱାର ବାଣୀପଦା ଅଞ୍ଚଳର ସାମାଜିକ ସଂଗଠନ ନବକଳେବର ସଂଘର ମୁନିଆ ବେହେରା, ରମେଶ ସାମଲ, କମଲ ମହାନ୍ତିଙ୍କ ଉପସ୍ଥିତିରେ ଦହିବରା ଖାଇ ଦହିବରା ଦିବସ ପାଳିତ ହୋଇଛି। ଏଥିରେ ନାନାଦି ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ପରମ୍ପରିକ କାର୍ଯ୍ୟକ୍ରମରେ ଦହିବରା, ଆଳୁଦମ, ଘୁଗୁନି, କଟା ପିଆଜ ଓ ଛଣା ସେଓ ପକାଇ ସମସ୍ତ ଅନ୍ତେବାସୀ ଓ ସାମାଜିକ କର୍ମୀ ଖାଇଥିଲେ। ଉପସ୍ଥିତ କର୍ମକର୍ତ୍ତାଙ୍କ ମଧ୍ୟରେ ଉଦ୍ଧାର ଫାଉଣ୍ଡେସନ ସଂଗଠନର ବରିଷ୍ଠ ଉପଦେଷ୍ଟା କିରଣବାଳା ନାୟକ, ଗୋଲାପ ସିଂ, ପ୍ରମିଳା ଓଝା, ମିନତୀ ଚୌଧୁରୀ, ପରିବର୍ତ୍ତନ କେନ୍ଦ୍ର ଅଧ୍ୟକ୍ଷ ନରୋତ୍ତମ ଦାସ, ମୁଖ୍ୟ ସେବକ ସୁବ୍ରତ ଖଟୁଆ, ସୁନୀଲ ମୁର୍ମୁ ଓ ସୋନୁ ରାୟ ଉପସ୍ଥିତ ଥିଲେ।




### ଓରମାସ ପକ୍ଷରୁ 'ରଙ୍ଗୋତ୍ସବ-୨୦୨୬'

## ପ୍ରାକୃତିକ ରଙ୍ଗରେ ସୁରକ୍ଷିତ ହୋଲି ପାଳିବା



**ଭୁବନେଶ୍ୱର,୧।୩(ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ) ପକ୍ଷରୁ ସ୍ଥାନୀୟ ଏସଆଇଆରଡି କ୍ୟାମ୍ପସଠାରେ 'ରଙ୍ଗୋତ୍ସବ-୨୦୨୬' ଶୁଭାରମ୍ଭ ହୋଇଯାଇଛି। ସୁରକ୍ଷିତ ଓ ପରିବେଶ ଅନୁକୂଳ ହୋଲି ପାଳନକୁ ପ୍ରୋତ୍ସାହିତ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ମାନଙ୍କୁ ଏକ ସ୍ଥାୟୀ ବଜାର ଯୋଗାଇଦେବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ମେଳାରେ କେବଳ ପ୍ରାକୃତିକ ରଙ୍ଗ ନୁହେଁ, ବରଂ ଓଡ଼ିଶାର ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ, ସୂକ୍ଷ୍ମ ହସ୍ତଶିଳ୍ପ ଏବଂ ହାତତିଆରି ଗୃହଉପକରଣ ସାମଗ୍ରୀ ପରି ଅନେକ ଗ୍ରାମୀଣ ଉତ୍ପାଦର ସମ୍ଭାର ଦେଖିବାକୁ ମିଳୁଛି। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ପ୍ରୟାସକୁ ସ୍ୱାଗତ କରି କହିଛନ୍ତି ରଙ୍ଗୋତ୍ସବ ହେଉଛି ସୁରକ୍ଷିତ ରଙ୍ଗ ଓ ନାରୀ ସଶକ୍ତିକରଣର ଏକ ସୁନ୍ଦର ସମନ୍ୱୟ। ଏସଏଚଜି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ବ୍ୟବହାର କରି ଆମେ ପରିବେଶକୁ ସୁରକ୍ଷିତ ରଖିବା ସହ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିପାରିବା। ସମସ୍ତେ ସ୍ଥାନୀୟ ଉତ୍ପାଦକୁ ଆପଣାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ. ମୋନିକା ପ୍ରିୟଦର୍ଶିନୀ କହିଛନ୍ତି, ରଙ୍ଗୋତ୍ସବ ଗ୍ରାମୀଣ ଓଡ଼ିଶାର ନାରୀ ଉଦ୍ୟୋଗୀଙ୍କ ଦକ୍ଷତାକୁ ପ୍ରତିଫଳିତ କରୁଛି। ସେମାନଙ୍କୁ ଆଧୁନିକ ବଜାର ସହ ଯୋଡ଼ିବା ଏବଂ ସେମାନଙ୍କ ପରିଶ୍ରମକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଓରମାସ ପ୍ରତିବଦ୍ଧ। ଉନ୍ନତ ମାନର ପ୍ୟାକେଜିଂ ଓ ବ୍ରାଣ୍ଡିଂ ମାଧ୍ୟମରେ ଏହି ଉତ୍ପାଦଗୁଡ଼ିକୁ ମୁଖ୍ୟ ବଜାରରେ ପ୍ରତିଷ୍ଠିତ କରାଯାଉଛି।

## ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଜନ୍ମବାର୍ଷିକୀରେ ମମତା ବାନାର୍ଜୀଙ୍କ ଶ୍ରଦ୍ଧାଞ୍ଜଳି

**କୋଲକାତା,୧।୩(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଜନ୍ମବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରବିବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ ଶେୟାର କରି ମମତା ବାନାର୍ଜୀ ଲେଖିଛନ୍ତି, 'ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଜନ୍ମବାର୍ଷିକୀରେ ମୋର ଶ୍ରଦ୍ଧାଞ୍ଜଳି।' ଉଲ୍ଲେଖନୀୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ୮୨ ତମ ଜନ୍ମବାର୍ଷିକୀରେ ଏଦିନ ଅପରାହ୍ନରେ କୋଲକାତାରେ ଏକ ଆଲୋଚନାର ଆୟୋଜନ କରାଯାଇଛି, ଯେଉଁଥିରେ ପୂର୍ବତନ ରାଜ୍ୟସଭା ସାଂସଦ ଜବାହାର ସରକାର ମୁଖ୍ୟ ବକ୍ତା ଭାବରେ ଉପସ୍ଥିତ ରହିଥିଲେ।

## ଚାକିରି ଦେବା ନାଁରେ ଠକେଇ: ୩ ଗିରଫ



**କୋଲକାତା,୧।୩(ସଂଚାର ବ୍ୟୁରୋ):** ରୁଷ ଯାଇ ମୋଟା ଟଙ୍କା ରୋଜଗାର କରିବାର ସ୍ୱପ୍ନ! ଏକ ଅଫର ଲେଟର ଏବଂ ଏକ ନିଯୁକ୍ତି ପତ୍ର ପାଇଥିଲେ। ସେହିପରି, ଗୋବରଡାଙ୍ଗାର ମଛଲାଣ୍ଡପୁରର ଦକ୍ଷିଣ ବେତପୁଲର ବାସିନ୍ଦା ପାପୋନ ସରକାର ମଧ୍ୟ ତାଙ୍କ ବିଦେଶ ଯାତ୍ରା ପାଇଁ ପ୍ରସ୍ତୁତି ସମାପ୍ତ କରିଥିଲେ। କିନ୍ତୁ ଶେଷରେ ସେ ଅନୁଭବ କଲେ ଯେ ସେ ଠକେଇର ଜାଲରେ ଫସି ଯାଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ, ଗୋବରଡାଙ୍ଗା ଥାନର ପୁଲିସ ଶୁକ୍ରବାର ତିନି ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ନାମ ମିଲନ ଦାସ, ମାଧବ ରାୟ ଏବଂ ଦେବବ୍ରତ ମଣ୍ଡଳ। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ, ସେମାନେ ବିଦେଶରେ ଚାକିରି କରାଇଦେବା ନାଁରେ ପାପୋନଙ୍କଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। କେବଳ ମୌଖିକ ପ୍ରତିଶ୍ରୁତି ନୁହେଁ, ବରଂ ଏକ ରୁଷ କମ୍ପାନୀରେ ଦୈନିକ ମଜୁରିଆ ଭାବରେ ଚାକିରି କରାଇବା ପାଇଁ ଅନେକ କାଗଜପତ୍ର ମଧ୍ୟ ଦିଆଯାଇଥିଲା। ପ୍ରଥମେ ସବୁକିଛି ବିଶ୍ୱାସଯୋଗ୍ୟ ମନେ ହେଉଥିଲେ ମଧ୍ୟ, ପରେ ସନ୍ଦେହ ସୃଷ୍ଟି ହୋଇଥିଲା। ସନ୍ଦେହ ଦୂର କରିବା ପାଇଁ ପାପୋନ ସିଧାସଳଖ ଦିଲ୍ଲୀରେ ଥିବା ରୁଷ ଦୂତାବାସ ସହିତ ଯୋଗାଯୋଗ କରିଥିଲେ।

## ଲରି ଧକ୍କାରେ ମହିଳାଙ୍କ ମୃତ୍ୟୁ



**କୋଲକାତା,୧।୩(ସଂଚାର ବ୍ୟୁରୋ):** ପୁଣି ଏକ ସଡ଼କ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଲେ। ରବିବାର ସକାଳେ ପୁରୁଲିଆର ରଘୁନାଥପୁର-ବାଙ୍କୁଡା ରାଜ୍ୟ ରାଜପଥରେ ଏହି ଘଟଣା ଘଟିଛି। ରଘୁନାଥପୁର ଥାନା ଅନ୍ତର୍ଗତ ଚିନପିନା ରେଳ ଫାଟକ ନିକଟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ମାଲବାହୀ ଲରି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ତାଙ୍କ ପାଞ୍ଚ ବର୍ଷର ପୁଅ ଆହତ ହୋଇଛି। ତାଙ୍କୁ ରଘୁନାଥପୁର ସୁପର ସ୍ପେଶାଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଏଦିନ ସକାଳେ ମହିଳା ଜଣକ ତାଙ୍କ ପୁଅ ସହିତ ସ୍କୁଟିରେ ରଘୁନାଥପୁର ଥାନା ଅନ୍ତର୍ଗତ ଲାଇକଡାଙ୍ଗାରୁ ରଘୁନାଥପୁରର ଗୋବିନ୍ଦପୁରକୁ ଆସୁଥିଲେ। ଚିନପିନା ନିକଟରେ, ଲରିଟି ନିୟନ୍ତ୍ରଣ ହରାଇ ମହିଳାଙ୍କ ସ୍କୁଟି ପଛପଟେ ଧକ୍କା ଦେଇଥିଲା। ଘଟଣାସ୍ଥଳେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସୂଚନା ପାଇ ରଘୁନାଥପୁର ଥାନାରୁ ଏକ ବିଶାଳ ପୋଲିସ ଫୋର୍ସ ଘଟଣାସ୍ଥଳକୁ ଆସିଥିଲେ।

# ୩ ବର୍ଷରେ ୬ କୋଟିରୁ ଅଧିକ ଚାରା ରୋପଣ

**ଭୁବନେଶ୍ୱର,୧।୩:** ରାଜ୍ୟରେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବର୍ଷକୁ ହାରାହାରି ୨ କୋଟି ଗଛ ଲଗାଯାଉଛି। ଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ ୬ କୋଟିରୁ ଅଧିକ ଗଛ ଲାଗିସାରିଲାଣି।

ଗତ ତିନି ବର୍ଷ ମଧ୍ୟରେ ଜଙ୍ଗଲ ବିଭାଗ ୬ କୋଟିରୁ ଅଧିକ ଗଛ ଲଗାଇଛି। ଚଳିତ ଆର୍ଥିକ ବର୍ଷରେ ଏହା ୨ କୋଟିକୁ ଟପିଯାଇଛି। ଲଗାଯାଉଥିବା ଗଛ ମଧ୍ୟରେ ଶିଶୁ, ଫାଶି, ଅସନ, ଅର୍ଜୁନ, ଧଉରା, ବାଲିଶିଶୁ, ପିଆଶାଳ, ବାଉଁଶ, ଆମ୍ବ, ମେହେନି, କୁସୁମ, ପଣସ, ତେନ୍ତୁଳି, କରଞ୍ଜ, ଅଁଳା, ବେଲ, ହରିଡ଼ା, ବାହାଡ଼ା, ବର, ଅଶ୍ୱତ୍ଥ, ଜାମୁ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ସୁନାରୀ ଆଦି ଅର୍ନ୍ତଭୁକ୍ତ। ଏଗୁଡିକ ଜାଳେଣି ପାଇଁ ବ୍ୟବହାର ହେବା ସହ ଲଘୁବନଜାତ ଦ୍ରବ୍ୟ, ଫଳଜାତୀୟ ଗଛ ଓ ସୌନ୍ଦର୍ଯ୍ୟବର୍ଦ୍ଧକ ଆଦି ରହିଛି। ଗଛଗୁଡିକ ସାଧାରଣତଃ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ସୀମାଙ୍କିତ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଓ ରାଜସ୍ୱ ଜମିରେ ଲଗାଯାଉଛି।

ଜଙ୍ଗଲ ବିଭାଗ ପକ୍ଷରୁ ଏତେ ପରିମାଣରେ ଚାରା ରୋପଣ ହେଉଥିବା ବେଳେ ଲୋକଙ୍କ ଲୋଲୁପ ଦୃଷ୍ଟି ବିଶେଷକରି କାଠ ଚୋରି ସାଙ୍ଗକୁ ଜଙ୍ଗଲ ପୋଡ଼ି ଏବେ ସରକାରଙ୍କ ଚାରା ରୋପଣ ଯୋଜନାରେ ବାଧକ ସାଜୁଥିବା ଜଣାପଡ଼ିଛି। ଜଙ୍ଗଲ ଆଖପାଖରେ ଥିବା ଗାଁ ଲୋକେ ଗଛକାଟି ନେବା ସହ ଚାଷବାସ ପାଇଁ ଜଙ୍ଗଲ ପୋଡ଼ି ଦେଉଥିବା ଲକ୍ଷ୍ୟ କରାଯାଉଛି।

ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ଏକ ପେଡ୍ ମା' କି ନାମ୍ ଯୋଜନାରେ ବ୍ୟାପକ ଚାରା ରୋପଣ ଅଭିଯାନ ଚଳାଯିବା ଫଳରେ ଚାରା ରୋପଣ ସଂଖ୍ୟା ୨ କୋଟିକୁ ଅତି ସହଜରେ ଟପିଯିବା ସହ ରେକର୍ଡ ସୃଷ୍ଟି କରିଛି। ତେବେ ଏହି ଗଛଗୁଡ଼ିକ କିଭଳି ବଞ୍ଚିବ ଓ ସୁରକ୍ଷିତ ରହିବ, ସେଦିଗରେ ବିଭାଗ ପଦକ୍ଷେପ ନେବା ଜରୁରୀ ବୋଲି ପରିବେଶ ବିଜ୍ଞାନୀମାନେ ମତ ଦେଉଛନ୍ତି।

ଜଙ୍ଗଲ କ୍ଷୟ ଦ୍ୱାରା ପରିବେଶ ସନ୍ତୁଳନ ବିଗୁଡୁଥିବା ବେଳେ ଜଙ୍ଗଲୀ ପଶୁମାନେ ଜନବସତିକୁ ମଧ୍ୟ ପଶିଆସୁଛନ୍ତି। ହାତୀ, ଭାଲୁ ଆଦି ପଶୁଙ୍କ ଦୌରାତ୍ମ୍ୟ ଯୋଗୁଁ ଫସଲ ହାନି ସହ ଲୋକେ ମଧ୍ୟ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏଭଳି ସ୍ଥିତିରେ ଚାରା ରୋପଣର ପରିମାଣ ବଢ଼ାଇବା ସହ ଜନବସତି ନିକଟରେ ଥିବା ଜଙ୍ଗଲଗୁଡ଼ିକୁ ସୁରକ୍ଷିତ ରଖାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସଚେତନ ସହ ଏଆଇ କ୍ୟାମେରା ଭଳି ଅତ୍ୟାଧୁନିକ ସାଜସରଞ୍ଜାମର ବ୍ୟବହାର ଯୋଗୁଁ ଜଙ୍ଗଲ ଚୋରି ଓ ଅବାଧ ପଶୁ ଶିକାରକୁ ବହୁ ମାତ୍ରାରେ ରୋକାଯାଇପାରିଛି। ଏଆଇ କ୍ୟାମେରା ଓ ଡ୍ରୋନ ବ୍ୟବହାର କରାଯାଇ ବନାଗ୍ନିକୁ ରୋକିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଡ଼ ଯୁଦ୍ଧ...

ଯଥେଷ୍ଟ ଆଗରେ ଅଛନ୍ତି। ଆମ ସେନାର ଅଗ୍ରଗତି ସମ୍ପର୍କରେ ଇରାନ୍ ବିନ୍ଦୁବିସର୍ଗ ବି ଜାଣିପାରିବ ନାହିଁ। ଆଗାମୀ ଦିନରେ ଏହି ଯୁଦ୍ଧରେ ଇରାନ୍‌କୁ କଠୋର ପରିଣତି ଭୋଗିବାକୁ ପଡ଼ିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଗୋଟିଏ ଆକ୍ରମଣରେ ଇରାନ୍ ତା'ର ୪୮ ଶୀର୍ଷ ନେତାଙ୍କୁ ହରାଇଛି। ଆମ ସଫଳତା ହାର କେହି ବି ବିଶ୍ୱାସ କରିପାରିବେ ନାହିଁ। ଯୁଦ୍ଧ ସମ୍ଭବତଃ ସପ୍ତାହେ ପର୍ଯ୍ୟନ୍ତ ଚାଲିବ ଓ ସ୍ଥିତି ସାଙ୍ଘାତିକ ହେବ ବୋଲି ଦେଶର ପ୍ରମୁଖ ଗଣମାଧ୍ୟମ ସହ କଥା ହେବା ସମୟରେ କହିଛନ୍ତି ଟ୍ରମ୍ପ୍।

ସେହିପରି ଇରାନ୍ ଆମେରିକୀୟ ସାମରିକ ବାହିନୀକୁ ଟାର୍ଗେଟ୍ କରିବା ସହ ଇସ୍ରାଏଲ୍, କୁଏତ୍, ବାହରିନ୍ ଓ ୟୁଏଇରେ ବିସ୍ଫୋରଣ ଘଟାଇଛି। ଉପରୋକ୍ତ ସ୍ଥାନଗୁଡ଼ିକରେ ଆଜି ଯୁଦ୍ଧ ସାଇରନ୍ ସହ କ୍ଷେପଣାସ୍ତ୍ର ମାଡ଼ର ବିକଟାଳ ଶବ୍ଦ ଶୁଭୁଛି। ଖାମେନିଙ୍କ ମୃତ୍ୟୁ ନେଇ ଇରାନ୍ କ୍ଷୋଭ ପ୍ରକାଶ କରିବା ସହ ଶତ୍ରୁପକ୍ଷକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ରୋକ୍‌ଠୋକ୍ ଶୁଣାଇଛି। ଏଥିସହ ଇରାନ୍ ତା'ର ଇତିହାସରେ କରିନଥିବା ଭୟାବହ ଆକ୍ରମଣକୁ ବାସ୍ତବ ରୂପ ଦେବ ବୋଲି କହିଛି। ଏଥିସହ ଖାମେନିଙ୍କ ବ୍ୟତୀତ ଦେଶର ଆଉ ଦୁଇ ଜଣ ପ୍ରମୁଖ ନେତା ଯଥା ଆଇଆରଜିସି କମାଣ୍ଡର୍ ଜେନେରାଲ୍ ମହମ୍ମଦ ପାକପୋର୍ ଓ ଖାମେନିଙ୍କ ପ୍ରମୁଖ ଉପଦେଷ୍ଟା ଅଲୀ ଶାମ୍‌ଖାନୀ ମଧ୍ୟ ପ୍ରାଣ ହରାଇଥିବା ଇରାନ୍ ପକ୍ଷରୁ କୁହାଯାଇଛି। ସେହିପରି ଇରାନ୍ ଆକ୍ରମଣରେ ଆମେରିକା ସେନାର ୩ ଜଣ ଶୀର୍ଷ ଅଧିକାରୀଙ୍କର ମୃତ୍ୟୁ ହୋଇଥିବା ଆମେରିକା ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି ଟ୍ରମ୍ପ୍ ଏକ ସାକ୍ଷାତକାରରେ କହିଛନ୍ତି ଯେ ଇରାନ୍‌ର ନେତୃତ୍ୱ ବଦଳିବା ପରେ ନୂଆ ସରକାର ଆପୋଷ ଆଲୋଚନା ପାଇଁ ରାଜି ଅଛି। ତେଣୁ ସେମାନଙ୍କ ସହ ଆଲୋଚନା କରିବି। କିନ୍ତୁ ଏହା ସଅଳ ହେବା ଦରକାର। ସେମାନେ ଦୀର୍ଘଦିନ ଅପେକ୍ଷା କରିଥିବା ବେଳେ ଆଉ ବିଳମ୍ବ କରିବା ଠିକ୍ ହେବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ତେବେ ନିର୍ଦ୍ଦିଷ୍ଟ ଭାବେ କାହା ସହ ଆଲୋଚନା କରିବେ, ସେନେଇ ଇସଲାମୀୟ ନେତୃତ୍ୱ କିଛି ବି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଚି କହିଛନ୍ତି ଯେ ଇରାନ୍ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧବିରାମ ପାଇଁ ରାଜି ଅଛି। ଅନ୍ୟପକ୍ଷରେ ୟୁଏଇରେ ଇରାନ୍ ସେନାର ଆକ୍ରମଣରେ ୫୮ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ଭାରତୀୟ ସାମିଲ୍ ଥିବା ଜଣାପଡ଼ିଛି। ସେହିପରି ଦେଶରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ୟୁଏଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ତେବେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଘନ ଘନ ଆକ୍ରମଣ ହୋଇଥିବା ବେଳେ ବିଶେଷଭାବେ ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆରଜିସି)ର ବେସ୍ ଓ ବାୟୁସେନାର ଘାଟିକୁ ଟାର୍ଗେଟ୍ କରାଯାଇଛି। ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି ଯେ ଇରାନ୍‌ର ପାଖାପାଖି ଡଜନେ ସ୍ଥାନରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ସେହିପରି ଇସ୍ରାଏଲ୍ ସହ କୂଟନୈତିକ ସମ୍ପର୍କ ରଖୁଥିବା ମରକ୍କୋ, ଜୋର୍ଡାନ୍ ଓ ୟୁଏଇ ପକ୍ଷରୁ କୁଏତ୍, ବାହରିନ୍, କତାର ଓ ୟୁଏଇସ୍ଥିତ ଆମେରିକା ଘାଟି ଉପରେ ଆକ୍ରମଣ ନେଇ ଇରାନ୍ କରିଥିବା ଦାବିକୁ ଖାରଜ କରାଯାଇଛି। ଯୁଦ୍ଧର ଘନଘଟା ମଧ୍ୟରେ ସାମୁଦ୍ରିକ ସୁରକ୍ଷାକୁ ନେଇ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ରିପୋର୍ଟ ଅନୁଯାୟୀ, ରବିବାର ଇରାନ ପକ୍ଷରୁ ପାକିସ୍ତାନ ନ୍ୟାସନାଲ ଶିପିଙ୍ଗ କର୍ପୋରେସନ୍‌ର ୩ଟି ଜାହାଜକୁ ହୋର୍ମୁଜ ଜଳସନ୍ଧି ଆଡ଼କୁ ଯିବାକୁ ଦିଆଯାଇନାହିଁ। ଆଉ ଏକ ରିପୋର୍ଟ ଅନୁଯାୟୀ, 'କରାଚୀ', 'ଲାହୋର' ଏବଂ 'ଖୈରପୁର' ନାମକ ଏହି ତିନୋଟି ଜାହାଜ ତେଲ ପରିବହନ ପାଇଁ ଯାତ୍ରା କରୁଥିଲେ। ତେବେ ଆଞ୍ଚଳିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ଇରାନ ସେମାନଙ୍କୁ ଆଗକୁ ବଢ଼ିବାକୁ ଅନୁମତି ଦେଇନାହିଁ। 'ଲାହୋର' ଓ 'ଖୈରପୁର'କୁ ସଂଯୁକ୍ତ ଆରବ ଏମିରେଟ୍ସର ଫୁଜାଇରା ବନ୍ଦରରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ 'କରାଚୀ'କୁ ପାକିସ୍ତାନର ଗୱାଦର ବନ୍ଦରରେ ଲଙ୍ଗର ପକାଇବାକୁ କୁହାଯାଇଛି। ଏହି ଜାହାଜଗୁଡ଼ିକରେ ପାକିସ୍ତାନୀ କ୍ରୁ ସଦସ୍ୟ ଥିଲେ। ଏହି ଘଟଣାକ୍ରମ ମଧ୍ୟରେ ଇରାନର ଆଇଆରଜିସି ଚେତାବନୀ ଜାରି କରି କହିଛି ଯେ ହୋର୍ମୁଜ ଜଳସନ୍ଧିକୁ ସମସ୍ତ ସାମୁଦ୍ରିକ ଚଳାଚଳ ବ୍ୟବସାୟିକ ଓ ସାମରିକପାଇଁ ବନ୍ଦ କରିଦିଆଯାଇଛି। ହୋର୍ମୁଜ୍ ଅଞ୍ଚଳରେ ଅସ୍ଥିରତାର ମୁଖ୍ୟ କାରଣ ହେଉଛି ସାମ୍ପ୍ରତିକ ଆମେରିକା-ଇସ୍ରାଏଲ ଆକ୍ରମଣ ଓ ତା'ପରେ ଇରାନର ପାଲଟା ଜବାବ। ଏହା ସାମୁଦ୍ରିକ ମାର୍ଗର ସୁରକ୍ଷାକୁ ନେଇ ଗମ୍ଭୀର ଚିନ୍ତା ବଢ଼ାଇ ଦେଇଛି। ଯଦି ହୋର୍ମୁଜ ଜଳସନ୍ଧି ଦୀର୍ଘ ସମୟ ଧରି ବନ୍ଦ ରହେ, ତା'ହେଲେ ଏହାର ପ୍ରଭାବ ବିଶ୍ୱ ତେଲ ଯୋଗାଣ ଏବଂ ଆନ୍ତର୍ଜାତୀୟ ବଜାର ଉପରେ ପଡ଼ିପାରେ।

### ସ୍ଥିତି...

ଏଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନିଙ୍କ ମୃତ୍ୟୁ ପରବର୍ତ୍ତୀ ପରିସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଦେଶର ସୁରକ୍ଷା ଓ ବିଦେଶ ନୀତି ପ୍ରସଙ୍ଗରେ ଏହି ବୈଠକ ଅତ୍ୟନ୍ତ ନିର୍ଣ୍ଣାୟକ। ବଦଳୁଥିବା ଅନ୍ତର୍ଜାତୀୟ ସମୀକରଣ ଉପରେ ଭାରତ ନିଜର ଆଭିମୁଖ୍ୟ ସ୍ଥିର କରିବ। ପଶ୍ଚିମ ଏସିଆର ବିଭିନ୍ନ ଦେଶରେ, ବିଶେଷକରି ୟୁଏଇ ଓ ଆଖପାଖ ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସୁରକ୍ଷା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ସରକାର ସେଠାରେ ଫସିରହିଥିବା ଭାରତୀୟଙ୍କ ପରିସ୍ଥିତି, ସମ୍ଭାବ୍ୟ ସ୍ଥାନାନ୍ତର ଯୋଜନା ଓ ଦୂତାବାସ ଦ୍ୱାରା ଜାରି ପରାମର୍ଶର ସମୀକ୍ଷା କରିଛନ୍ତି। ବଢୁଥିବା ସାମରିକ ଉତ୍ତେଜନା ଯୋଗୁଁ ବିମାନ ସେବା ଓ ଆଞ୍ଚଳିକ ସ୍ଥିରତା ଉପରେ ମଧ୍ୟ ଆଲୋଚନା ହୋଇଛି। ଭାରତ ପୂର୍ବରୁ ଏକ ସରକାରୀ ବିବୃତି ଜାରି କରି ସମସ୍ତ ପକ୍ଷଙ୍କୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛି।

### ଖାମେନି...

ଆହୁରି ଦୃଢ଼ କରିଥିଲେ। ୧୯୭୯ ଇସଲାମିକ ବିପ୍ଳବ ପରେ, ଶାହଙ୍କ ଶାସନର ପତନ ଘଟିଥିଲା ଏବଂ ଖୁମୋନିକେ ଇରାନକୁ ଫେରି ଆସିଥିଲେ। ନୂତନ ଶାସନରେ ଖୁମୋନିକେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ୧୯୮୧ରେ ଇରାନର ରାଷ୍ଟ୍ରପତି ହୋଇଥିଲେ। ସେହି ବର୍ଷ, ସେ ଏକ ବୋମା ଆକ୍ରମଣରେ ଆହତ ହୋଇଥିଲେ, ତାଙ୍କର ଗୋଟିଏ ହାତ ଅଚଳ ହୋଇଯାଇଥିଲା, କିନ୍ତୁ ସେ ତାଙ୍କର ରାଜନୈତିକ କ୍ୟାରିୟର ଜାରି ରଖିଥିଲେ। ୧୯୮୯ ଜୁନରେ ଖୁମୋନିକେଙ୍କ ମୃତ୍ୟୁ ପରେ, ଖାମେନେଇ ଇରାନର ସର୍ବୋଚ୍ଚ ନେତା ନିର୍ବାଚିତ ହୋଇଥିଲେ। ସେ ଜୁଲାଇ ୧୯୮୯ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ। ସର୍ବୋଚ୍ଚ ନେତା ଭାବରେ ତାଙ୍କର ସାମରିକ ବାହିନୀର କମାଣ୍ଡ, ବରିଷ୍ଠ ଅଧିକାରୀଙ୍କ ନିଯୁକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଚୂଡ଼ାନ୍ତ ଅଧିକାର ଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜବତ ସମ୍ପତ୍ତି ପରିଚାଳନା କରୁଥିବା ଏବଂ ଏକ ପ୍ରମୁଖ ଆର୍ଥିକ ନେଟୱାର୍କ ଭାବରେ ଜଣାଶୁଣା ସେତାଦ ମଧ୍ୟ ପ୍ରମୁଖ ହୋଇଯାଇଥିଲେ। ତାଙ୍କ ପୁଅ, ମୋଜତାବା ଖାମେନି, ରାଜନୈତିକ ଏବଂ ଧାର୍ମିକ ମହଲରେ ମଧ୍ୟ ସକ୍ରିୟ ଅଛନ୍ତି। ଖାମେନିଙ୍କ ମୃତ୍ୟୁ ପରେ ଇରାନ୍‌ରେ ନେତୃତ୍ୱ ସଙ୍କଟ ଦେଖାଦେଇଥିଲେ ହେଁ ତ୍ୱରିତ ତାଙ୍କର ଦ୍ୱିତୀୟ ଜ୍ୟେଷ୍ଠ ପୁତ୍ର ମୋଜ୍‌ତାବା ଖାମିନେନିଙ୍କୁ ସର୍ବୋଚ୍ଚ ନେତା ପଦରେ ଆସୀନ କରାଯାଇଛି। ତେବେ ଖାମେନିଙ୍କ ମୃତ୍ୟୁ ଖବର ପାଇବା ପରେ ଭାରତ, ପାକିସ୍ତାନ ଓ ଇରାକରେ ଆମେରିକୀୟ ଦୂତାବାସ ଉପରେ ଆକ୍ରମଣ ହୋଇଛି। ବିଶେଷକରି ପାକିସ୍ତାନରେ ବିକ୍ଷୋଭକାରୀମାନେ କରାଚୀସ୍ଥିତ ଆମେରିକୀୟ କନସୁଲେଟ୍ ଭିତରେ ପଶି ଭଙ୍ଗାରୁଜା କରିଥିବା ବେଳେ ସେମାନଙ୍କୁ ରୋକିବା ସକାଶେ ପୁଲିସ୍ ଓ ଅର୍ଦ୍ଧସାମରିକ ବଳ ଗୁଳିଗୋଳା ଚଳାଇବାକୁ ୨୧ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ସେହିପରି ଇରାକ୍ ରାଜଧାନୀ ବାଗଦାଦଠାରେ ଥିବା ଆମେରିକୀୟ ଦୂତାବାସ ଭିତରେ ବିକ୍ଷୋଭକାରୀମାନେ ପଶିବାକୁ ଉଦ୍ୟମ କରିଥିଲେ ହେଁ ସେମାନଙ୍କୁ ସୁରକ୍ଷାକର୍ମୀ ରୋକିବାରେ ସକ୍ଷମ ହୋଇଥିଲେ। ଏହାଛଡ଼ା ଭାରତର ଜମ୍ମୁ-କଶ୍ମୀର ଓ ଲକ୍ଷ୍ନୌରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଶ୍ରୀନଗରରେ ବ୍ୟାପକ ମାତ୍ରାରେ ଲୋକେ ଏକାଠି ହୋଇ ପଦଯାତ୍ରା କରିବାରୁ ଦୋକାନ ବଜାର ଓ ପରିବହନ ବ୍ୟବସ୍ଥା ପୂରାପୂରି ଠପ୍ ହୋଇଯାଇଥିଲା। ସେହିପରି ଲକ୍ଷ୍ନୌରେ ମଧ୍ୟ ବିକ୍ଷୋଭକାରୀମାନେ ପ୍ରଦର୍ଶନ କରିବା ଫଳରେ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା।

### 'ଡବଲ୍ ଇଞ୍ଜିନ'...

ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ପଠାଉଥିବା ଅର୍ଥକୁ ରାଜ୍ୟ ସରକାର ଦଳୀୟ କାର୍ଯ୍ୟ ଓ ଦୁର୍ନୀତିରେ ବ୍ୟବହାର କରୁଛନ୍ତି। ପଶ୍ଚିମବଙ୍ଗର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟର ୫୦ ପ୍ରତିଶତ ସ୍କୁଲରେ ଶିକ୍ଷକ ନାହାନ୍ତି। 'ବୁଆ-ଭତିଜା'ଙ୍କ ସରକାର କେନ୍ଦ୍ରରୁ ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କା ଲୁଟ୍ କରିଛନ୍ତି। ବିଜେପି ସରକାର ଗଠନ ହେବା ପରେ ଏହି ସମସ୍ତ ଦୁର୍ନୀତିର ହିସାବ ନିଆଯିବ ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କ ନାମ ହଟାଇବା ପାଇଁ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ସେ ସ୍ୱାଗତ କରିବା ସହ ମମତା ଏହାର ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଝାରଗ୍ରାମ ଭଳି ଆଦିବାସୀବହୁଳ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ରାଜ୍ୟ ସରକାର ବାଧା ଦେଉଥିବା କହିଛନ୍ତି। ବିଜେପି ସରକାର ଆସିଲେ ଏହି ଅଞ୍ଚଳରେ 'ଡବଲ୍ ଇଞ୍ଜିନ' ଶକ୍ତିରେ ଶିଳ୍ପ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବ। ରାଜ୍ୟର ଯୁବପିଢ଼ିଙ୍କୁ ଭତ୍ତା ନୁହେଁ ବରଂ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ। ଯଦି ପଶ୍ଚିମବଙ୍ଗରେ 'ଡବଲ୍ ଇଞ୍ଜିନ' ସରକାର କ୍ଷମତାକୁ ଆସେ, ତା'ହେଲେ କେନ୍ଦ୍ରର ସମସ୍ତ ଜନକଲ୍ୟାଣକାରୀ ଯୋଜନା ସିଧାସଳଖ ଗରିବ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ। ମୋଦି ସରକାର ଦେଶର ଗରିବ, ଆଦିବାସୀ ଓ ସାଧାରଣ ଜନତାଙ୍କ ଜୀବନଧାରଣର ମାନ ବଦଳାଇବା ପାଇଁ ଅହୋରାତ୍ର କାର୍ଯ୍ୟ କରୁଛନ୍ତି। ବଙ୍ଗର ସମ୍ବଳ ଅନୁପ୍ରବେଶକାରୀଙ୍କ ପାଇଁ ନୁହେଁ, ବରଂ ପ୍ରକୃତ ବଙ୍ଗାଳୀ ଓ ଏହି ମାଟିର ଭୂମିପୁତ୍ରଙ୍କ ବିକାଶ ପାଇଁ ବ୍ୟୟ କରାଯିବ। ମେ'ରେ ବିଜେପି ସରକାର ଗଠନ ପରେ ରାଜ୍ୟରେ ଏକ ଭ୍ରଷ୍ଟାଚାରମୁକ୍ତ ଏବଂ ବିକାଶମୁଖୀ ପ୍ରଶାସନ ଦେଖିବାକୁ ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ବାବାମାନେ...

ସୋଫିଆ ଫିର୍ଦ୍ଦୋସ। ତାଙ୍କ ବାପା ମହମ୍ମଦ ମୋକିମ କଂଗ୍ରେସରୁ ବହିଷ୍କୃତ ହୋଇସାରିଛନ୍ତି। ସେ ପୂର୍ବରୁ କଂଗ୍ରେସ ବିଧାୟକ ଥିଲେ। କିନ୍ତୁ ଓଆରଏଚ୍‌ଡିସି ଦୁର୍ନୀତିରେ ସେ ଛନ୍ଦି ହୋଇଛନ୍ତି, ଯେଉଁଥିପାଇଁ ଗତ ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀ ନ କରି ଝିଅ ସୋଫିଆଙ୍କୁ ମୈଦାନକୁ ଓହ୍ଲାଇଥିଲା। ସୋଫିଆ ମଧ୍ୟ ନିଜକୁ ଜଣେ ଦକ୍ଷ ଉତ୍ତରାଧିକାରୀ ବୋଲି ପ୍ରମାଣିତ କରିଛନ୍ତି। ତାଙ୍କ ବାପା ଏବେ ନୂଆ ଆଞ୍ଚଳିକ ଦଳ ଗଠନ ପ୍ରସ୍ତୁତିରେ ଅଛନ୍ତି। ଏଥିପାଇଁ ସେ ଯୁବ, ଚାଷୀ ଓ ମହିଳା ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ଆଉ ସବୁଠୁ ଆଲୋଚନାର ବିଷୟ ହେଉଛି, ତାଙ୍କର ତିନୋଟିଯାକ ରାଜନୈତିକ କାର୍ଯ୍ୟକ୍ରମରେ ତାଙ୍କ ବିଧାୟିକା ଝିଅ ସୋଫିଆ ହିଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଛନ୍ତି। ସେହିଭଳି ଚୌଦ୍ୱାର-କଟକ ବିଧାୟକ ହେଉଛନ୍ତି ସୌଭିକ ବିଶ୍ୱାଳ। ତାଙ୍କ ବାପା ପ୍ରଭାତ ବିଶ୍ୱାଳ ପୂର୍ବରୁ ବିଧାୟକ ଥିଲେ। କିନ୍ତୁ ଚିଟ୍‌ଫଣ୍ଡ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ତାଙ୍କୁ ଦଳ ଆଉ ପ୍ରାର୍ଥୀ କଲାନାହିଁ। ଗତ ଦୁଇ ଥର ହେଲା ତାଙ୍କ ପୁଅ ପ୍ରାର୍ଥୀ ହୋଇ ଜିତୁଛନ୍ତି। ଅବଶ୍ୟ ସୌଭିକଙ୍କ ଜିତାପଟରେ ସବୁବେଳେ ପ୍ରଭାତଙ୍କ ବଡ଼ ହାତ ରହିଆସିଛି। ତେବେ ଗତକାଲି ପ୍ରଭାତଙ୍କୁ ଦଳରୁ ବହିଷ୍କାର କରାଯାଇଛି। ସେ ମଧ୍ୟ ସୋଫିଆଙ୍କ ପରି ନବୀନ ପଟ୍ଟନାୟକ ଓ ବିଜେଡି ପ୍ରତି ଆନୁଗତ୍ୟ ଥିବା ଦାବି କରୁଛନ୍ତି। ହେଲେ ତାଙ୍କ ଭବିଷ୍ୟତ ରାଜନୀତି ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କ ବାପାଙ୍କୁ ଦଳ ପ୍ରତ୍ୟାଖ୍ୟାନ କରିଥିବା ବେଳେ ତାଙ୍କୁ ଦଳ କିଭଳି କୋଳେଇବ, ତାହା ଦେଖିବାର କଥା। ସୌଭିକ ମଧ୍ୟ ରାଜ୍ୟସଭା ନିର୍ବାଚନରେ କି ଆଭିମୁଖ୍ୟ ଗ୍ରହଣ କରିବେ, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ବଲାଙ୍ଗୀର...

ସୁରକ୍ଷା ବାହିନୀଙ୍କ ସମନ୍ୱିତ ପଦକ୍ଷେପ ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ଦୁଇ ଜିଲ୍ଲାରୁ ନକ୍ସଲ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ଲୋପ ହୋଇପାରିଛି ବୋଲି ଡିଜିପି କହିଛନ୍ତି। ପୁଲିସ ବାହିନୀର ସାହସ, ସଂଯମ ଓ ପ୍ରତିବଦ୍ଧତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି। ସେ ଏହି ଅଭିଯାନରେ ଯୋଗଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସାଧାରଣ ଲୋକଙ୍କ ଭରସା ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଅଭିଯାନକୁ ଆଗାମୀ ଦିନରେ ଅଧିକ ତୀବ୍ର କରାଯିବା ସହ ଶୀଘ୍ର ନକ୍ସଲ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି।

### ଦିଲ୍ଲୀପଙ୍କ...

ଖେଳିଛନ୍ତି, ବିଜେପି ତୃତୀୟ ପ୍ରାର୍ଥୀ ଦେବାର ସମ୍ଭାବନା କ୍ଷୀଣ ହୋଇଯାଇଛି। ଅର୍ଥାତ ଦିଲ୍ଲୀପଙ୍କ ସଂସଦ ବାଟ ଏକପ୍ରକାର ବନ୍ଦ ହୋଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ତୃତୀୟ...

ଦେବାକୁ କହିଥାନ୍ତା। ହେଲେ ଏବେ ବିଜେଡିର ଦ୍ୱିତୀୟ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ସେହି କାମଟି କରୁଛନ୍ତି। ତାଙ୍କୁ ସମର୍ଥନ କରିବାକୁ ବିଜେପି ଓ କଂଗ୍ରେସକୁ ଅନୁରୋଧ କରିଛନ୍ତି। କଂଗ୍ରେସ ମଧ୍ୟ ଡାକ୍ତର ହୋତାଙ୍କୁ ସମର୍ଥନ କରିବ ବୋଲି ଖୋଲା ଘୋଷଣା କରିଛି। ଏଭଳି ସ୍ଥିତିରେ ହାତରେ ଭୋଟ ନ ଥାଇ ବିଜେପି ତୃତୀୟ ପ୍ରାର୍ଥୀ କିଭଳି ଦେବ, ତା' ଉପରେ ସମସ୍ତଙ୍କ ନଜର। ଯଦି ବିଜେପି ତୃତୀୟ ପ୍ରାର୍ଥୀ ଦିଏ ଓ ସେହି ପ୍ରାର୍ଥୀ ଜିତନ୍ତି, ତେବେ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରର ଆରୋପ ବିଜେପି ମୁଣ୍ଡରେ ଲାଗିବ। ବିନା କ୍ରସ ଭୋଟିଂରେ ବିଜେପିର ତୃତୀୟ ପ୍ରାର୍ଥୀ ଜିଣିପାରିବେ ନାହିଁ। ବିଜେପିକୁ ସମାଲୋଚନା ପାଇଁ ଏହା ଖାଲି ବିଜେଡି-କଂଗ୍ରେସକୁ ସହାୟତା କରିବ ନାହିଁ, ବରଂ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ତେବେ ବିଜେପିର କିଛି କର୍ମୀଙ୍କ କହିବା କଥା ଯେ ଦଳୀୟ ନେତାଙ୍କ ଖୋଲା ବିବୃତ୍ତି ଏବେ ଦଳ ପାଇଁ କାଳ ହୋଇଛି। ସେମାନେ ଯାହା ଚିନ୍ତା କରିଥିଲେ, ବିଜେଡି ତାହା କରି ଦେଖାଇଦେଲା। କଂଗ୍ରେସ ସହ ବିଜେଡିର ଗୁପ୍ତ ବୁଝାମଣାର ଟେର୍ ମଧ୍ୟ ଦଳୀୟ ନେତାମାନେ ପାଇଲେ ନାହିଁ। ମିଳିତ ପ୍ରାର୍ଥୀ ଘୋଷଣା ପରେ ଦୁଇ ଦଳର ସନ୍ଧି ପଦାକୁ ଆସିଲା। ଏବେ ବିଜେପିର ଗଣିତ ତୃତୀୟ ପ୍ରାର୍ଥୀଙ୍କ ନିକଟରେ ଅଟକି ଯାଇଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ଦଳ କାହାକୁ ମଇଦାନକୁ ଉତାରି କି ପ୍ରକାର ରଣନୀତି ଆପଣେଇବ, ତା' ଉପରେ ସମସ୍ତଙ୍କ ନଜର।

### ଖାମେନି...

ଦେଖାଇଛନ୍ତି। ଏଥିସହ ଭାରତ ସୁପର୍-୮ ପର୍ଯ୍ୟାୟର ଦକ୍ଷିଣ ଆଫ୍ରିକା ପରେ ଦ୍ୱିତୀୟ ଟିମ୍ ଭାବେ ସେମିରେ ପହଞ୍ଚିଛି।

ପ୍ରଥମେ ବ୍ୟାଟିଂ ପାଇଁ ଇଣ୍ଡିଜ୍ ଧାର୍ଯ୍ୟ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୧୯୫ ରନ୍ କରିଥିଲା। ଦଳ ପକ୍ଷରୁ ଦୁଇ ଅଧିନାୟକ ତଥା ଓପନର ଶାଇ ହୋପ୍ ଓ ରୋଷ୍ଟନ୍ ଚେଜ୍ ୬୮ ରନ୍ ଯୋଡ଼ିବା ପରେ ଶିମରୋନ୍ ହେଟମାୟର୍ ଏବଂ ରୋଭମାନ୍ ପାଓ୍ୱେଲ୍ ଓ ଜେସନ୍ ହୋଲ୍‌ଡର୍ ଉପଯୋଗୀ ଇନିଂସ ଖେଳିଥିଲେ। ହୋପ୍ ୩ଟି ଚୌକା ଓ ଗୋଟିଏ ଛକା ସହ ୩୨, ଚେଜ୍ ୫ଟି ଚୌକା ଓ ଗୋଟିଏ ଛକା ମାଧ୍ୟମରେ ୪୦, ହେଟମାୟର୍ ଗୋଟିଏ ଚୌକା ଓ ୨ଟି ଛକା ସହ ୨୭, ପାଓ୍ୱେଲ୍ ୧୯ଟି ବଲ୍‌ରେ ୩ଟି ଚୌକା ଓ ୨ଟି ଛକା ଜରିଆରେ ୩୪* ଏବଂ ହୋଲ୍‌ଡର୍ ୨୨ଟି ବଲ୍ ଖେଳି ୨ଟି ଚୌକା ଓ ୩ଟି ଛକା ମାଧ୍ୟମରେ ୩୭* ରନ୍ କରିଥିଲେ। ଭାରତ ପକ୍ଷରୁ ଜସପ୍ରୀତ୍ ବୁମ୍ରା ୨ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁନ୍ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ସଞ୍ଜୁ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ପ୍ରାରମ୍ଭରୁ ଫୋକସ୍ କରି ଖେଳୁଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ସେ ଚଳିତ ବିଶ୍ୱକପ୍‌ରେ ଇନିଂସ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ଇନିଂସରେ ପରିଣତ କରିବାରେ ବିଫଳ ହୋଇଥିଲେ। କିନ୍ତୁ ଆଜିର ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ସେ କିଛି କରିବେ ବୋଲି ପ୍ରାରମ୍ଭରୁ ନିଶ୍ଚିତ କରିଥିଲେ। ସେ ଗୋଟିଏ ପରେ ଗୋଟିଏ ରନ୍ ସଂଗ୍ରହ କରି ସାଥୀ ବ୍ୟାଟ୍ସମ୍ୟାନ୍‌ଙ୍କ ସହ ଉତ୍ତମ ସମନ୍ୱୟ ରଖି ମାତ୍ର ୫୦ଟି ବଲ୍ ଖେଳି ୧୨ଟି ଚୌକା ଓ ୪ଟି ଛକା ଜରିଆରେ ୯୭ ରନ୍‌ରେ ଅପରାଜିତ ଥିଲେ। ଏହାଛଡ଼ା ତିଲକ ବର୍ମା ୪ଟି ଚୌକା ଓ ଗୋଟିଏଛକା ଜରିଆରେ ୨୭, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୋଟିଏ ଲେଖାଏଁ ଚୌକା ଓ ଛକା ସହାୟତାରେ ୧୮, ପାଣ୍ଡ୍ୟା ୨ଟି ଚୌକା ସହ ୧୭ ରନ୍ କରିଥିଲେ। ଇଣ୍ଡିଜ୍ ପକ୍ଷରୁ ଶମର ଜୋସେଫ୍ ଓ ହୋଲ୍‌ଡର୍ ୨ଟି ଲେଖାଏଁ ଏବଂ ଅକିଲ୍ ହୋସେନ୍ ଗୋଟିଏ ୱିକେଟ୍ ନେଇଥିଲେ। ସଞ୍ଜୁ ନିର୍ଦ୍ଦ୍ୱନ୍ଦ୍ୱରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଆସନ୍ତା ୪ରେ ପ୍ରଥମ ସେମି ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏବଂ ୫ରେ ଦ୍ୱିତୀୟ ସେମି ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ।

## ନୀଳ ପଥର ଜବତ, ମାଫିଆ ସମେତ ୪ ଗିରଫ



ଯାଜପୁର, ୧।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲା ଟମକା ବନାଞ୍ଚଳ, ସୁକିନ୍ଦା ବନାଞ୍ଚଳ ଏବଂ କେଉଁଝର ଜିଲାର ଦୈତାରୀ ଅଞ୍ଚଳରେ ନୀଳ ପଥର ମାଫିଆ ସକ୍ରିୟ ହୋଇ ଉଠିଛନ୍ତି । ଏଥିନେଇ ବନ ବିଭାଗ ଅଧିକାରୀଙ୍କ ଚିନ୍ତାର କାରଣ ହୋଇଛି । କାରଣ ଉକ୍ତ ବନାଞ୍ଚଳର ବିଭିନ୍ନ ଡିପିଏଫରେ ନୀଳ ପଥର ପାହାଡ଼ ଉପରେ ମାଫିଆଙ୍କ ନଜର ପଡିଛି । ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ଲୁଟ ନୀଳପଥରକୁ ରାଜସ୍ଥାନ ସମେତ ବିଭିନ ରାଜ୍ୟ ଓ ଦେଶ ବାହାରକୁ ଚୋରା ଚାଲାଣ କରାଯାଉଥିବା ଚର୍ଚ୍ଚା ଜୋର ଧରିଛି । ମୁଖ୍ୟତଃ ମାଫିଆମାନେ ଶ୍ରମିକ ମାନଙ୍କୁ ମଜୁରୀ ଦେଇ ନୀଳ ପଥର ଲୁଟ କରୁଥିବା ଅଭିଯୋଗ ହେଉଛି। ତେବେ ଟମକା ଓ ସୁକିନ୍ଦା ବନାଞ୍ଚଳ ଅଧୀନରେ ଥିବା ମହାଗିରି, ଦୈତାରୀ, ଟମକା, ରାଂଷୋଳ, କଂସ, ଅଶୋକଝର ଆଦି ଡିପିଏଫରେ ନୀଳପଥର ପାହାଡ଼ ମାନ ରହିଛି । ତେବେ ଏହି ନୀଳପଥର ଚାଲାଣ ପାଇଁ ମସୁଧା କରୁଥିବା ବେଳେ ବନବିଭାଗ ହାତରେ ମୁଖ୍ୟ ଆସାମୀ ସମେତ ୪ ଧରାପଡିଥିବା ନଜିର ରହିଛି । ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି ମାଫିଆମାନେ ଚୋରାରେ କମ ଦରରେ ନୀଳପଥର କିଣି ମହଜୁଦ କରିବା ପରେ ବଙ୍ଗାଲୋର, ରାଜସ୍ଥାନ ବ୍ୟତୀତ ଜାପାନ, ସାଉଦିଆରବ ଆଦି ଦେଶକୁ ମାଫିଆମାନେ ଚାଲାଣ କରାଯାଉଥିବା ବିଶ୍ୱସ୍ଥ ସୂତ୍ରରୁ ଖବର ମିଳିଛି।

# ବଞ୍ଚି ଥାଉ ଥାଉ ସରକାରୀ ରେକର୍ଡରେ ମୃତ

**ଭତ୍ତା ଓ ରାସନ ବନ୍ଦ, ହଇରାଣ ହେଉଛନ୍ତି ବୃଦ୍ଧ**

**ନିଜେ ଜୀବିତ ବୋଲି ପ୍ରମାଣ କରିବାକୁ ନାକେଦମ**

ଗରଦପୁର,୧।୩ (ସଂଚାର ବ୍ୟୁରୋ): ସରକାରୀ ବ୍ୟବସ୍ଥାର ଏକ ଚମତ୍କାର କିନ୍ତୁ ଦୁଃଖଦ ଚିତ୍ର ଗରଦପୁର ବ୍ଲକରୁ ସାମ୍ନାକୁ ଆସିଛି । ବଞ୍ଚି ଥିବା ସତ୍ତ୍ୱେ ସରକାରୀ କାଗଜପତ୍ରରେ ଜଣେ ବୃଦ୍ଧଙ୍କୁ 'ମୃତ' ଦେଖାଯାଇଥିବାରୁ ତାଙ୍କର ଭତ୍ତା ଓ ରାସନ ବନ୍ଦ ହୋଇଯାଇଛି । ଏହିଭଳି ଅଭିଯୋଗ ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ବାବାଜୀ ନାୟକଙ୍କ ପକ୍ଷରୁ ଆସିଛି ।

ସୂଚନା ଅନୁସାରେ, ବାବାଜୀ ନାୟକ ଦୀର୍ଘଦିନ ଧରି ସରକାରଙ୍କ ପକ୍ଷରୁ ମିଳୁଥିବା ରାସନ ସାମଗ୍ରୀ ଓ ସାମାଜିକ ସୁରକ୍ଷା ଭତ୍ତା ପାଇଆସୁଥିଲେ । କିନ୍ତୁ ହଠାତ୍ ତାଙ୍କର ଭତ୍ତା ଓ ରାସନ ବନ୍ଦ ହୋଇଯାଇଥିଲା । ଏନେଇ ସେ ସ୍ଥାନୀୟ ରାସନ ଡିଲରଙ୍କୁ ଯୋଗାଯୋଗ କରିଥିଲେ । ପରେ ଗରଦପୁର ବ୍ଲକ ଯୋଗାଣ ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗକୁ ମଧ୍ୟ ବାରମ୍ବାର ଯାଇଥିଲେ । ହେଲେ କୌଣସି ବିଭାଗରେ ତାଙ୍କର ଟିପ୍ ଚିହ୍ନ ଓ ଆଖି ସ୍କାନ ସଫଳ ହୋଇପାରିନଥିଲା। ଏହାପରେ ତାଙ୍କୁ ଗରଦପୁର ବ୍ଲକସ୍ଥିତ ଆଧାର କେନ୍ଦ୍ରକୁ ପଠାଯାଇଥିଲା । ସେଠାରେ ଆଧାର କାର୍ଡ ଭେରିଫିକେସନ ସମୟରେ ଚମତ୍କାର ସୂଚନା ସାମ୍ନାକୁ ଆସିଥିଲା । ସରକାରୀ ରେକର୍ଡରେ ବାବାଜୀ ନାୟକଙ୍କୁ 'ମୃତ' ଦେଖାଯାଇଥିବାରୁ ତାଙ୍କର ସମସ୍ତ ସୁବିଧା ବନ୍ଦ ହୋଇଯାଇଥିବା ଜଣାପଡ଼ିଥିଲା ।



ବଞ୍ଚି ଥିବା ଜଣେ ବ୍ୟକ୍ତିଙ୍କୁ ସରକାରୀ କାଗଜପତ୍ରରେ ମୃତ ଦେଖାଇଥିବାରୁ ଏବେ ବାବାଜୀ ନାୟକ ଗଭୀର ଅସୁବିଧାରେ ପଡ଼ିଛନ୍ତି । ତାଙ୍କର ଭିତି ଓ ରାସନ ବନ୍ଦ ହୋଇଥିବାରୁ ସେ ଜୀବିକା ଚଳାଇବାରେ ଅସମର୍ଥ ହେଉଥିବା କହିଛନ୍ତି।

ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜଣେ ଜୀବିତ ବ୍ୟକ୍ତିଙ୍କୁ ସରକାରୀ ରେକର୍ଡରେ ମୃତ ଦେଖାଇଲା କିଏ? କେଉଁ ପରିସ୍ଥିତିରେ ଏଭଳି ଗୁରୁତର ତ୍ରୁଟି ଘଟିଲା? ଏବଂ ଏହା ପାଇଁ ଦାୟୀ କିଏ? ଏହି ଘଟଣା ସରକାରୀ ବ୍ୟବସ୍ଥାର ଗୁରୁତର ତ୍ରୁଟିକୁ ପ୍ରଦର୍ଶିତ କରୁଥିବା ବେଳେ, ତୁରନ୍ତ ତଦନ୍ତ କରି ବାବାଜୀ ନାୟକଙ୍କୁ ନ୍ୟାୟ ଦେବା ସହିତ ତାଙ୍କର ଭତ୍ତା ଓ ରାସନ ପୁନର୍ବାର ଚାଲୁ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

ଜଣେ ଜୀବିତ ବ୍ୟକ୍ତି ନିଜକୁ ଜୀବିତ ବୋଲି ପ୍ରମାଣ କରିବାକୁ ସରକାରୀ କାର୍ଯ୍ୟାଳୟ ଦୌଡ଼ିବା ଘଟଣା ଏବେ ଗରଦପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ମୃତ ଶ୍ରମିକଙ୍କୁ ୨୦ଲକ୍ଷ ଟଙ୍କା ଦେବାକୁ ମାନବ ଅଧିକାର ଆୟୋଗଙ୍କ ନିକଟରେ ଦାବି

କେନ୍ଦ୍ରାପଡା, ୧।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମରେ ଡିସେମ୍ବର ୪ ତାରିଖ ୨୦୨୫ ମସିହାରେ କୁଶିଆପାଳର କଳ୍ପତରୁ ଦାସ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ । ନର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସ୍ୱର୍ଗତ ଦାସ ଖସିପଡି ମୃତ୍ୟୁବରଣ କରିଛନ୍ତି । ୨୦୧୩ ମସିହାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରେ ପଞ୍ଜିକରଣ କରିଥିଲେ । କିନ୍ତୁ ଅଭାବ ଅସୁବିଧା ହେତୁ ଏହି ପଞ୍ଜିକରଣ କୁ ରିନ୍ୟୁଆଲ କରିପାରି ନଥିଲେ । ତାଙ୍କ ଶ୍ରମ କାର୍ଡ ରିନ୍ୟୁଆଲ ହୋଇ ନଥିବାରୁ ଜିଲ୍ଲା ଶ୍ରମ ବିଭାଗ ତାଙ୍କୁ କ୍ଷତିପୁରଣ ଦେବାକୁ ମନା କରି ଦେଇଛନ୍ତି । କାର୍ଯ୍ୟ କରୁଥିବା ସମୟରେ ସ୍ୱର୍ଗତ ଦାସଙ୍କ କୌଣସି ସୁରକ୍ଷା ବେଲ୍ଟ କିମ୍ବା ହେଲମେଟ୍ ନଥିଲା । ଜିଲ୍ଲା ଶ୍ରମ ବିଭାଗ ଶ୍ରମିକ ମାନଙ୍କ ନିରାପତା ପ୍ରତି କୌଣସି ଦାୟିତ୍ୱ ଦେଉ ନଥିବାରୁ ଏହିଭଳି ଅନେକ ଶ୍ରମିକ ମୃତ୍ୟୁବରଣ କରୁଛନ୍ତି । ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡ ପାଇଁ ଶ୍ରମିକ ମୃତ୍ୟୁ ରାଜ୍ୟ ମାନବ ଅଧିକାର କମିଶନଙ୍କ ପାଖରେ ସିଆଇଟିୟୁ ର ରାଜ୍ୟ ଉପ ସଭାପତି ଜଗତ ଜୀବନ ଦାଶ କ୍ଷତିପୁରଣ ବାବଦ ୨୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ମାନବ ଅଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ।

## ସୀମାଞ୍ଚଳଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା, ବ୍ଲକ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ

ଫୁଲବାଣୀ,୧।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାସିପଡ଼ା ଗ୍ରାମର ସୀମାଞ୍ଚଳ ପାତ୍ର ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ିଦୌଡି ବାରମ୍ବାର ଆବେଦନ କରିଆସୁଥିଲେ ମଧ୍ୟ ବାଦ୍ଧକ୍ୟ ଭତ୍ତା ମିଳିପାରୁନାହିଁ । ସରକାର ଭତ୍ତା ପାଇଁ ଧାର୍ଯ୍ୟ ବୟସ ସୀମା ୬୦ କରିଥିବା ବେଳେ କ ନୂଆଗାଁ ବ୍ଲକର ବହୁ ହିତାଧିକାରୀ ଏହି ବୟସ ସୀମା ଟପି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଭତ୍ତା ମିଳିପାରି ନାହିଁ।

 କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାସିପଡ଼ା ଗ୍ରାମର ସୀମାଞ୍ଚଳ ପାତ୍ର ଦୀର୍ଘ ଗୋଟିଏ ବର୍ଷ ହେବ ଭତ୍ତା ପାଇଁ ଦରଖାସ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ହିତାକାରୀ ସୂଚୀରେ ସାମିଲ କରାଯାଇନାହିଁ । ଭତ୍ତା ଟଙ୍କା ପାଇବା ସକାଶେ ସେ ବାରମ୍ବାର ବ୍ଲକ ପଞ୍ଚାୟତ ଅଦ୍ୟାବଧୂ ସଫଳତା ମିଳିପାରି ନାହିଁ । ଦୁଇ ବର୍ଷ ତଳୁ ହିତାକାରୀ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ କେଉଁ କାରଣ ପାଇଁ ସୀମାଞ୍ଚଳ ପାତ୍ରଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତାରୁ ବ୍ଲକ ପ୍ରଶାସନ ବଞ୍ଚିତ ରଖିଛନ୍ତି ତାହା ବୁଝାପଡୁନାହିଁ । ପଞ୍ଚାୟତ ତଥା ପଞ୍ଚାୟତ ସମିତିରେ ବହୁ ବାର ଦରଖାସ୍ତ କରିଥିଲେ ମଧ୍ୟ ସେ ନିରାଶ ହୋଇ ପଡ଼ିଛନ୍ତି।



ଗତ ବିଜେଡି ସରକାର ଅମଳରେ ସେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପଞ୍ଚାୟତ ସମିତି ସ୍ତରରେ ଦରଖାସ୍ତ କରିଥିଲେ ତାଙ୍କୁ କେଉଁ କାରଣରୁ ଭତ୍ତା ଦିଆଯାଉ ନଥୁବା ନିଜେ ସୀମାଞ୍ଚଳ ପାତ୍ର ଅଭିଯୋଗ କରିଛନ୍ତି । ତୁରନ୍ତି ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସୀମାଞ୍ଚଳ ପାତ୍ରଙ୍କୁ ଭତ୍ତା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଭୋଟକା ନାଳର ପୁନରୁଦ୍ଧାର ଓ ଢାଲୁ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



କୋରେଇ, ୧।୩ (ସଂଚାର ବ୍ୟୁରୋ): କୋରେଇର ଜନପ୍ରିୟ ବିଧାୟକ ଶ୍ରୀ ଆକାଶ ଦାସନାୟକ ରସୁଲପୁର ବ୍ଲକର ଭୋଟକା ଗ୍ରାମ ପଂଚାୟତରେ ଆଜି 'ଭୋଟକା ନାଳର ପୁନଃରୁଦ୍ଧାର ଓ ଢାଲୁ ନିର୍ମାଣ କାର୍ଯ୍ୟ'ର ଶୁଭ ଭିର୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଜଳ ସମ୍ପଦ ବିଭାଗର ଜଳ ନିକାଶ ଯୋଜନାରେ ଏହି ପ୍ରକଳ୍ପ କାଯ୍ୟକାରି ହେଲେ ଭୋଟକା ଏବଂ ଆଖପାଖ ପଂଚାୟତ ମାନଙ୍କରେ କୃଷି କ୍ଷେତ୍ରକୁ ପାଣି ଯୋଗାଇବା ସମ୍ଭବ ହେବ, ଏହି ପ୍ରକଳ୍ପ ପାଇଁ ବହୁ ଦିନରୁ ଗ୍ରାମବାସୀମାନେ ଦାବି କରିଥିଲେ। ଏଥିପାଇଁ ଭୋଟକାର ଅଞ୍ଚଳବାସୀମାନେ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଅର୍ଥନୀତି ଉପରେ ଆଲୋଚନାଚକ୍ର 'ଜେ - ଲିଡ୍ ୨୦୨୬'




ଯାଜପୁର,୧।୩ (ସଂଚାର ବ୍ୟୁରୋ): ଜିଲ୍ଲା ମହୋତ୍ସବ ଯଯାତି ଉପଲକ୍ଷେ ବ୍ୟାସନଗର ସ୍ଥିତ ଟାଉନହଲରେ 'ଜେ - ଲିଡ ୨୦୨୬' ଯାଜପୁର ଯୁବ ସମ୍ବାଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। 'ସାମ୍ପ୍ରତିକ ଅର୍ଥନୈତିକ ପରିଦୃଶ୍ୟ: ସମ୍ଭାବନା ଏବଂ ଆହ୍ୱାନ' ବିଷୟବସ୍ତୁକୁ ନେଇ ସେମିନାର କରାଯାଇଥିଲା। କାର୍ଯ୍ୟକ୍ରମରେ ମାନ୍ୟବର କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗ ଦେଇଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ ଅଭିଭାଷଣରେ ବିଶ୍ୱ ମାନଚିତ୍ରରେ ଯାଜପୁର ଜିଲ୍ଲାର ଅର୍ଥନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିଭଳି ଜିଲ୍ଲାପାଳ ଶ୍ରୀ କର ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିବା ସହ ଏଭଳି ଆଲୋଚନା ଚକ୍ର ଆୟୋଜନ ପଛର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ମହୋତ୍ସବ ଆୟୋଜନ କେବଳ ନାଚ ଗୀତରେ ସୀମିତ ନରହି, ଏହା ସହିତ ବୌଦ୍ଧିକ ଆଲୋଚନା ମଧ୍ୟ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ।

ଅତୀତ ଓଡିଶାର ରାଜଧାନୀ ଥିବା ଯାଜପୁରର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ପାଇଁ ନୀତି ନିର୍ମାତା, ଶିଳ୍ପ ନେତୃତ୍ୱ, ବିଶିଷ୍ଟ ଅର୍ଥନୀତିଜ୍ଞମାନେ ଏହି ସମାରୋହରେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲାର ବିଭାଗୀୟ ଅଧିକାରୀ, ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## ୫୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



ଫୁଲବାଣୀ,୧।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ସଲାଗୁଡା ପଂଚାୟତ କାଟ୍ରାମାଲା ଠାରେ ପୁଲିସ ଚଢ଼ାଉ କରି ଏକ ବାଇକ ସହ ୨ ବସ୍ତା ଗଂଜେଇ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ବାଇକ ଚାଳକଙ୍କୁ ଗିରଫ କରାଯାଇଛି । ସେ ହେଲେ ବୌଦ୍ଧ ଥାନା ଗୁଡୁବାହାଲି ଗ୍ରାମର ଉଦ୍ଧବ ମହାନନ୍ଦିଆ(୨୮) । ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ବାଇକରେ ଗଂଜେଇ କଂଟାମାଳ ଦେଇ ବୌଦ୍ଧ ଯିବାକୁ ଚାଲାଣ ହେଉଥିଲା । ଜବତ ଗଂଜେଇ ୫୦ କେଜି । ଏ ନେଇ ୩୩/୨୬ରେ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ ସଂଜିତ କୁମାର ବେହେରା ସୂଚନା ଦେଇଛନ୍ତି ।

### ପ୍ରଶାସନର ବିଚିତ୍ର ନୀତି

## ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ବିଦେଶୀ ମଦଦୋକାନ

ସୁନ୍ଦରଗଡ଼, ୧।୩ (ସଂଚାର ବ୍ୟୁରୋ): ବିଜେପି ସରକାର ଶାସନକୁ ଆସିବା ପୂର୍ବରୁ ବିଜେପିର ଅନେକ ରାଜ୍ୟ ନେତୃବୃନ୍ଦ ଓ ଜଣେ କେନ୍ଦ୍ରମନ୍ତ୍ରୀ ବିଭିନ୍ନ ନିର୍ବାଚନୀ ସଭାରେ କହିଥିଲେ ଓଡ଼ିଶାରେ ବିଜେପି ସରକାରକୁ ଆସିଲେ ରାଜ୍ୟରେ ମଦ ବନ୍ଦ କରାଯିବ। ସରକାରକୁ ଆସିଲା ପରେ ମଦ ତ ବନ୍ଦ ହେଲାନି କିନ୍ତୁ ବିଭିନ୍ନ ସ୍ଥାନରେ ବିଦେଶୀ ଓ ଦେଶୀ ମଦ ଦୋକାନ ଖୋଲା ଯିବାକୁ ନେଇ ବିଦ୍ରୋହ ଦେଖିବାକୁ ମିଳୁଛି ।




କିନ୍ତୁ ସୁନ୍ଦରଗଡ଼ ପୌରାଞ୍ଚଳରେ ଥିବା ଗୋଟିଏ ବିଦେଶୀ ମଦ ଦୋକାନକୁ ନେଇ ଏବେ ବିବାଦ ଚରମ ସୀମାରେ ପହଞ୍ଚି ଥିବା ବେଳେ ପ୍ରଶାସନ ଚୁପ ଥିବା ନେଇ ସହରବାସୀ ତାଜୁବ। ପୂର୍ବରୁ ମେଡିକାଲ ଛକ ହନୁମାନ ମନ୍ଦିର ନିକଟରେ ଥିବା ବିଦେଶୀ ମଦ ଦୋକାନ ଉଚ୍ଛେଦ ହେବା ପରେ ବର୍ତ୍ତମାନ ଏହା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ଖୋଲିଛି। ଯାହାକୁ ନେଇ ସୁନ୍ଦରଗଡ଼ର କିଛି ସଚେତନ ସହରବାସୀ ଏ ନେଇ ଜିଲ୍ଲାପାଳ ଓ କିଛି ଦିନ ଆଗରୁ ସୁନ୍ଦରଗଡ଼ ଆସିଥିବା ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ଆଗରେ ଲିଖିତ ଅଭିଯୋଗ କରିଥିଲେ।

ମୁଖ୍ୟ ଡାକ୍ତରଖାନା, ଷ୍ଟେଟ ବ୍ୟାଙ୍କ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ହେଇଥିବାରୁ ଏଠାରେ ସାଧାରଣ ଜନତା ପ୍ରଭାବିତ ହେବେ। ଓଡିଶା ସରକାରଙ୍କ ଭୂ-ବନ୍ଦୋବସ୍ତ ନିୟମ ଅନୁଯାୟୀ ଏହି ବିଦେଶୀ ମଦ ଦୋକାନ ନଜୁଲ ଜମି ଉପରେ ଥିବାରୁ ଏହାକୁ କିଭଳି ଅନୁମତି ପ୍ରଦାନ କରାଗଲା ସେନେଇ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ଏହି ବିଦେଶୀ ମଦ ଦୋକାନକୁ ଏଠାରୁ ଉଚ୍ଛେଦ କରା ନଯାଏ ତେବେ ମୁଖ୍ୟ ଡାକ୍ତରଖାନା ଓ ଷ୍ଟେଟ ବ୍ୟାଙ୍କକୁ ଆସୁଥିବା ସାଧାରଣ ଜନତା ଅସୁବିଧାରେ ପଡିବେ। ପାଖରେ ରହିଥିବା ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ର ଦୋକାନୀମାନେ ମଧ୍ୟ ଏହାକୁ ତୀବ୍ର ବିରୋଧ କରୁଛନ୍ତି।

## ହିଞ୍ଜିଳି ବିଜେପିର ପ୍ରଶିକ୍ଷଣ ଶିବିର




ହିଞ୍ଜିଳିକାଟୁ,୧।୩ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ମା ଶ୍ୟାମଳାଇ ମନ୍ଦିର ପରିସର କଲ୍ୟାଣ ମଣ୍ଡପ ଠାରେ ଦୀନଦୟାଲ ଉପାଧ୍ୟାୟଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ମହାଅଭିଯାନ କର୍ମଶାଳା ଜିଲ୍ଲାସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି | ପଣ୍ଡିତ ଦୀନଦୟାଲ ନେତୃତ୍ୱରେ ୧୯୫୧ ମସିହାରେ ଜନସଂଘ ଠୁ ଆରମ୍ଭ କରି ଅପ୍ରେଲ ୧୯୮୦ ବିଜେପି ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ତାଙ୍କର ସୁଚିନ୍ତିତ କାର୍ଯ୍ୟଧାରା ଭାରତୀୟ ଜନତା ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଆକର୍ଷିତ କରିଅଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସଂପାଦକ ସରଦା ପ୍ରସାଦ ଶତପଥୀ, ମଣ୍ଡଳ ସ୍ତରରେ ଏହି ପ୍ରଶିକ୍ଷଣ ମହାଅଭିଯାନକୁ କିଭଳି ସୁସଂଗଠିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ତା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କର୍ମଶାଳା କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଆସିକା ବିଧାୟକ ସରୋଜ ପାଢ଼ୀ, ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଜିଲ୍ଲା ପ୍ରଭାରୀ ପ୍ରକାଶ ଚନ୍ଦ୍ର ମଙ୍ଗରାଜ ଏବଂ ସମସ୍ତ ଜିଲ୍ଲା ପ୍ରଦାଧିକାରୀ ସହ ମଣ୍ଡଳ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବୋରିଗୁମ୍ମାରେ ହିନ୍ଦୁ ସମ୍ମିଳନୀ

ବୋରିଗୁମ୍ମା, ୧।୩ (ସଂଚାର ବ୍ୟୁରୋ): ବୋରିଗୁମ୍ମା ସଦର ମହକୁମା ଠାରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବୋରିଗୁମ୍ମା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ନିକଟ ପୋଖରୀରୁ ଶହ ଶହ ହିନ୍ଦୁ ମହିଳାମାନେ ଜଳ ସଂଗ୍ରହ କରି କଳସ ଯାତ୍ରା କରିଥିଲେ। ଶହ ଶହ ହିନ୍ଦୁ ଭାଇ ଓ ଭଉଣୀମାନେ



ସ୍ଥାନୀୟ ଜଗନ୍ନାଥ ମନ୍ଦିର ରୁ ବାହାରି ଭଜନ ଓ କୀର୍ତ୍ତନ ସହ ସହର ପରିକ୍ରମା କରି ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ପହଞ୍ଚି ଥିଲେ। ସେଠାରେ ବୈଦିକ ରୀତି ନୀତି ରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁରେନ୍ଦ୍ର ପଣ୍ଡା ଯୋଗ ଦେଇ ନିଜ ଅଭିଭାଷଣରେ ହିନ୍ଦୁ ଏକତା,ପରମ୍ପରା, ସଂସ୍କୃତି ବିଷୟରେ ବାସ୍ତବ ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ବ୍ୟବସାୟ ପ୍ରବନ୍ଧନ ଅଧ୍ୟାପକ ସିତାନାଥ ରାୟଗୁରୁଙ୍କ ଚୁମ୍ବକୀୟ ଅଭିଭାଷଣରେ ଏକତାର ସୂତ୍ର, ପରିବେଶ ରକ୍ଷା, ସ୍ୱଦେଶୀ ବ୍ୟବହାର, ସ୍ୱଚ୍ଛ ପରିବେଶ ବାର୍ତ୍ତା ରହିଥିଲା । ହିନ୍ଦୁ ସମାଜ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ର ସଭାପତି ତ୍ରିପତି ପଟ୍ଟନାୟକ ଏବଂ ବୋରିଗୁମ୍ମା ଖଣ୍ଡ କାର୍ଯ୍ୟାଳୟ କବିବର ନାୟକ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଏହି ଅବସରରେ ଗାଁ ଗହଳିରେ ଥିବା ମନ୍ଦିର ପୂଜାରୀ, ହୁଣ୍ଡି ପୂଜା କରୁଥିବା ସେବକ, ଗ୍ରାମଦେବୀଙ୍କୁ ପୂଜା କରୁଥିବା ପୂଜାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପ୍ରାୟ ତିନିହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା।

## ସାନ୍ତାଳୀ ସମ୍ପ୍ରଦାୟର ବାହାବଙ୍ଗା ଉତ୍ସବ ପାଳିତ



ବାରିପଦା, ୧।୩ (ସଂଚାର ବ୍ୟୁରୋ): କୁଳିଅଣା ଦିସମ ଜାହେର ଶୁଖୁଆପୋଡାଠାରେ ଦିସମ ଜାହେର ପାଳନ କମିଟି ପକ୍ଷରୁ ସାନ୍ତାଳୀ ସମ୍ପ୍ରଦାୟର ପବିତ୍ର ବାହାବଙ୍ଗା ଉତ୍ସବ ଭକ୍ତିମୟ ପରିବେଶ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ କୁଳିଅଣା ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ସାନ୍ତାଳୀ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

ଶୁକ୍ରବାର ସକାଳେ 'ଜାହେର ସାଳିମ ଦାଲବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ରାତିରେ ଜାଗରଣ ଓ ବିନତି କାର୍ଯ୍ୟ ସମାପନ କରାଯାଇଥିଲା। ଶନିବାର ସକାଳେ ଦିସମ ଜାହେରର ନାୟକେ ବାବା ସୁଧିର ଚପେୟାର ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଅପରାହ୍ନରେ ବ୍ଲକର ବିଭିନ୍ନ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ସମବେତ ଭାବେ ପାରମ୍ପରିକ ବାହା ନୃତ୍ୟରେ ଅଂଶଗ୍ରହଣ କରି ଉତ୍ସବକୁ ଆହୁରି ରଙ୍ଗିନ କରିଥିଲେ। ରବିବାର ଦିନ ନାୟକେ ବାବାଙ୍କ ଦ୍ୱାରା "ଆଃ ରାଳା" କାର୍ଯ୍ୟ ସମ୍ପନ୍ନ ହେବା ପରେ ବାହାବଙ୍ଗା ଉତ୍ସବର ସମାପନ ହୋଇଥିଲା।

## ଲୋକପଡ଼ାରେ ସିରିଜ ଡକାୟତି

ଆଳି, ୧।୩(ସଂଚାର ବ୍ୟୁରୋ): ଆଳି ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଏକ ଲୁଟେରା ଗ୍ୟାଙ୍ଗ ସିରିଜ ଲୁଟ କରିବା ସହ ଜଣେ ବ୍ୟବସାୟୀଙ୍କ ଘରେ ଓ ଅଫିସରେ ସଶସ୍ତ୍ର ଲୁଟେରା ଗ୍ୟାଙ୍ଗ ପଶିବା ଘଟଣା ଆଳି ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଦେଇଛି । ଆଳି ଥାନା ଠାରୁ ମାତ୍ର ଗୋଟାଏ କିଲୋମିଟର ଦୂରରେ ଥିବା ଲୋକାପଡ଼ା ଗ୍ରାମରେ ଲୁଟେରା ଗ୍ୟାଙ୍ଗ ଏଭଳି କାଣ୍ଡ ଭିଆଇଛନ୍ତି । ଯୁବ ବ୍ୟବସାୟୀ ସମ୍ବିତ ଦାସଙ୍କ ଘରେ ଓ ଅଫିସରେ ଲୁଟେରାମାନେ ମୁହଁରେ ମାସ୍କ ବାନ୍ଧି ବିଭିନ୍ନ ମାରଣାସ୍ତ୍ର ଧରି ଲୁଟ ଉଦ୍ୟମ କରି ବିଫଳ ହୋଇଥିବା ବେଳେ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ସେ ଆଳି ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ମନୋଜ ରାୟ ଙ୍କ ପରିବାର ଲୋକ ଏକ ବିବାହ ଉତ୍ସବ ନିମନ୍ତେ ଭୁବନେଶ୍ୱର ଯାଇଥିବା ବେଳେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟିନେବା ସହ ସରତ ରାୟଙ୍କ ଘରୁ ମଧ୍ୟ ଚୋରି ହୋଇଛି । ଗୋଟିଏ ରାତିରେ ଲୁଟେରାଙ୍କ ଏହି କାଣ୍ଡ ସାଧାରଣରେ ଆତଙ୍କ ଖେଳାଇ ଦେଇଥିବା ବେଳେ ପୁଲିସ ପେଟ୍ରୋଲିଙ୍ଗ ଅଭାବରୁ ଲୁଟେରାମାନେ ଖୁଲମ ଖୁଲା ଲୁଟ କରି ଚାଲିଛନ୍ତି । ଅନ୍ୟ ପଟେ ସନ୍ଧାନି କୁକୁର ଦ୍ୱାରା ପୋଲିସ ଖୋଜୁ ଥିବା ବେଳେ କେବେ ଏହି ଲୁଟେରା ଗ୍ୟାଙ୍ଗକୁ ପୁଲିସ କାବୁ କରୁଛି ତାହାକୁ ଅପେକ୍ଷା କରାଯାଇଛି ।

### ସପ୍ତମ ସାଗରବେଳା ମହୋତ୍ସବ ଉଦ୍‌ଘାଟିତ

## ପିଢ଼ି ପିଢ଼ି ମଧ୍ୟରେ ସମନ୍ୱୟରେ ବିକଶିତ ରାଜନଗର ପରିକଳ୍ପନା ସାକାର ହେବ

ରାଜନଗର,୧।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ସପ୍ତମ ସାଗରବେଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ରାଜନଗରରେ ପ୍ରତିଭାର ଅଭାବ ନାହିଁ, ମାତ୍ର ପ୍ରତିଭା ବିକାଶ ମାଧ୍ୟମରେ ଶେଷଧଡ଼ିରେ ଠିଆ ହୋଇଥିବା ଲୋକଟିର ମୁହଁରେ ହସ ଫୁଟାଇ ପାରିଲେ ଏକ ସୁନ୍ଦର ରାଜନଗର ଗଢିଉଠିବ। ସାଗରବେଳା ମହୋତ୍ସବ ରାଜନଗରର ଏହିତିହ୍ୟ, ସଂସ୍କୃତି ଓ ଲୋକକଥାକୁ ଲୋକ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ।



ମୁଖ୍ୟ ବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ଼ଃ ବାସୁଦେବ ଦଶ ଯୋଗଦେଇ ରାଜନଗର ପ୍ରକୃତିର ଭୂସ୍ୱର୍ଗ। ଏଠି ଉତ୍ତର ପିଢ଼ିଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ ଅପେକ୍ଷା ରତ। ତେଣୁ ପିଢ଼ି ପିଢ଼ି ମଧ୍ୟରେ ସମନ୍ୱୟ ଗଢି ପାରିଲେ ଏକ ବିକଶିତ ରାଜନଗର ପରିକଳ୍ପନାର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବରଣ୍ୟ ବକ୍ତା ଭାବେ ଯୋଗଦେଇ ବ୍ରହ୍ମା ଅବଧୂତ ସୁବ୍ରତବାବା ବିଶ୍ୱକଲ୍ୟାଣ ପାଇଁ କାମନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଅବସରପ୍ରାପ୍ତ ପ୍ରଶାସକ ଡ଼ଃ କେଳୁଚରଣ ସ୍ୱାଇଁ, ଜିଏସଟି କମିଶନର ଡ଼ଃ ପଦ୍ମଲୋଚନ ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଅଂଚଳର ବିକାଶ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା ବିବରଣୀ ପାଠ କରିଥିଲେ, ଡ଼ଃ ଧରଣୀଧର ରାଉତ ଉତ୍ସବ ର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ବାଦିକତା ଜଗତରେ ନିଜର ସ୍ୱତନ୍ତ୍ର ଛାପ ଛାଡିଥିବା ରାଜନଗରର ଯୁବ ସାମ୍ବାଦିକ ତାପସ କୁମାର ପରିଡା ଓ ଦୋଳଗୋବିନ୍ଦ ଜେନା, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ବଳ ଏବଂ ଓ୍ୱିଷ୍ଣୁ ଚରଣ ବାରିକ ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ଶେଷରେ ହଂସୁଆ କଳାପରିଷଦ ଓ ବଳଦେବଜ୍ୟୁ କଳାପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ନୀଳଗିରି, ୧।୩ (ସଂଚାର ବ୍ୟୁରୋ): ଦିନ ଦ୍ୱିପ୍ରହର ସମୟରେ ପରିବାର ଲୋକ ବିଶ୍ରାମ ନେଇଥିବା ବେଳେ ଜୈନିକ ଯୁବତୀଙ୍କୁ ପଡୋଶୀ ଯୁବକ ଜୋର ଜବରଦସ୍ତ ବଳତ୍କାର ଅଭିଯୋଗରେ ଗିରଫ କରାଯାଇଛି। ସୂଚନାଯୋଗ୍ୟ ରାଜବରମପୁର ଥାନା ଅନ୍ତର୍ଗତ ଗରଡ଼ିହି ପଞ୍ଚାୟତର ସିଆଡ଼ିମାଳ ଗ୍ରାମର ସୁକୁରା ସିଂଙ୍କ ପୁଅ ଅଭିରାମ ସିଂ (୬୭) ଗତ ୨୮ ତାରିଖ ଦିନ ଦ୍ୱିପ୍ରହର ପ୍ରାୟ ୨ଟା ସମୟରେ ଘରେ ଖାଇସାରି ଶୋଇଥିବା ବେଳେ ଏହାର ସୁଯୋଗ ନେଇ ଚନ୍ଦ୍ରପୁର ଗ୍ରାମର ଆନନ୍ଦ ସିଂଙ୍କ ପୁଅ ମୁନା ସିଂ (୪୦) ଅଭିରାମଙ୍କ ଅବିବାହିତା ଜୈନିକ ୩୪ବର୍ଷୀୟା ଝିଅକୁ ବଳତ୍କାର କରିଥିଲା। ଚିତ୍କାର ଶୁଣି ବାପା ଅଭିରାମ ଉଠିପଡିବାରୁ ମୁନା ସିଂ ଦୌଡ଼ି ପଳାଇଥିଲା। ଏନେଇ ଅଭିରାମ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ମୁନା ସିଂଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ୨୬/୨୬ରେ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ନେଇ ତଦନ୍ତ କାରୀ ଅଧିକାରୀ ଏଏସଆଇ ମନୋରଞ୍ଜନ ପୁହାଣ ସୂଚନା ଦେଇଛନ୍ତି।

**AFFIDAVIT**

In view of an affidavit sworn before Notary Public, Cuttack, dated 13.2.2026, Gopinath Sunyani, aged about 55 years, S/o-Bhutlu Sunyani, Permanent Resident of G/196, PS - Sector-19, Rourkela, Dist-Sundargarh-769005, Odisha, presently residing G/196, PS-Sector-19, Rourkela, Dist-Sundargarh-769005, Odisha, declare that I have changed the name of my son from DIBYANSHU KUSHAL SUNYANI to KUSHAL SUNYANI. Henceforth he shall be known as KUSHAL SUNYANI for all purposes.




## ସୁଗ୍ରୀବ ଅବତାରରେ ଅରୁଣ

ପୂର୍ବତନ ମନ୍ତ୍ରୀ ତଥା ନୟାଗଡର ବିଧାୟକ ଡକ୍ଟର ଅରୁଣ କୁମାରଙ୍କ ସୁଗ୍ରୀବ ଅବତାର। ଅବଶ୍ୟ କେଉଁ ରଙ୍ଗମଞ୍ଚରେ ନୁହେଁ। ଖୋଦ ବିଧାନସଭା ଭିତରେ ଅରୁଣଙ୍କ ଆଚରଣ ଦେଖି ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ରାମାୟଣର ସୁଗ୍ରୀବ ବୋଲି କହିବାକୁ ପଛାଉ ନାହାନ୍ତି। ଏହାର କାରଣ ହେଉଛି ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ବିଧାୟକମାନେ ହାତରେ ପୋଷ୍ଟର, ବ୍ୟାନର ଧରି ମାଡି ଆସିଲାବେଳେ ସେମାନଙ୍କୁ ଉତ୍ସାହିତ କରୁଥିଲେ ଅରୁଣ। ଗୃହ ଆରମ୍ଭ ମାତ୍ରେ ଅରୁଣ କହୁଥିଲେ 'ଆକ୍ରମଣ'। ଠିକ୍ ରାମାୟଣ ସିରିଏଲର ସୁଗ୍ରୀବଙ୍କ ଭଳି। ସିରିଏଲରେ ସୁଗ୍ରୀବ ଯେଉଁଭଳି ବାନର ସେନାଙ୍କୁ ଆକ୍ରମଣ କହି ଆଗକୁ ଯିବାକୁ ଉତ୍ସାହିତ କରୁଥିଲେ, ଅରୁଣ ମଧ୍ୟ ଅନୁରୂପ ଭାବେ ଆକ୍ରମଣ କରି ବିଜେଡି ବିଧାୟକଙ୍କୁ ଉତ୍ସାହିତ କରୁଥିଲେ। ବିଧାୟକମାନଙ୍କ କାନରେ ବି ଆକ୍ରମଣ ଶବ୍ଦ ପଡିବା ମାତ୍ରେ ସେମାନେ ଗୃହ ମଧ୍ୟରେ ବିଭିନ୍ନ ପ୍ରଦର୍ଶନ କରୁଥିଲେ। କିଏ ରିପୋର୍ଟରଙ୍କ ଟେବୁଲ ଉପରକୁ ଚଢି ଯାଉଥିଲା ତ ଆଉ କିଏ ବାଚସ୍ପତିଙ୍କ ପୋଡିୟମକୁ ପିଟି ପକାଉଥିଲା। ବାନରସେନା ହାତରେ ଅସ୍ତ୍ର ଭଳି ସମସ୍ତଙ୍କ ହାତରେ ପୋଷ୍ଟର ବ୍ୟାନର ରହୁଥିଲା। ତେବେ ନିଇତି ଗୃହକାର୍ଯ୍ୟ ଆରମ୍ଭରୁ ଅରୁଣଙ୍କ 'ଆକ୍ରମଣ' ଡାକରାକୁ ଶୁଣୁଥିବା ଗଣମାଧ୍ୟମ ଏବେ ଅରୁଣଙ୍କୁ ରାମାୟଣର ସୁଗ୍ରିମ ବୋଲି କହିବା ଆରମ୍ଭ କରିଦେଇଛନ୍ତି।



## ଦଗା ଦେଇଦେଲେ ରାମଚନ୍ଦ୍ର

ବିଧାନଭାର ସବୁଠାରୁ ସାଦା ସିଧା ବିଧାୟକ ହେଲେ ରାମଚନ୍ଦ୍ର କାଡାମ। ତାଙ୍କୁ କାହାର ଅବିଶ୍ୱାସ କରିବାର ନାହିଁ। ହେଲେ ଏଥର ରାମଚନ୍ଦ୍ର ଯେଉଁଭଳି ଦଗା ଦେଇଛନ୍ତି ତାହାକୁ ଶାସକଦଳର ବିଧାୟକମାନେ ଭୁଲିପାରୁ ନାହାନ୍ତି। ବଜେଟ୍ ଅଧିବେଶନର ଅନ୍ତିମ ଦିନରେ ଯେତେବେଳେ ବିଜେଡି ସଦସ୍ୟମାନେ ଗୃହରେ ହଟଗୋଳ ଜାରି ରଖିଥିଲେ ସେତେବେଳେ କଂଗ୍ରେସ ସଦସ୍ୟମାନେ ନିଜ ନିଜ ଆସନରେ ବସିବା ସହିତ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କିଛି କହିବାକୁ ଚାହିଁଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହାକୁ ମଉକା ବୋଲି ଭାବିନେଲେ। କଂଗ୍ରେସ ଚାଷୀ ପ୍ରସଙ୍ଗ ଆରମ୍ଭରୁ ଉଠାଉଥିବାରୁ କାଡାମ ଚାଷୀଙ୍କ ସଂକ୍ରାନ୍ତରେ କହିବେ ବୋଲି ସମସ୍ତେ ଧରି ନେଇଥିଲେ। କାଡାମଙ୍କୁ ମଧ୍ୟ କହିବାର ସୁଯୋଗ ମିଳିଲା। ହେଲେ କାଡାମ ଚାଷୀଙ୍କ କଥା ନକହି ସିଧା ଏପଷ୍ଟିନ୍ ପ୍ରସଙ୍ଗ ଉଠାଇଦେଲେ। ଏହା ଶୁଣି ଶାସକଦଳର ସଦସ୍ୟମାନେ ଆଶ୍ଚର୍ଯ୍ୟଚକିତ ହେଲେ। ତୁରନ୍ତ କାଡାମଙ୍କ ବକ୍ତବ୍ୟ ଗୃହର ବିବରଣୀରୁ ବାଦ୍ ଦେବାକୁ ଅଡି ବସିଲେ। ଶାସକଦଳର ସଦସ୍ୟଙ୍କ କଥା ବି ରହିଲା। କାଡାମଙ୍କ ମନ୍ତବ୍ୟ ଗୃହର ବିବରଣୀରୁ ବାଦ୍ ପଡିଲା। ଏବେ ଶାସକଦଳର ସଦସ୍ୟମାନେ ଆଲୋଚନା କରୁଛନ୍ତି ସତରେ ରାମଚନ୍ଦ୍ର ଦଗା ଦେଇଦେଲେ। ଠିକଣା ବେଳେ ବାଟ ଓଗାଳିନଥିଲେ ଏଠାରେ ରାମାୟଣ ସ୍ଥିତି ଉପୁଜିଥାନ୍ତା।



## ରାଜାଙ୍କ ପ୍ରଜା ମାର୍କା ଗାଳି



ବିଜେଡି ଶିବିରରେ ଏବେ ଗୋଟିଏ ଆଲୋଚନା ହେଉଛି ରାଜାଙ୍କ ପ୍ରଜାମାର୍କା ଗାଳି। ଏ ନେଇ ଜଣେ ବିଜେଡି କର୍ମୀ ଆଲୋଚନା କରୁଥିବାବେଳେ ଆମେ ଟିକେ ତାଙ୍କୁ କଥାଟା ବିଷୟରେ ପଚାରିଦେଲୁ। ଶାଗୁଆ କର୍ମୀ ଜଣଙ୍କ କହିଲେ, ବୁଝିଲେ ଆଜ୍ଞା ବିଧାୟକ ରାଜାବାବୁ ନିବାସକୁ ଯାଇଥିଲେ ଆଲୋଚନା ପାଇଁ। ସେଠାରେ କଟକୀ ବାବୁ ପ୍ରଭାତଙ୍କ ସହିତ ମୁହାଁମୁହିଁ ହେଲେ। ଦୁଇଜଣ ଯାକ ମତାନ୍ତରରୁ ଯାଇ ଗାଳି ଗୁଲଜରେ ପହଞ୍ଚିଲେ। ଏହାପରେ ଆଉ ରାଜା ବାବୁଙ୍କୁ ସମ୍ଭାଳେ କିଏ ? ପ୍ରଭାତଙ୍କ ଉପରକୁ ପୂରା ପ୍ରଜାମାର୍କା ଗାଳି ଛାଡିଲେ। ଯାହା କାନରେ ବାଜିଲା ସିଏ କାନରେ ହାତ ଦେଇଦେଲା। ଗାଳି କାଳେ କବାଟ ଫାଙ୍କରେ ଯାଇ ନିବାସ ମୁଖିଆଙ୍କ କାନରେ ପଡିଯିବ ସେଥିପାଇଁ ଦୁଇଜଣ ପିଏସ୍‌ଓ ରାଜା ବାବୁ ଓ ପ୍ରଭାତ ବାବୁଙ୍କୁ ବୁଝାବୁଝି କରି ଗୋଟିଏ ଘରେ ବସାଇଲେ। ହେଲେ ଦୁଇ କଟିକିଆ ସେଠାରେ ଏଭଳି ସଂସ୍କୃତ ଆବୃତ୍ତି କଲେ ଯେ ତାହା ଅନ୍ୟମାନଙ୍କୁ ଚକିତ କରିଦେଲା। କର୍ମୀ ଜଣଙ୍କ କହୁଥାନ୍ତି ପୂର୍ବରୁ ଆମେ ରାଜା ବାବୁଙ୍କର ଇଂରାଜୀ ଜ୍ଞାନ ବିଷୟରେ ଜାଣିଥିଲୁ। ହେଲେ ତାଙ୍କର ସଂସ୍କୃତ ଜ୍ଞାନ ବିୟରେ ଅଜ୍ଞ ଥିଲୁ। ତେବେ ରାଜାଙ୍କ ସଂସ୍କୃତ ମାଡରେ ପ୍ରଭାତ ଦଳରୁ ବିଦା ହୋଇଗଲେ ବୋଲି କର୍ମୀ ଜଣଙ୍କ କହିବାରୁ ଆମେ ସବୁକିଛି ବୁଝିଗଲା ପରି ତାଙ୍କୁ ଆଉ କିଛି ନକହି ସେ ସ୍ଥାନ ପରିତ୍ୟାଗ କରିବାକୁ ଉଚିତ୍ ମଣିଲୁ।

## ଘଣ୍ଟା ସଜାଡ଼ିବାକୁ ବେଳ ନାହିଁ



ଘଣ୍ଟା ସଜାଡିବାକୁ ପୁଲିସ୍ ବାବୁମାନଙ୍କୁ ବେଳ ନାହିଁ। ଫଳରେ ସପ୍ତାହେ ହେଲା ଘଣ୍ଟା ଅଚଳ ହୋଇ ପଡିଛି। ଅଚଳ ଘଣ୍ଟା ଅଶୁଭ ବୋଲି କିଛି କର୍ମଚାରୀ କହିଲା ପରେ ବି ଘଣ୍ଟା ସଜ ହୋଇପାରୁ ନାହିଁ। ତେବେ ଏଘଣ୍ଟା କେଉଁ ପୁଲିସ୍ ବାବୁଙ୍କର ନୁହେଁ। ଖୋଦ୍ କମିଶନରେଟ ପୁଲିସ୍ କୋଠାରେ ଲାଗିଥିବା ବଡ ଘଣ୍ଟାଟି। କିଛିଦିନ ହେଲେ। ଏ ଘଣ୍ଟା ଖରାପ। ତାହାକୁ ମରାମତି କରିବାକୁ କାହାରିକୁ ବେଳ ନାହିଁ। ଯଦି ମରାମତି ନହୋଇ ପାରୁଛି ତେବେ ନୂଆ ଘଣ୍ଟାଟିଏ ବି ଲଗାଯାଇ ପାରିଥାନ୍ତା। ହେଲେ ତାହା ବି ହୋଇପାରୁ ନାହିଁ। ପ୍ରତିଦିନ ଅଫିସ ଆଗରେ ଅଟକି ଘଣ୍ଟାକୁ ଚାହୁଁଥିବା ଜଣେ ବାବୁ କହୁଥିଲେ, ଏହି ଅଚଳ ଘଣ୍ଟା ଦର୍ଶାଇ ଦେଉଛି ଆମ ଭୁବନେଶ୍ୱରିଆ ପୁଲିସ୍ ବାବୁ କେତେ ସଚଳ। ଏମାନେ ଯଦି ଘଣ୍ଟାଟିକୁ ଶୀଘ୍ର ମରାମତି କରିପାରୁ ନାହାନ୍ତି, ତେବେ ଚୋର ଡକାୟତଙ୍କୁ କିଭଳି ଶୀଘ୍ର ଧରୁଥିବେ ତାହା ଏଥିରୁ ଜଣାପଡୁଛି। ତେବେ ଆମର ଏ ଲେଖାଟି ପ୍ରକାଶ ପାଇଲା ବେଳକୁ ଖାକି କୋଠାର ଧଳା ଘଣ୍ଟାଟି ଚାଲିଥିବ ବୋଲି ଆମେ ଆଶା କରିବୁ ନିଶ୍ଚୟ।

## ଟଙ୍କା ଆଗରେ ପରିବାର ତୁଚ୍ଛ



ପରିବାର ପାଇଁ ଟଙ୍କା ରୋଜଗାର କରାଯାଏ। କିଏ ସତ୍ ଉପାୟରେ କରେ ତ ଆଉ କିଏ ଅସତ୍ ଉପାୟରେ। ହେଲେ ଲକ୍ଷ୍ୟ ଥାଏ ଏହି ଟଙ୍କାକୁ ପରିବାର ପାଇଁ ଖର୍ଚ୍ଚ କରିବା। ହେଲେ ନିକଟରେ ଘରେ ସାଢେ ୪ କୋଟି ନଗଦ ରଖି ଧରାପଡିଥିବା ମହାନ୍ତି ବାବୁଙ୍କ କ୍ଷେତ୍ରରେ କିନ୍ତୁ ଏହା ଏକ ବ୍ୟତିକ୍ରମ। ବାବୁ ଟଙ୍କା ପ୍ରେମରେ ଏଭଳି ପଡିଥିଲେ ଯେ ପୂରା ପରିବାର କଥା ଭୁଲିଯାଇଥିଲେ। ଖାକି ବାବୁମାନେ ଯେତେବେଳେ ମହାନ୍ତି ବାବୁଙ୍କ ଘରେ ଟଙ୍କାର ପାହାଡ ଠାବ କରୁଥିଲେ ସେତେବେଳେ ମହାନ୍ତି ବାବୁଙ୍କ ପତ୍ନୀ ଶଯ୍ୟାଶାୟୀ ଥିବା ତାଙ୍କ ନଜରକୁ ଆସିଥିଲା। ଫଳରେ ସେମାନଙ୍କୁ ଏତେ ପରିମାଣର ଟଙ୍କା ଯେତିକି ଚକିତ କରିନଥିଲା ତାହାଠାରୁ ଅଧିକ ଚକିତ କରିଥିଲା ମହାନ୍ତି ବାବୁଙ୍କ ରୋଗୀଣା ପତ୍ନୀ। ପୁଲିସ୍ ଯେତେବେଳେ ଘର ସାରା ଖେଦି ଯାଉଥିଲେ ସେତେବେଳେ ମହିଳା ଜଣଙ୍କ ନିଶ୍ଚଳ ହୋଇ ଖଟିଆରେ ପଡି ରହିଲେ। ବିରଳ ରୋଗରେ ପୀଡିତ ମହିଳାଙ୍କୁ ଚିକିତ୍ସା କରିବାପାଇଁ କୁଆଡେ ମହାନ୍ତି ବାବୁଙ୍କ ପାଖରେ ସମୟ ନଥିଲା। ଟଙ୍କା ଅର୍ଜନ କରିବା, ତାହାକୁ ଗଣିବା ଓ ଘରେ ସାଇତି ରଖିବାରେ ଏତେ ବ୍ୟସ୍ତ ରହୁଥିଲେ ଯେ ପତ୍ନୀ ଯତ୍ନ ତାଙ୍କ ଆଗରେ ତୁଚ୍ଛ ହୋଇଥିଲା। ଜଣେ ବାବୁଙ୍କ ଘରୁ ଏତେ ପରିମାଣର ନଗଦ ଅର୍ଥ ଯେଭଳି ଏକ ବିରଳ ଘଟଣା, ଠିକ୍ ସେହିପରି ଟଙ୍କା ପାଇଁ ପରିବାରକୁ ଅଣଦେଖା କରିବାରେ ମଧ୍ୟ ବାବୁଙ୍କର ଅନ୍ୟଏକ ବିରଳ ରେକର୍ଡ ବୋଲି ଆଲୋଚନା ହେଉଛି।

### ମନମୋହନଙ୍କ ରାଜ୍ୟସଭା ଗଣିତ

# ବିଜେଡି-କଂଗ୍ରେସ ମିଶିକି ଲଢ଼ିଲେ ବିଜେପିକୁ ଫାଇଦା

**ଭୁବନେଶ୍ୱର, ୧।୩(ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନ ନେଇ ରାଜ୍ୟ ରାଜନୀତି ଧୀରେ ଧୀରେ ସରଗରମ ହୋଇ ଉଠିଛି। ବିଜେଡି ଦୁଇ ଜଣ ପ୍ରାର୍ଥୀ ଘୋଷଣା କରିବା ପରେ ବିଜେପି ପକ୍ଷରୁ କିଏ ହେବ ପ୍ରାର୍ଥୀ, ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଏହି କ୍ରମରେ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବଡ଼ ବୟାନ। ବିଜେଡି ଓ କଂଗ୍ରେସ ମିଶିକି ଲଢ଼ିଲେ ବିଜେପିକୁ ଫାଇଦା ହେବ। ଦୁଇରୁ ତିନି ଦିନ ଅପେକ୍ଷା କରନ୍ତୁ, ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।



- ବିଜେପି ଦୁଇଟି ଓ ବିଜେଡି ଗୋଟିଏ ସିଟ୍ ଜିତିବା ଥୟ
- ଦୁଇରୁ ତିନି ଦିନ ଅପେକ୍ଷା କରନ୍ତୁ, ସବୁ ଚିତ୍ର ସ୍ପଷ୍ଟ ହୋଇଯିବ
- ମାର୍ଚ୍ଚ ୧୬ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏଁ ଭୋଟ ଗ୍ରହଣ

ମନମୋହନ କହିଛନ୍ତି, ଆମ ଦଳ ଖୁବଶୀଘ୍ର ନିଷ୍ପତ୍ତି ନେବ କିଏ ପ୍ରାର୍ଥୀ ହେବ। ପାର୍ଟି ସଂସଦୀୟ କମିଟି ଏହାକୁ ନେଇ ନିଷ୍ପତ୍ତି ନେବ। ବିଜେଡି-କଂଗ୍ରେସ ମିଶିକି ଲଢ଼ିଲେ ବିଜେପିକୁ ଫାଇଦା ହେବ। ବିଜେପି ତୃତୀୟ ପ୍ରାର୍ଥୀ ଦେବା ନେଇ ମନମୋହନ କହିଛନ୍ତି, ଦୁଇରୁ ତିନି ଦିନ ଅପେକ୍ଷା କରନ୍ତୁ, ସବୁ ଚିତ୍ର ସ୍ପଷ୍ଟ ହୋଇଯିବ। ଗତକାଲି ମୁଖ୍ୟ ବିରୋଧୀ ଦଳ ରାଜ୍ୟସଭାର ତୃତୀୟ ଓ ଚତୁର୍ଥ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ୩ୟ ସିଟ୍ ପାଇଁ ଦଳର ବରିଷ୍ଠ ନେତା ସଂତୃପ୍ତ ମିଶ୍ରଙ୍କ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ୪ର୍ଥ ଆସନ ପାଇଁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରିଛି ବିଜେଡି। ଓଡ଼ିଶାରେ ୪ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି। ସଂଖ୍ୟାବଳ ଅନୁସାରେ ବିଜେପି ଦୁଇଟି ଓ ବିଜେଡି ଗୋଟିଏ ସିଟ୍ ଜିତିବା ଥୟ। ହେଲେ ଚତୁର୍ଥ ଆସନକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ଏବେ ବି ଛକାପଞ୍ଝା ଜାରି ରହିଛି।

ସୂଚନାଯୋଗ୍ୟ ଯେ ଓଡ଼ିଶା କୋଟାରୁ ରାଜ୍ୟସଭାରେ ୪ଟି ଆସନ ଖାଲି ହେବାକୁ ଯାଉଛି, ଯେଉଁଥିଲାଗି ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ଚାଲିଛି ଛକାପଞ୍ଝା। ରାଜ୍ୟସଭା ନିର୍ବାଚନ ଲାଗି ବିଜ୍ଞପ୍ତି ମଧ ପ୍ରକାଶ ପାଇଛି, ଯେଉଁଥିରେ ମାର୍ଚ୍ଚ ୫ ତାରିଖରେ ନାମାଙ୍କନ ଦାଖଲର ଶେଷ ତାରିଖ, ୬ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ସେହିପରି ମାର୍ଚ୍ଚ ୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଥିବା ବେଳେ ମାର୍ଚ୍ଚ ୧୬ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ ଯାଏଁ ଭୋଟ ଗ୍ରହଣ ହେବ ଏବଂ ଅପରାହ୍ଣ ରେ ଭୋଟ ଗଣତି ହେବ ବୋଲି ନିର୍ବାଚନ କମିଶନର ଘୋଷଣା କରିସାରିଛନ୍ତି।

## ୟୁଟ୍ୟୁବରଙ୍କୁ ହତ୍ୟା ଘଟଣାରେ ୩ ଗିରଫ

**ଭୁବନେଶ୍ୱର, ୧।୩ (ସଂଚାର ବ୍ୟୁରୋ):** ଗତକାଲି ରାତିରେ ରାଜଧାନୀରେ ୟୁଟ୍ୟୁବର ରାହୁଲ୍ ମହାରଣାଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିବା ବେଳେ ଆଜି ଏହି ମାମଲାରେ ପୁଲିସ୍ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ଯବାନ ବି ଅଛନ୍ତି ଏବଂ ଅନ୍ୟ ଦୁଇ ଜଣ ତାଙ୍କର ପୁତୁରା ବୋଲି ଜଣାପଡ଼ିଛି। ମଦ୍ୟପାନ ଓ ପରେ ଯୁକ୍ତିତର୍କକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି।



ସୂଚନାଯୋଗ୍ୟ ଯେ ରସୁଲଗଡ଼ ନିକଟସ୍ଥ ଜିଜିପି କଲୋନୀରେ ଗତକାଲି ରାତିରେ ୟୁଟ୍ୟୁବର୍ ରାହୁଲଙ୍କୁ ୪ରୁ ୫ ଜଣ ଯୁବକ ରାହୁଲଙ୍କୁ ଛୁରି ଭୁସି ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ। ରାହୁଲଙ୍କୁ ରକ୍ତ ଜଡୁଜୁଡୁ ଅବସ୍ଥାରେ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନନ୍ତର କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିଛି। ରାହୁଲ ଅକ୍ସିଜେନ ସିଲିଣ୍ଡର୍ କାରବାର କରିବା ସହ ଜଣେ ୟୁଟ୍ୟୁବ୍ ବ୍ଲଗର୍ ଭାବେ ପରିଚିତ ଥିଲା।

## ଧରାପଡ଼ିଲା ୧.୭୬ କିଲୋ ଗଞ୍ଜେଇ, ୨ ଗିରଫ

**ବରଗଡ଼, ୧।୩(ସଂଚାର ବ୍ୟୁରୋ):** କୁର୍ଲା ଛକରେ ପୁଲିସ ପାଟ୍ରୋଲିଂ ବେଳେ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ଗ୍ଲାକେଟ୍‌କୁ ଧରିବାରେ ସକ୍ଷମ ହୋଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବରଗଡ଼ ଗ୍ରାମାଞ୍ଚଳ ଥାନା ପୁଲିସ ଗିରଫ କରିଥିବା ବେଳେ ସେମାନେ ଝାଡ଼ଖଣ୍ଡ ରାଜ୍ୟ ହଜାରୀବାଗ ଜିଲ୍ଲା ବର୍ହିଥାନା ସାଧନାପୁରୀ ଗ୍ରାମର ଉଭୟଜିତ୍ କୁମାର ବର୍ନୱାଲ (୩୨)ଓ ଧାନବାଦ ଜିଲ୍ଲା ଭଗତ ସିଂ ଛକର ରଶ୍ମିକାନ୍ତ ସହାୟ (୩୧)। ଉଭୟଙ୍କୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଥିଲା। ସେଠାରେ



ଝାଡ଼ଖଣ୍ଡକୁ ଚାଲାଣ ହେଉଥିଲା, ୨ଟି କାର୍ ଜବତ

ସେମାନଙ୍କ ଜାମିନ୍ ନାମଞ୍ଜୁର ହେବା ଫଳରେ ଉଭୟଙ୍କୁ ବରଗଡ଼ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ସେମାନଙ୍କ ପାଖରୁ ପୁଲିସ୍ ୧ କ୍ୱିଣ୍ଟାଲ ୭୬ କିଗ୍ରା ଗଞ୍ଜେଇ, ୨ଟି କାର୍ (ନଂ-ଜେଏଚ୍‌୦୨ବିଜି ୬୦୯୩ ଓ ଜେଏଚ୍‌୧୦ସିୱାଇ ୬୭୪୯), ୪ଟି ମୋବାଇଲ୍, ଆଧାର କାର୍ଡ, ମନିପର୍ସ, ଏଟିଏମ୍, ପାନକାର୍ଡ, ଡ୍ରାଇଭିଂ ଲାଇସେନ୍ସ ଆଦି ଜବତ କରିଛି। ଏନେଇ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ୪୩/୩୬ରେ ଏକ ମାମଲା ରୁଜୁ କରାଯାଇଛି। ଶନିବାର ରାତିରେ ବଲାଙ୍ଗୀର ପଟୁ ଝାଡ଼ଖଣ୍ଡ ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା।

## ନୂଆପଡ଼ାରେ କଲରାପତରିଆ ବାଘ ଆତଙ୍କ

**ନୂଆପଡ଼ା, ୧।୩(ସଂଚାର ବ୍ୟୁରୋ):** କିଛି ଦିନର ବ୍ୟବଧାନ ପରେ ନୂଆପଡ଼ା ଜିଲ୍ଲାରେ ପୁଣି କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ସୂଚନାନୁସାରେ, ଗତ ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ସୋସେଙ୍ଗ ଗାଁର କମଳ ନାଥ ମାଝୀ (୩୦) କୌଣସି କାମରେ ଏକ କାର୍ ଯୋଗେ ନୂଆପଡ଼ା ଯାଉଥିଲେ। ସେହି ସମୟରେ ଏକନ ଗୋଡ଼ିଆ ଘାଟି ତଳକୁ ହଲୁଆପାଲି-କେରମେଲି ନୂଆପଡ଼ା ରାସ୍ତାରେ ଦୁଇଟି କଲରାପତରିଆ ବାଘ ବୁଲୁଥିବା ସେ ଦେଖିବାକୁ ପାଇଥିଲେ। ସେ ଭୟଭୀତ ଅବସ୍ଥାରେ ଗାଡ଼ିକୁ ରାସ୍ତାରେ ଅଟକାଇ ମୋବାଇଲରେ ଭିଡିଓ ଶୁଟ୍ କରିଥିଲେ। ସେହି ସମୟରେ ଗୋଟିଏ ବାଘ ଜଙ୍ଗଲ ଭିତରକୁ ଚାଲିଯାଇଥିବା ବେଳେ ଅନ୍ୟ ଏକ ବାଘ ରାସ୍ତା କଡ଼ରେ ବସି ରହିଥିଲା। ପ୍ରାୟ ଅଧଘଣ୍ଟା ପରେ ବାଘ ରାସ୍ତାରୁ ଜଙ୍ଗଲକୁ ଚାଲିଯିବା ପରେ କମଳ ଗାଡ଼ି ଧରି ନୂଆପଡ଼ା ପଟେ ଯାଇଥିଲେ। ଆଖି ସାମ୍ନାରେ ବାଘ ଦେଖିଥିବା କମଳ ରାତିରେ ଘରକୁ ନ ଫେରି ସକାଳେ ଫେରିଥିଲେ। ମୋବାଇଲରେ କଏଦ ହୋଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ବନବାସୀ ମଧ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତେବେ ବାଘଙ୍କ ଉପସ୍ଥିତି ନେଇ ଖବର ପାଇ କୋମନା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗତିବିଧି ଉପରେ ନଜର ରଖିବା ସହ ପାହାଡ଼ ତଳି ଗାଁଗୁଡ଼ିକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଥିବା ଜଣାପଡ଼ିଛି।



- ବହିଷ୍କାର ପରେ ଚାରି ଦଉଡ଼ିକଟା ପ୍ରଭାତ
- ଏଟି ଚିଟ୍‌ଫଣ୍ଡ ଲିଙ୍କ୍‌ରେ ସାଂସଦଙ୍କ ସମ୍ପୃକ୍ତି

## ଦେବାଶିଷଙ୍କ ପାଇଁ ପିନ୍ଧିଛି ନାଲି ପୋଷାକ

**ଭୁବନେଶ୍ୱର, ୧।୩(ସଂଚାର ବ୍ୟୁରୋ):** ବିଜେଡିରୁ ବହିଷ୍କୃତ ହେବା ପରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜେଡିର କିଛି ଆତ୍ମଘୋଷିତ ତୁଙ୍ଗ ନେତାଙ୍କ ପୋଲ ଖୋଲିଛନ୍ତି। ସିଧାସଳଖ ଭାବେ ସେ ଦେବାଶିଷ ସାମନ୍ତରାୟଙ୍କୁ ମାନ ସମ୍ମାନକୁ ମାଟିରେ ମିଶାଇଦେବାକୁ ଉଦ୍ୟମ କରିଛନ୍ତି। ଗତକାଲି ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ ପ୍ରଭାତ ବିଶ୍ୱାଳଙ୍କ କାର୍ଯ୍ୟକଳାପକୁ ଗଣମାଧମରେ ନିନ୍ଦା କରିଥିଲେ।

ଆଜି ଏକ ସମ୍ବାଦିକ ସମ୍ମିଳନୀ କରି ପ୍ରଭାତ କହିଛନ୍ତି ଯେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଚରିତ୍ର ସମସ୍ତେ ଜାଣନ୍ତି। 'ମଦୁଆ, ଗୁଣ୍ଡା, ଚରିତ୍ରହୀନ' ବ୍ୟକ୍ତି ହେଲେ ଦେବାଶିଷ ସାମନ୍ତରାୟ। ସେ ସ୍ୱାଧୀନ ଭାବେ କର୍ପୋରେଟର ହୋଇ ନିର୍ବାଚନ ଲଢ଼ନ୍ତି। ବିଜେଡିକୁ ଠିକା ସଂସ୍ଥା ଭାବେ ବ୍ୟବହାର କରି କାର୍ଯ୍ୟ କରୁଛନ୍ତି ସେ। ଏଟି ଚିଟଫଣ୍ଡ ଠକେଇରେ ଦେବାଶିଷଙ୍କ ସମ୍ପୃକ୍ତି ରହିଥିଲା। କଟକ ସହରରେ ସଫେଇ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି। ଦେବାଶିଷ ସାମନ୍ତରାୟଙ୍କ ବିରୋଧରେ ପ୍ରମାଣ ଦେଖାଇ ତାଙ୍କର କଳା କାରନାମାର ଚିଠା ଖୋଲିଛନ୍ତି ପ୍ରଭାତ।

ଦେବାଶିଷଙ୍କୁ ଟାର୍ଗେଟ୍ କରି ପ୍ରଭାତ ଆହୁରି କହିଛନ୍ତି ଯେ ବିଜେଡିରେ ନବୀନ ପଟ୍ଟନାୟକ କିଛି ନିଷ୍ପତ୍ତି ନିଅନ୍ତି ନାହିଁ। ମୋର ରାଜନୈତିକ କ୍ୟାରିଅର ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ଦେବାଶିଷ। ଯେତେ ଚକ୍ରାନ୍ତ କଲେ ବି ମତେ ଜେଲ୍ ପଠେଇପାରିଲେ ନାହିଁ। ପ୍ରଭାତ ବିଶ୍ୱାଳଙ୍କ ଘରେ ସିବିଆଇ ରେଡ୍ କଲା, କିଛି ପାଇଲା ନାହିଁ। ପ୍ରଭାତ ଦାବି କରିଛନ୍ତି ଯେ ସେ ନୀତିକୁ ବନ୍ଧା ପକେଇ କେବେ କିଛି କାମ କରିନାହାଁନ୍ତି। ମଦୁଆଙ୍କ ଶେଷ ସୀମା ଦେବାଶିଷ ବୋଲି ସେ ଆକ୍ଷେପ କରିଛନ୍ତି। ବେପାର କରିବା ପାଇଁ ସେ ବିଜେଡି ସହ ଅଛନ୍ତି। ଲୋକଙ୍କ ସହ କେବେ ଦିନଟିଏ ବି ଆସି ନାହାଁନ୍ତି। ପ୍ରତାପ ଜେନା, ଚନ୍ଦ୍ର ସାରଥୀ ବେହେରା, ଦେବାଶିଷ ସାମନ୍ତରାୟ, ପ୍ରଦୀପ ପଟ୍ଟନାୟକ ଭଳି ବ୍ୟକ୍ତିଙ୍କ ବିରୋଧରେ ଚୌଦ୍ୱାର ଜେଲରୁ ଚିଠି ଆସିଥିଲା। ଦେବାଶିଷ ସାମନ୍ତରାୟଙ୍କ ପାଇଁ ମୁଁ ଆଜି ନାଲି ପୋଷାକ ପିନ୍ଧିଛି ବୋଲି ପ୍ରଭାତ କହିଛନ୍ତି।

## ହାତୀ ଆକ୍ରମଣରେ ଜଣେ ମୃତ

### ଚମ୍ପୁଆରେ ୧୯ ଟିକିଆ ହାତୀପଲ

**ଯୋଡ଼ା, ୧।୩(ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ଜଣେ ମୃତ । ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନର ହିରାପୁର ନିକଟରେ ଘଟିଛି ଘଟଣା। ଗତ ରାତି ୧୧ଟା ବେଳେ ମନୋହରପୁର ଗାଁର ବାହାଦୁଲା ଓରାମଙ୍କୁ ହାତୀ ଶୁଣ୍ଢରେ ଟେକି ଫିଙ୍ଗି ଦେବାରୁ ସେ ଗୁରୁତର ଆହତ ହେଇଥିଲେ । ତାଙ୍କୁ ବନ ବିଭାଗ ଉଦ୍ଧାର କରି ପ୍ରଥମେ ଚମ୍ପୁଆ ଆଣିଥିଲେ ପରେ ତାଙ୍କୁ କେନ୍ଦୁଝର ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ବାଲିବନ୍ଧ ସେକ୍ସନର ଚମକପୁରଠାରେ ୧୯ ଟିକିଆ ହାତୀପଲ ଦୀର୍ଘ ଦିନ ଧରିଥିବା ବେଳେ ଏହି ହାତୀପଲରୁ ଏକ ହାତୀ ଗୋଠ ଛଡ଼ା ହେଇ ଗତରାତି ହିରାପୁର ଗାଁକୁ ପଶି ଆସିଥିଲା । ଏହି ହାତୀ ହାବୁଡରେ ପଡିଯାଇଥିଲେ ବାହାଦୁଲା ।

## ମାଓ କ୍ୟାମ୍ପ ଠାବ

### ମାଟି ତଳୁ ୪୬.୩୧ ଲକ୍ଷ ଟଙ୍କା ଉଦ୍ଧାର



**ନୂଆପଡ଼ା, ୧।୩(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ ଗରିଆବନ୍ଧ ଜିଲ୍ଲାରେ ମାଓକ୍ୟାମ୍ପ ଠାବ ହୋଇଛି। ମେନପୁର ଥାନା ବଡ଼ଗୋବରା ଗାଁ ନିକଟସ୍ଥ ସାପସାଟି ପାହାଡ଼ରେ ଏହି ମାଓ କ୍ୟାମ୍ପ ଠାବ ହୋଇଛି। ସେଠାରେ ମାଟିତଳୁ ୪୬ ଲକ୍ଷ ୩୧ ହଜାର ୫ ଶହ ଟଙ୍କା ମଧ ଜବତ କରାଯାଇଛି। ଗରିଆବନ୍ଧ ଜିଲ୍ଲା ପ୍ରଶାସନ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପଚରାଉଚରା କରିବା ପରେ ଏ ସଂକ୍ରାନ୍ତ ତଥ୍ୟ ମିଳିଛି। ସାପସାଟି ପାହାଡ଼ରେ ଧମତରୀ-ଗରିଆବନ୍ଧ-ନୂଆପଡ଼ା ଡିଭିଜନ ମାଓ ସଂଗଠନ ମାଧମରେ ମାଟିତଳେ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଲୁଚାଇଥିବା ସେମାନେ କହିଥିଲେ। ଏହି ସୂଚନା ପାଇବା ପରେ ଗରିଆବନ୍ଧ ଜିଲ୍ଲା ଇ-୩୦ ପୁଲିସ ଟିମ୍ ପକ୍ଷରୁ ସର୍ଚ୍ଚ ଅପରେସନ ହୋଇଥିଲା। ପରେ ସେଠାରୁ ଯବାନମାନେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ସହ ବନ୍ଧୁକ, ମାଗାଜିନ୍ ଓ ମାଓ ସାମଗ୍ରୀ ଜବତ କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ପୁଲିସ ପକ୍ଷରୁ କମ୍ବିଂ ଅପରେସନ ଜାରି ରହିଛି ବୋଲି ଗରିଆବନ୍ଧ ଏସପି ସୂଚନା ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିରେ ପ୍ରଭାବିତ ହୋଇ ଏହି ମାଓବାଦୀମାନେ ଛତିଶଗଡ଼ ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଥିବା କୁହାଯାଉଛି।


## Form of Declaration

(Form - 1)
(See Rule - 3)

I, **Sri Rudra Pratap Das** declare that I am the publisher of the Newspaper **'The sanchar'** oriya daily and the particulars in respect of the said News paper is given below are true to the best of my knowledge and belief.

| | | |
|---|---|---|
| 1. Title of Newspaper | : | **Sanchar** |
| 2. Language | : | Odia |
| 3. Periodicity | : | Daily (Morning) |
| 4. Price of the newspaper | : | Rs.5.00 |
| 5. Publisher's Name | : | **Sri Rudra Pratap Das** |
| Nationality | | Indian |
| Address | : | At-Plot No. 312, Flat No. 003 Greenhigh Appartment, Kharvel Nagar, Bhubaneswar, Dist-Khurda-751001(Odisha) |
| 6. Printer's Name | : | **Sri Sudhir Kumar Panda** |
| Nationality | | Indian |
| Name of Printing Press | | **Nijukti Khabar Prakashan** |
| Address | : | TS 3/191, Manchesway Industrial Estate, Bhubaneswar-751010 (Odisha) |
| 7. Address of place of publication | : | At-Plot No. 312, Flat No. 003 Greenhigh Appartment, Kharvel Nagar, Bhubaneswar, Dist-Khurda-751001(Odisha) |
| 10. Owner's Name | : | **Sri Saroj Kumar Nayak** |
| Nationality | : | Indian |
| Address | : | At-Plot No. 495, Nilakantha Nagar Nayapalli, Bhubaneswar PIN-751007 (Odisha) |

Sd/-
**Rudra Pratap Das**
PUBLISHER, SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

### ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଘୋଷଣା

# ହୋଲି ପୂର୍ବରୁ ମିଳିବ ମାଗଣା ସିଲିଣ୍ଡର



## ସବସିଡି ହାରରେ ୯ଟି ସିଲିଣ୍ଡର ଦିଆଯିବ

ନୂଆଦିଲ୍ଲୀ,୧।୩: ଆଉ କେଇଟା ଦିନ ପରେ ହୋଲି ଏବଂ ଉତ୍ତର ପ୍ରଦେଶର ଲକ୍ଷ ଲକ୍ଷ ପରିବାର ପାଇଁ ଏକ ଖୁସି ଖବର। ଏହି ବର୍ଷ, ପର୍ବ ପୂର୍ବରୁ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ମାଗଣା ସିଲିଣ୍ଡର ଯୋଗାଇ ଦିଆଯାଉଛି। ସରକାର ସବସିଡି ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିବେ, ଯାହା ଫଳରେ ଗ୍ୟାସ ସିଲିଣ୍ଡର ପାଇବା ସହଜ ହେବ।

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି ଯେ ହୋଲି ପୂର୍ବରୁ, ଉଜ୍ଜ୍ୱଳା ଯୋଜନାର ଲାଭ ନେଉଥିବା ପ୍ରତ୍ୟେକ ପରିବାରକୁ ସରକାରଙ୍କ ପକ୍ଷରୁ ମାଗଣା ସିଲିଣ୍ଡର ମିଳିବ। ମୁଖ୍ୟମନ୍ତ୍ରୀ ଯୋଗୀ କେବଳ ହୋଲି ପାଇଁ ନୁହେଁ, ବରଂ ଦୀପାବଳି ପାଇଁ ମଧ୍ୟ ଏହି ଉପହାର ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଉଜ୍ଜ୍ୱଳା ପରିବାର ପାଇଁ ଏକ ଗ୍ୟାସ ସିଲିଣ୍ଡର ରିଫିଲ୍ ସବସିଡି ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘୋଷଣା କରିଛନ୍ତି। ଲକ୍ଷ୍ନୌରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷ ସବସିଡି ହାରରେ ୯ଟି ସିଲିଣ୍ଡର ଦିଆଯିବାର ବ୍ୟବସ୍ଥା କରିସାରିଛନ୍ତି।"

ଉତ୍ତର ପ୍ରଦେଶରେ, ଯେଉଁମାନେ ପୂର୍ବରୁ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀ ଅଛନ୍ତି, କେବଳ ସେମାନେ ମାଗଣା ସିଲିଣ୍ଡର ପାଇବାକୁ ଯୋଗ୍ୟ ହେବେ। ଯଦି କେହି ଏହି ଯୋଜନାରେ ପଞ୍ଜିକୃତ ନୁହଁନ୍ତି, ତେବେ ଆବେଦନ କରିବାର ସୁଯୋଗ ରହିଛି। ଉଜ୍ଜ୍ୱଳା ଯୋଜନାର ପ୍ରାଥମିକ ଧ୍ୟାନ ଗରିବ ପରିବାର ଉପରେ। ବିଶେଷକରି ଯେଉଁ ମହିଳାମାନଙ୍କ ନାଁରେ ଗ୍ୟାସ୍ ସଂଯୋଗ ନାହିଁ ଏବଂ ଆର୍ଥିକ ଅନଟନରେ ପରିବାର ରହିଛି। ଏହି ଯୋଜନାରେ ଗ୍ରାମୀଣ କିମ୍ବା ଅର୍ଦ୍ଧ-ସହର ଅଞ୍ଚଳରେ ରହୁଥିବା ବିପିଏଲ ପରିବାର ଅନ୍ତର୍ଭୁକ୍ତ। ସବୁ ପରିବାର ସଦସ୍ୟଙ୍କ ସଂଖ୍ୟାର ପ୍ରମାଣ ଆବଶ୍ୟକ।



ସମାଜିକ ଅର୍ଥନୈତିକ ସର୍ଭେ ୨୦୧୧ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଏବଂ ଆୟୁଷ୍ମାନ କାର୍ଡ ଧାରକଙ୍କ ଅଧୀନରେ ତାଲିକାଭୁକ୍ତ ପରିବାର ମଧ୍ୟ ଯୋଗ୍ୟ ବିବେଚିତ ହେବେ। ଅନୁସୂଚିତ ଜାତି ଜନଜାତି ଏବଂ ଅତ୍ୟନ୍ତ ପଛୁଆ ଆଦିବାସୀ ପରିବାର ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏନେଇ ଆବଶ୍ୟକୀୟ ଡକ୍ୟୁମେଣ୍ଟଗୁଡିକ ହେଲା, ଆୟ ପ୍ରମାଣପତ୍ର, ଆଧାର କାର୍ଡ, ରାସନ କାର୍ଡ, ଠିକଣା ପ୍ରମାଣପତ୍ର ଯେପରିକି ବିଦ୍ୟୁତ କିମ୍ବା ପାଣି ବିଲ୍, ପାସପୋର୍ଟ ଆକାରର ଫଟୋ ଏବଂ ବ୍ୟାଙ୍କ ବିବରଣୀ। ସବସିଡି ରାଶି ସିଧାସଳଖ ଆକାଉଣ୍ଟରେ ଜମା ହେଉଥିବାରୁ ବ୍ୟାଙ୍କ ଆକାଉଣ୍ଟକୁ ଆଧାର ସହିତ ଲିଙ୍କ୍ କରାଯିବା ଆବଶ୍ୟକ।



# ଯୁଦ୍ଧରେ ଭାରତରେ ବଢ଼ିଯିବ ଖଜୁରୀ, ପିସ୍ତା ଓ ଫଳ

ନୂଆଦିଲ୍ଲୀ,୧।୩: ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନାର ପ୍ରଭାବ କେବଳ ସେହି ଅଞ୍ଚଳରେ ସୀମିତ ନୁହେଁ, ବରଂ ସମଗ୍ର ବିଶ୍ୱ ଅର୍ଥନୀତିରେ ଅନୁଭୂତ ହେଉଛି। ଇସ୍ରାଏଲୀ ଏବଂ ଆମେରିକା ଆକ୍ରମଣ ପରେ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟ ପରିସ୍ଥିତିକୁ ଆହୁରି ଖରାପ କରିଛି। ଏହି କାର୍ଯ୍ୟରେ ଇରାନର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପରେ ପରିସ୍ଥିତି କ୍ରମାଗତ ଭାବରେ ଖରାପ ହେବାରେ ଲାଗିଛି। ତେଣୁ, ଭାରତ ପାଇଁ ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ସେ ଇରାନରୁ କ'ଣ ଆମଦାନୀ କରେ ଏବଂ ଯୁଦ୍ଧ ହେଲେ କେଉଁ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇପାରେ। ଭାରତ ଏବଂ ଇରାନ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କ ରହିଛି। ଦୁଇ ଦେଶ ୧୯୫୦ ମସିହାରେ ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲେ। ୧୯୭୦ ଦଶକ ପରେ ବାଣିଜ୍ୟ ସମ୍ପର୍କ ଆହୁରି ମଜବୁତ ହୋଇଥିଲା। ଆମେରିକାର ପ୍ରତିବନ୍ଧକ ସତ୍ତ୍ୱେ, ଦୁଇ ଦେଶ ବାରମ୍ବାର ବିକଳ୍ପ ଦେୟ ବ୍ୟବସ୍ଥା ଗ୍ରହଣ କରିଛନ୍ତି, ଯେଉଁଥିରେ ଟଙ୍କା-ରିଆଲ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଶକ୍ତି, ସାମୁଦ୍ରିକ ବାଣିଜ୍ୟ ମାର୍ଗ ଏବଂ ମଧ୍ୟ ଏସିଆକୁ ପ୍ରବେଶ ଦୃଷ୍ଟିରୁ ଇରାନ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ। ତେଣୁ, ଭାରତ ଇରାନର ଚାବାହାର ବନ୍ଦରରେ ନିବେଶ କରିଛି, ଯାହା ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ସାମଗ୍ରୀ ପରିବହନ ପାଇଁ ଏକ ରଣନୈତିକ ମାର୍ଗ। ପିସ୍ତା, ଖଜୁର, କେସର ଏବଂ କିଛି ଅନ୍ୟାନ୍ୟ ଶୁଖିଲା ଫଳ ଇରାନରୁ ଆମଦାନୀ କରାଯାଏ। ସେପଲ ଏବଂ କିୱି ପରି ଫଳ ମଧ୍ୟ ଆମଦାନୀ କରାଯାଏ। ଯୁଦ୍ଧ ଯୋଗୁଁ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେଲେ ଏହି ମୂଲ୍ୟ ବୃଦ୍ଧି ପାଇପାରେ। ଇରାନରୁ କିଛି କାଚ ସାମଗ୍ରୀ ଏବଂ ଶିଳ୍ପ ଉତ୍ପାଦ ମଧ୍ୟ ଭାରତକୁ ଆସେ। ପ୍ରଭାବ ସୀମିତ ହୋଇପାରେ, ମୂଲ୍ୟ ବୃଦ୍ଧି ଛୋଟ ଶିଳ୍ପକୁ ପ୍ରଭାବିତ କରିପାରେ।

# ପ୍ରଭାବିତ ହେବ ଭାରତର ତୈଳ ଆମଦାନି



ନୂଆଦିଲ୍ଲୀ, ୧।୩: ଇରାନ ଓ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ପୂରା ପଶ୍ଚିମ ଏସିଆରେ ଗୁରୁତର ସଂକଟ ସୃଷ୍ଟି କରିଛି। ଏହା ପ୍ରଭାବରେ ତୈଳ ପରିବହନର କରିଡର୍ କୁହାଯାଉଥିବା ହରମୁଜ୍ ପ୍ରଣାଳୀ ଦେଇ ଜାହଜ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି। ଫଳରେ ଭାରତକୁ ତୈଳ ଆମଦାନି ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି। ଦୈନିକ ଭାରତକୁ ୨.୬ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଆମଦାନିକୁ ନେଇ ଅନିଶ୍ଚିତତା ଦେଖାଯାଇଛି। ୨୦୨୫ରେ ଭାରତରେ ଅଶୋଧିତ ତୈଳ ଆବଶ୍ୟକତାର ୫୦ ପ୍ରତିଶତ ଏବଂ ପ୍ରାକୃତିକ ଗ୍ୟାସ୍‌ର ୫୪ ପ୍ରତିଶତ ହରମୁଜ୍ ପ୍ରଣାଳୀ ଦେଇ ଆମଦାନି ହୋଇଥିଲା। ଇରାକ, ସାଉଦିଆରବ, କୁଏତ ଏବଂ ୟୁଏଇରୁ ହରମୁଜ୍ ପ୍ରଣାଳୀ ଦେଇ ସାରା ବିଶ୍ୱକୁ ତୈଳ ଯୋଗାଣ ହୋଇଥାଏ। ତେବେ ଚଳିତ ଯୁଦ୍ଧ ଏଥିରେ ବ୍ୟାଘାତ ସୃଷ୍ଟି କରିଥିବାରୁ ବିଭିନ୍ନ ଅଞ୍ଚଳରେ ତୈଳ ସଂକଟର ଆଶଙ୍କା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆନ୍ତର୍ଜାତିକ ସ୍ତରରେ କେତେକ ତୈଳ ଯୋଗାଣକାରୀ ସଂସ୍ଥା ହରମୁଜ୍ ପ୍ରଣାଳୀ ଦେଇ ସେମାନଙ୍କ ଜାହଜ ଚଳାଚଳ ବନ୍ଦ କରି ଦେଇଛନ୍ତି। ଆମେରିକାର ନୌସେନା ଧମକ ଦେଇଥିବାରୁ ଉତ୍ତର ଆରବ ସାଗର, ପାରସ୍ୟ ଉପସାଗର ଓ ହରମୁଜ୍ ପ୍ରଣାଳୀ ଦେଇ ଅଧିକାଂଶ ତୈଳବାହୀ ଜାହଜ ଚଳାଚଳ ବନ୍ଦ କରିବାକୁ ପଡ଼ିଛି ବୋଲି ତୈଳ ଟ୍ୟାଙ୍କର ସଂଘ ଇଣ୍ଟରଟ୍ୟାଙ୍କୋ ପ୍ରକାଶ କରିଛି। ଆଗକୁ ଅଧିକ ଜାହାଜ ବନ୍ଦ ହେବ ବୋଲି ଏହି ସଂଘ କହିଛି।

# ବିଶ୍ୱରେ ୧,୮୦୦ରୁ ଅଧିକ ବିମାନ ଉଡ଼ାଣ ଠପ୍

ନୂଆଦିଲ୍ଲୀ, ୧।୩: ଇସ୍ରାଏଲ ଓ ଆମେରିକା ପକ୍ଷରୁ ଇରାନ ଉପରେ ମିଳିତ ଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟରେ ପରିସ୍ଥିତିକୁ ଅଧିକ ଖରାପ କରିଛି। ଫଳସ୍ୱରୂପ, ମଧ୍ୟପ୍ରାଚ୍ୟରେ ବିମାନ ସେବା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଛି। ଅନେକ ଦେଶ ସେମାନଙ୍କର ଆକାଶପଥ ବନ୍ଦ କରିଦେଇଛନ୍ତି। ୟୁରୋପ, ଆଫ୍ରିକା ଏବଂ ଏସିଆକୁ ସଂଯୋଗ କରୁଥିବା ପ୍ରମୁଖ ବିମାନବନ୍ଦରଗୁଡ଼ିକ ପ୍ରଭାବିତ ହୋଇଛି। ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିରେଟ୍ସ ଏୟାରଲାଇନ୍ସ ରବିବାର ଅପରାହ୍ନ ପର୍ଯ୍ୟନ୍ତ ଦୁବାଇକୁ ଏବଂ ସେଠାରୁ ସମସ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖିଛି। କତାର ଏୟାରୱେଜ୍ କହିଛି ଯେ, ସୋମବାର ସକାଳ ପର୍ଯ୍ୟନ୍ତ କତାର ବିମାନବନ୍ଦର ବନ୍ଦ ରହିବ। ଆକ୍ରମଣ ପରେ ଇସ୍ରାଏଲ ତୁରନ୍ତ ନିଜର ଆକାଶ ମାର୍ଗ ବନ୍ଦ କରିଦେଇଛି। ସଂଯୁକ୍ତ ଆରବ ଏମିରେଟ୍ସ ଅସ୍ଥାୟୀ ଏବଂ ଆଂଶିକ ଆକାଶ ମାର୍ଗ ବନ୍ଦ ଘୋଷଣା କରିଛି।

ଇସ୍ରାଏଲ, କତାର, ସିରିଆ, ଇରାନ, ଇରାକ, କୁଏତ ଏବଂ ବାହାରିନ ଶନିବାର ଦିନ ସେମାନଙ୍କର ଆକାଶପଥ ବନ୍ଦ କରିଦେଇଛନ୍ତି। ଯାହା ଫଳରେ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି। ଅନେକ ସେଲିବ୍ରିଟିଙ୍କ ସମେତ ଲୋକମାନେ ବିମାନବନ୍ଦରରେ ରାତି ବିତାଇବାକୁ ବାଧ୍ୟ ହୋଇଛନ୍ତି।

ଦୁବାଇ, ଆବୁଧାବି ଏବଂ ଦୋହା ଭଳି ପ୍ରମୁଖ ପରିବହନ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଯିବା ଫଳରେ ଏପର୍ଯ୍ୟନ୍ତ ବିଶ୍ୱରେ ୧,୮୦୦ରୁ ଅଧିକ ବିମାନ ବାତିଲ ହୋଇଛି। ବିମାନ ଚଳାଚଳ ତଥ୍ୟ ସଂସ୍ଥା ସିରିୟମ୍ ଅନୁଯାୟୀ, ପ୍ରତିଦିନ ପ୍ରାୟ ୯୦,୦୦୦ ଯାତ୍ରୀ ଏହି କେନ୍ଦ୍ରଗୁଡ଼ିକ ଦେଇ ଯାତାୟାତ କରିଥାନ୍ତି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆଗାମୀ ଦିନ ପାଇଁ ପରିସ୍ଥିତି ମଧ୍ୟ ସମାନ ରହିବ ବୋଲି ଆଶା କରାଯାଉଛି।

ଭାରତୀୟ ବିମାନ କମ୍ପାନି ଏୟାର ଇଣ୍ଡିଆ ଏହାର ସମସ୍ତ ଉଡ଼ାଣକୁ ସ୍ଥଗିତ ରଖିଛି। ତୁର୍କୀସ୍ ଏୟାରଲାଇନ୍ସ ସୋମବାର ପର୍ଯ୍ୟନ୍ତ ଲେବାନନ୍, ସିରିଆ, ଇରାକ, ଇରାନ ଏବଂ ଜୋର୍ଡାନକୁ ଉଡ଼ାଣକୁ ସ୍ଥଗିତ ରଖିଛି। ସ୍ୱାଭାବିକ ସ୍ଥିତି ଆଶାରେ ଯାତ୍ରୀମାନେ ଅନେକ ସହରରେ ଫସି ରହିଛନ୍ତି। ଅନେକ ବିମାନ କମ୍ପାନି ଯାତ୍ରୀମାନଙ୍କୁ ବିମାନବନ୍ଦରକୁ ଯିବା ପୂର୍ବରୁ ଅନଲାଇନରେ ସେମାନଙ୍କର ଉଡ଼ାଣର ସ୍ଥିତି ଯାଞ୍ଚ୍ କରିବାକୁ ପରାମର୍ଶ ଦେଇଛନ୍ତି।

ଇରାନ ଦୁବାଇ ବିମାନବନ୍ଦର ସମେତ ଅନେକ ଦେଶରେ ଆକ୍ରମଣ କରି ଇସ୍ରାଏଲ ଆକ୍ରମଣର ପ୍ରତିଶୋଧ ନେଇଛି। ଶନିବାର ସନ୍ଧ୍ୟାରୁ ଇରାନ ଆକ୍ରମଣ ଚଳାଇଛି। ଦୁବାଇ ବିମାନବନ୍ଦର ଆକ୍ରମଣରେ ଏପର୍ଯ୍ୟନ୍ତ ଚାରି ଜଣ ଆହତ ହୋଇଛନ୍ତି। ଆବୁଧାବିରେ ଡ୍ରୋନ୍ ଆକ୍ରମଣରେ ଜଣେ ପ୍ରାଣ ହରାଇଛନ୍ତି ଏବଂ ସାତ ଜଣ ଆହତ ହୋଇଛନ୍ତି। କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟ ଆକ୍ରମଣ ହୋଇଥିବା ରିପୋର୍ଟ ହୋଇଛି। ଇରାନ ଏହି ଆକ୍ରମଣ ପାଇଁ ଦାୟୀ ନୁହେଁ, କିନ୍ତୁ ଏହି ଆକ୍ରମଣ ଇରାନ ଦ୍ୱାରା କରାଯାଉଛି।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ସେତୁ ସ୍ଥାନ ପରିବର୍ତ୍ତନକୁ ନେଇ ତେଜିଲା ଅସନ୍ତୋଷ

## ଓଝା ସାହି ନିକଟରେ ସେତୁ ନିର୍ମାଣ ଦାବି

## ନଚେତ୍ ଆନ୍ଦୋଳନ ଚେତାବନୀ






**ଧାମନଗର, ୧।୩ (ସଂଚାର ବ୍ୟୁରୋ)**: ଧାମନଗର ବ୍ଲକ ଭଟସାହି ପଞ୍ଚାୟତ ଅନ୍ତର୍ଗତ ନରହରିପୁର ଅଞ୍ଚଳରେ ପ୍ରସ୍ତାବିତ ସେତୁ ନିର୍ମାଣର ସ୍ଥାନ ପରିବର୍ତ୍ତନକୁ ନେଇ ଅଞ୍ଚଳରେ ଅସନ୍ତୋଷ ତିବ୍ର ରୂପ ନେଇଛି। ଏହାକୁ ନେଇ ରବିବାର ଓଝା ସାହି ଗ୍ରାମବାସୀଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀମାନେ କହିଛନ୍ତି ଗେଙ୍ଗୁଟି ନଦୀ (କଣ୍ଡିଆ) ଉପରେ ଓଝା ସାହି ନିକଟରେ ସେତୁ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ଯୋଜନା ରହିଥିଲା। କିନ୍ତୁ କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପ୍ରଭାବରେ ସେତୁର ସ୍ଥାନକୁ ପରିବର୍ତ୍ତନ କରି ନିକଟ ନିଆରୀ ସାହିକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମତାନୁସାରେ, ନିଆରୀ ସାହିରେ ସେତୁ ନିର୍ମାଣ ହେଲେ ଲୋକମାନଙ୍କ ପ୍ରାୟୋଗିକ ସୁବିଧା ମିଳିବ ନାହିଁ, ଯେତେବେଳେ ଓଝା ସାହିରେ ସେତୁ ହେଲେ ୨ରୁ ୩ଟି ପଞ୍ଚାୟତର ହଜାର ହଜାର ଲୋକ ଯାତାୟାତ ସୁବିଧା ପାଇବେ।

ଗ୍ରାମବାସୀମାନେ ସ୍ପଷ୍ଟ କରି କହିଛନ୍ତି ଯେ, ସେତୁ ଓଝା ସାହି ଠାରେ ନିର୍ମାଣ କରାଯିବା ଦାବିରେ ସେମାନେ ଅଡିଗ ଅଛନ୍ତି। ଯଦି ଶୀଘ୍ର ଏହାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହି ପ୍ରସଙ୍ଗରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୁରୁତ୍ୱର ସହ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଇ ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀମାନେ ଦାବି ଜଣାଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଏହି ସେତୁ ନିର୍ମାଣ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୮ ଜଣ ଗୁରୁତର ହୋଇଥିଲେ।

ଆଜିର ସାମ୍ବାଦିକ ସମ୍ମିଳନୀରେ ସେମାନଙ୍କ ମଧ୍ୟରେ ହିମାଂଶୁ ସୂତାର, ବଳରାମ ସୂତାର, ଚନ୍ଦ୍ରଶେଖର ଓଝା, ଗଙ୍ଗାଧର ସୂତାର, ଜୟରାମ ଓଝା, ଜଗବନ୍ଧୁ ଦଳାଇ, ବାଦଲ ନାୟକଙ୍କ ସମେତ ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ବିରୋଧରେ ପ୍ରତିବାଦ ସଭା




**ଯାଜପୁର ରୋଡ଼, ୧।୩ (ସଂଚାର ବ୍ୟୁରୋ)**: ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ ଆକ୍ରମଣ ଫଳରେ ଇରାନର ରାଷ୍ଟ୍ର ମୁଖ୍ୟ ଖେମିନେଇ, ପ୍ରତିରକ୍ଷା ମନ୍ତ୍ରୀ ଅମିର ନାସିରଜାଦେ,ଅନେକ ବରିଷ୍ଠ ସେନା ଅଧିକାରୀ ୮୫ଜଣ ଛାତ୍ର ଓ ବହୁ ସାଧାରଣ ମଣିଷ ମୃତ୍ୟୁ ବରଣ କରିଛନ୍ତି । ଏହାକୁ ବିରୋଧ କରି ଏସ.ୟୁ.ସି.ଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପକ୍ଷରୁ ସାରା ଭାରତ ପ୍ରତିବାଦ ଦିବସର ଆହ୍ୱାନ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ପାର୍ଟି ପକ୍ଷରୁ ବ୍ୟାସନଗର ପୌରାଅଂଚଳ ସହରର ସ୍ଥାନୀୟ ଗୋପବନ୍ଧୁ ଛକ ଠାରେ ଏକ ପ୍ରତିବାଦ ସଭା ଏସ.ୟୁ.ସି.ଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସଭ୍ୟ କେଦାରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପାର୍ଟିର ଜିଲ୍ଲା କମିଟି ସଭ୍ୟ ନିରୁପମା ବେହେରା, ଦାନଗଦି ଆଂଚଳିକ କମିଟିର ସମ୍ପାଦକ ବିଜୟ ଜେନା, କୋରେଇ ଆଂଚଳିକ କମିଟି ସଭ୍ୟ ହୃଷିକେଶ ସିଂହ, ଯାଜପୁର ରୋଡ ସାଂଗଠନିକ କମିଟି ସଭ୍ୟ ଅଲେଖ ମଲ୍ଲିକ,ସୁକିନ୍ଦା ଆଂଚଳିକ କମିଟି ସଭ୍ୟ ରାଜକିଶୋର ମହାନ୍ତ, ଲିଲି ମହାନ୍ତ ଓ ସଂଗଠିକା ସୁଭସ୍ମିତା ଦାସ ପ୍ରଭୃତି ଆମେରିକା - ଇସ୍ରାଏଲର ଇରାନ ଆକ୍ରମଣର ଘୋର ନିନ୍ଦା କରିଥିଲେ।

## ବିଜେପିର ଜିଲ୍ଲା ଯୋଜନା ବୈଠକ




**ସୁନ୍ଦରଗଡ଼, ୧।୩ (ସଂଚାର ବ୍ୟୁରୋ)**: ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଅବସରରେ ଜିଲ୍ଲା ଯୋଜନା ବୈଠକ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଭୋଜପୁର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜାତୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ ସମ୍ମାନୀତ ଅତିଥିଭାବେ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ,ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ ଉପସଭାପତି ପୁଲିନ ପ୍ରକାଶ ପୁହାଣ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ କୁଲଦୀପ ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ଅମୀର ନାଏକ ସୁରେନ୍ଦ୍ର ଦେହୁରୀ, ରୁପେଶ ପଟେଲ ପ୍ରମୁଖ ଯୋଗଦେଇ ଥିଲେ।ଏହି ପ୍ରଶିକ୍ଷଣର ଉଦେଶ୍ୟ ଦଳୀୟ ପରିଚାଳନା ଓ ସୂଚନା,ବିଧାନସଭା ଅନୁସାରେ ମଣ୍ଡଳ ଯୋଜନା ବୈଠକ,ବର୍ଗ ସଂଚାଳନ ସମିତି,ମଣ୍ଡଳ ଟୋଲୀରେ କାର୍ଯ୍ୟ ବିଭାଜନ,ପଞ୍ଚ ପରିବର୍ତ୍ତନ ଓ ଅନ୍ୟାନ ସୂଚନା ଉପରେ କର୍ମୀ ମାନଙ୍କ ଉପରେ ଆଲୋକପାତ କରାଯାଇଥିଲା।

## ବଲୁରିଆ ଉଚ୍ଚ ବିଦ୍ୟାଳୟ ୧୯୭୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ



**ପଟ୍ଟାମୁଣ୍ଡାଇ, ୧।୩ (ସଂଚାର ବ୍ୟୁରୋ)**: ସ୍କୁଲ ଜୀବନର ଅଭୁଲା ସ୍ମୃତି ସାଉଁଟିବା ସହିତ ପିଲାଦିନର ସ୍ମରଣୀୟ ମୁହୂର୍ତ୍ତକୁ ରୋମନ୍ଥନ କରିବା ପାଇଁ, ବଲୁରିଆ ଉଚ୍ଚ ବିଦ୍ୟାଳୟ ୧୯୭୨ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ପୂଜ୍ୟ ଶିକ୍ଷକ ଉମେଶ୍ୱର ଦାଶଙ୍କ ବାସଗୃହ ସନ୍ନିକଟ ବ୍ରାହ୍ମଣୀ ନଦୀ କୂଳ ପ୍ରାକୃତିକ ସବୁଜିମାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ସ୍କୁଲ ଜୀବନର ସାଥିଙ୍କୁ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ ବର୍ଷ ପରେ ଏକାଠି ପାଇ ରୋମାଞ୍ଚିତ ହେଉଥିବା ଦେଖିବାକୁ ମିଳିଥିଲା। ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ହୋଇଥିବା ଏହି ବନ୍ଧୁ ମିଳନରେ ଡ଼ଃ ଚକ୍ରଧର ଦାଶ,ହରଜିତ ଦାସ, ଶୈଳେନ୍ଦ୍ର କୁମାର ରାଉତ, ଅଜୟ କୁମାର ସାହୁ, ନିରଞ୍ଜନ ଦାସ, ଶିବ ଚରଣ ଦାଶ, ଧରଣୀଧର ମଲ୍ଲିକ, ପ୍ରତାପ ଚନ୍ଦ୍ର ଭୂୟାଁ, ଶାନ୍ତନୁ କୁମାର ଦାସ, ବିଭୁତି ଭୂଷଣ ଦାଶ, ସିଦ୍ଧେଶ୍ୱର ଧଳ, ମୁରଲୀଧର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ବୋରିଗୁମ୍ମା, ୧।୩ (ସଂଚାର ବ୍ୟୁରୋ)**: କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନୁପମ ଭାରତର ସାମ୍ବାଦିକ ସିମାଞ୍ଚଳ ମହାରଣାଙ୍କ ମାତା ସତ୍ୟଭାମ୍ମା ମହାରଣାଙ୍କ ପରଲୋକ ଘଟିଛି । ଗତକାଲି ରାତ୍ର ୧୧ଟା ୩୦ରେ ବୋରିଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତ୍ୟୁ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଥିବାବେଳେ ଗତ ଦୁଇଦିନ ପୂର୍ବେ ତାଙ୍କର ଶରୀର ଅତ୍ୟନ୍ତ ଅସୁସ୍ଥ ହେବାରୁ ବୋରିଗୁମ୍ମା ସରକାରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୃତଦେହ ନିଜ ବାସଭବନକୁ ଆଣିବା ପରେ ଆଜି ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ମୃତ୍ୟୁ ଖବର ପାଇ ଆଜି ଶ୍ରୀ ମହାରଣାଙ୍କ ବାସଭବନରେ ଆତ୍ମୀୟସ୍ୱଜନଙ୍କ ସହ ସହରର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଉଥିବା ଦେଖିବାକୁ ମିଳିଛି।

## ଯାଜପୁର ରୋଡ୍ ମେଡ଼ିକାଲର ପ୍ରସୂତି ୱାର୍ଡର ଆକ୍ୱାଗାର୍ଡରୁ ବାହାରୁନି ପାଣି




**ଯାଜପୁର ରୋଡ଼, ୧।୩ (ସଂଚାର ବ୍ୟୁରୋ)**: ବ୍ୟାସନଗର ପୌରାଞ୍ଚଳ ସହରର ଆଇଡ଼ିବିଆଇ ବ୍ୟାଙ୍କ ତରଫରୁ ଯାଜପୁର ରୋଡ଼ ମେଡ଼ିକାଲରେ ପ୍ରଦାନ ହୋଇଥିବା ଆକ୍ୱାଗାର୍ଡ ପାନୀୟ ଜଳ ମେସିନ୍ ଏବେ ଲୋକଙ୍କ ଓ ରୋଗୀଙ୍କ ସେବାରେ ଲାଗି ପାରୁ ନାହିଁ ଦେଖିବାକୁ ମିଳିଛି। ଗତ ଅଗଷ୍ଟ ମାସରେ ବ୍ୟାଙ୍କ ଶାଖାର ସିଏସଆର ଫଣ୍ଡ ପକ୍ଷରୁ ଏହି ମେଡିକାଲକୁ ପ୍ରଦାନ କରାଯାଇଥିବା ପାନୀୟ ଜଳ ମେସିନ ଏବେ କୋମା ଅବସ୍ଥାରେ ପଡ଼ିରହିଛି। ଦେଖିବାକୁ ମିଳିଛି ନାଁ ବ୍ୟାଙ୍କର ଅଛି ଦାୟିତ୍ୱ ନାଁ ମେଡିକାର କତୃପକ୍ଷଙ୍କ ରହିଛି ଦାଇତ୍ୱ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ରୋଗୀମାନେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା କରାଯାଉଥିବା ବେଳେ ବ୍ୟାଙ୍କର ସିଏସଆର ପାଣ୍ଠିକୁ ଏଭଳି ଦୂରୁପୋଯୋଗ କରାଯାଉଥିବା ଦେଖିବାକୁ ମିଳୁଛି। ଖାଲି ମେସିନ ବସାଇ ଦେଇ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତି ବ୍ୟାଙ୍କର କୌଣସି ନିଘା ନାହିଁ। ତେଣୁ ଲୋକଙ୍କ ସେବା କରିବା ପାଇଁ ବ୍ୟାଙ୍କ ତରଫରୁ ଟଙ୍କା ଖର୍ଚ୍ଚ ହେବାର ମୂଲ୍ୟ କୌଣସି ଯଥାର୍ଥ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ମହାବିଦ୍ୟାଳୟରେ 'ଜାତୀୟ ବିଜ୍ଞାନ ଦିବସ' ପାଳିତ




**ପଟ୍ଟାମୁଣ୍ଡାଇ, ୧।୩ (ସଂଚାର ବ୍ୟୁରୋ)**: ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ବିଜ୍ଞାନ ସଂସଦ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଦାର୍ଥ ବିଜ୍ଞାନୀ ଓ ନୋବେଲ ବିଜେତା ସାର ସି ଭି ରମଣଙ୍କ ଜୀବନୀ ଶୈଳୀ କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହିତ ଏକ କୁଇଜ ପ୍ରତିଯୋଗିତା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନର ବିଭିନ୍ନ ବିଭାଗର ଅଧିକାଂଶ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରହିତ୍ୟ ଓ ଗଣିତ ବିଭାଗ ମୁଖ୍ୟ ତଥା ବିଜ୍ଞାନ ସଂସଦ ସହକାରୀ ଉପସଭାପତି ଅଧ୍ୟାପକ ଅରବିନ୍ଦ ପାଣ୍ଡବଙ୍କ ସଂଯୋଜନା ରେ ଆୟୋଜିତ ଆଲୋଚନା ଚକ୍ରରେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ରସାୟନ ବିଭାଗ ପ୍ରାଧ୍ୟାପକ ଡ ଫକିର ଚନ୍ଦ୍ର ପ୍ରଧାନ ଯୋଗଦେଇ ବୈଜ୍ଞାନିକ ସି.ଭି. ରମଣଙ୍କ ଗବେଷଣାତ୍ମକ ଦିଗ ପ୍ରତି ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଜ୍ଞାନ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ଅତିଥିପରିଚୟ ପ୍ରଦାନ କରିବା ସହିତ ଚଳିତ ବର୍ଷ ବିଜ୍ଞାନ ଦିବସର ମୂଳ ତତ୍ତ୍ୱ 'ବିଜ୍ଞାନରେ ନାରୀ : ବିକଶିତ ଭାରତର ଅଭିବୃଦ୍ଧି' ଉପରେ ବିସ୍ତୃତ ଆଲୋଚନା କରିଥିଲେ।ଅନ୍ୟତମ ଅତିଥି ରସାୟନ ବିଭାଗ ମୁଖ୍ୟ ତଥା ବିଜ୍ଞାନ ସଂସଦ ର ସହଉପ ସଭାପତି ଡ଼ ସୁନିଲ କୁମାର ପ୍ରଧାନ, ଉଦ୍ଭିଦ ବିଭାଗ ମୁଖ୍ୟ ଡ ଅଞ୍ଜଳି କୁମାରୀ ଦାଶ, ପ୍ରାଣୀ ବିଭାଗ ମୁଖ୍ୟ ସରୋଜିନୀ ମିଶ୍ର ବିଜ୍ଞାନ ସମ୍ପର୍କିତ ଆଲୋଚନଚକ୍ର ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକମାନେ ସହଯୋଗ କରିଥିଲେ।

**ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ**

## ଡାକ୍ତରଙ୍କ ଅବହେଳା ପ୍ରତିବାଦରେ ଧାରଣା



**ନୀଳଗିରି, ୧।୩ (ସଂଚାର ବ୍ୟୁରୋ)**: ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳା ପ୍ରତିବାଦରେ ଆଜି ସନ୍ଧ୍ୟାରେ କିଛି ଯୁବକ ଧାରଣା ଦେଇଥିବା ଦେଖିବାକୁ ମିଳିଛି।

ସୂଚନା ଯୋଗ୍ୟ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ସାନପାଟପୁର ଗ୍ରାମର ସନ୍ତୋଷ ରାଉତ (୨୯) ନାମକ ଯୁବକ ଏବଂ ତାଙ୍କ ସ୍ତ୍ରୀ ରାଜଶ୍ରୀ ରାଉତଙ୍କ ମଧ୍ୟରେ ପାରିବାରିକ କଳହ କାରଣରୁ ରାଜଶ୍ରୀ କସବାଜୟପୁର ସ୍ଥିତ ବାପଘରେ ରହୁଥିଲେ। ଗତ ଫେବୃଆରୀ ୨୦ତାରିଖ ରାଜଶ୍ରୀ ଏବଂ ତାଙ୍କ ସାନଭଉଣୀ ଲିପ୍ସା ଦାସ ନିଜଛୁଆ ପାଇଁ ସାନପାଟପୁର ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିଥିବା ବେଳେ ରାଜଶ୍ରୀଙ୍କ ଶାଶୁ ସୁମତି ଓ ଶଶୁର ଉମାକାନ୍ତ ବୋହୁଙ୍କୁ ଗାଳିଗୁଲଜ କରିବା ସହିତ ମାରଧର କରିଥିଲେ। ଏନେଇ ନୀଳଗିରି ହସ୍ପିଟାଲରେ ଉଭୟ ଭଉଣୀକୁ ଆଡ଼ମିଶନ କରାଯାଇ ଚିକିତ୍ସା କରାଯାଇଥିଲା।ଏହି ଘଟଣାରେ ରାଜଶ୍ରୀଙ୍କ ମାଆ ମମତା ଦାସ ନୀଳଗିରି ଥାନାରେ ରିପୋର୍ଟ କରିବାପରେ ନୀଳଗିରି ପୋଲିସ ସନ୍ତୋଷଙ୍କ ବାପା ଏବଂ ମାଆଙ୍କୁ ଗିରଫ କରି ଜେଲହାଜତକୁ ପଠାଇ ଦେଇଥିଲେ। ତେବେ ଘଟଣାର ସମାଧାନ ହୋଇଥିବା ବେଳେ ସୋମବାର ଉମାକାନ୍ତ ଏବଂ ସୁମତୀଙ୍କର ବେଲ ହେବାର ଥିଲା। ମାତ୍ର ନୀଳଗିରି ହସ୍ପିଟାଲର ଡାକ୍ତର ସିଗମା ଶତପଥୀ ଇଞ୍ଜୁରି ରିପୋର୍ଟ ଦେବାକୁ ଥିବାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ।

ରବିବାର ଡାକ୍ତର ଶତପଥୀଙ୍କର ହସ୍ପିଟାଲ ଡ଼ିୟୁଟି ଚାର୍ଟରେ ରବିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଡ଼ିୟୁଟି ଥିଲେହେଁ ଡାକ୍ତରଙ୍କ ଅନୁପସ୍ଥିତି ଥିବାରୁ ଇଞ୍ଜୁରୀ ରିପୋର୍ଟ ମିଳିପାରିନଥିଲା। ଫଳରେ ଦୋଳ ଏବଂ ହୋଲି ଉପଲକ୍ଷେ କୋର୍ଟ ବନ୍ଦ ରହିବାକୁ ଆଶଙ୍କା କରି ପୁଅ ସନ୍ତୋଷଙ୍କ ସହିତ ରଣଜିତ୍ କୁମାର ପଣ୍ଡିତ, ରାଜେଶ କୁମାର ରାଉତ, ପର୍ଶୁରାମ ରାଉତ, ଜଳଧର ପଣ୍ଡିତ ଲପକ ପଣ୍ଡିତ, ବିନୋଦ ସେଠୀ,ପର୍ଶୁରାମ ରାଉତ, ଜୟଦେବ ପଣ୍ଡିତ, ସୁଧାଂଶୁ ଜେନା, ସୌମ୍ୟକାନ୍ତ ପରମାଣିକ, ଅଶ୍ୱିନୀ ପାତ୍ର, ପ୍ରମୁଖ ବହୁଯୁବକ ହସ୍ପିଟାଲ କତୃପକ୍ଷଙ୍କ ମନମାନିକୁ ବିରୋଧକରି ଆଜି ସନ୍ଧ୍ୟା ୬ ଘଟିକା ସମୟରେ ହସ୍ପିଟାଲ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଶେଷରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଧାରଣା ସ୍ଥଳରେ ପହଞ୍ଚି ଇଞ୍ଜୁରି ରିପୋର୍ଟ ଡାକ୍ତର ଙ୍କ ଠାରୁ ନେବା ଆମର ଦାଇତ୍ୱ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଚିକେନ ବାକି ଦେବାକୁ ମନାକରିବାରୁ ଦୋକାନୀଙ୍କୁ ହତ୍ୟା ଉଦ୍ୟମ



**ଡେରାବିଶ, ୧।୩ (ସଂଚାର ବ୍ୟୁରୋ)**: ଚିକେନ ବାକି ଦେବାକୁ ମନାକରିବାରୁ ଦୋକାନୀଙ୍କ ମୁଣ୍ଡକୁ ବିଅର ବୋତଲରେ ପିଟିବା ସହିତ ଦୋକାନଙ୍କୁ ପେଟରେ ଭଙ୍ଗା ବିୟର ବୋତଲ ଭୁଷିବା ଭଳି ଅଭାବନୀୟ ଘଟଣା ଆଜି ଘଟିଯାଇଛି। ସୂଚନାରୁ ପ୍ରକାଶ କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଠାରୁ ୫୦୦ ମିଟର ଦୂରରେ ବନ୍ତଳା ପୋଲ ନିକଟରେ ଏହି ଘଟଣା ଘଟିଥିବା ବେଳେ ଗୁରୁତର ଅନନ୍ତପୁର ଗ୍ରାମର କାର୍ତ୍ତିକ ମଳିକ ଚିକିତ୍ସା ନିମନ୍ତେ କଟକ ବଡ଼ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ ହୋଇଛନ୍ତି। ଏ ସମ୍ପର୍କରେ କାର୍ତ୍ତିକ ଚାନ୍ଦୋଳ ଫାଣ୍ଡିରେ ଦେଇଥିବା ଅଭିଯୋଗ ଅନୁଯାୟୀ ସେ ଚାନ୍ଦୋଳ ବଜାରରେ ଏକ ଚିକେନ୍ କାଉଂଟର କରିଛନ୍ତି। ତାଙ୍କ ଗ୍ରାମର ଦୁଇଜଣ ଯୁବକ ତାଙ୍କୁ ବାକିରେ ଚିକେନ୍ ମାଗିଥିଲେ। ସେ ବାକିରେ ଚିକେନ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ କାର୍ତ୍ତିକଙ୍କୁ ବନ୍ତଳା ପୋଲ ଆଡ଼କୁ ଘୋଷାଡ଼ି ନେଇ ସେଠାରେ ଗ୍ରାମର ଦୁଇଯୁବକଙ୍କ ସହିତ ଅନ୍ୟଜଣେ ଯୁବକ ମିଶି ତାଙ୍କୁ ମାରଧର କରିଥିଲେ। ପରେ ଏକ ବିଅର ବୋତଲ ଆଣି ତାଙ୍କ ମୁଣ୍ଡରେ ବାଡ଼େଇ ମୁଣ୍ଡକୁ ଫଟାଇବା ସହ ଭଙ୍ଗା ବିଅର ବୋତଲକୁ ତାଙ୍କ ପେଟରେ ଭୁସି ଦେଇଥିଲେ ବୋଲି କାର୍ତ୍ତିକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ପରେ ସେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କ ପରିବାର ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିବା ଜଣାଯାଇଛି। ତେବେ ରିପୋର୍ଟ ଲେଖା ହେଲାବେଳକୁ ଚାନ୍ଦୋଳ ଫାଣ୍ଡି ପୋଲିସ୍ ଅଭିଯୋଗକୁ ଗ୍ରହଣ କରି ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ଯୁବକଙ୍କୁ ପିଛା କରି ଦୁର୍ଘଟଣାର ଶିକାର ହେଲେ ପୁଲିସ ଅଧିକାରୀ

**ବୈପାରୀଗୁଡା, ୧।୩ (ସଂଚାର ବ୍ୟୁରୋ)**: ସଡ଼କ ଦୃଘଟଣା ରେ ଦୁଇ ପୋଲିସ କର୍ମଚାରୀ ଗୁରୁତର । ସୂଚନା ଅନୁଯାୟୀ ବୈପାରୀଗୁଡା ଥାନା ଅନ୍ତର୍ଗତ ରାମଗିରି ଫାଣ୍ଡି ଅଧିକାରୀ ଓ ଅନ୍ୟ ଜଣେ ପୋଲିସ କର୍ମଚାରୀ ଆଜି ସକାଳ ୨ ଟା ସମୟରେ ଏକ ସ୍ୱଗ୍ନିଧ ବୈପାରୀଗୁଡା ଅଭିମୁଖେ ଯାଉଥିବା ସୂଚନା ପାଇ ସଗ୍ନିଧ କୁ ଧରିବା ପାଇଁ ଦୁଇ କର୍ମଚାରୀ ବାଇକ ଯୋଗେ ପିଛା କରିଥିଲେ ଏବଂ ଏହି ସମୟରେ ଟିପଗୁଡା ବୁଲାଣି ନିକଟରେ ଦୃଘଟଣା ର ଶିକାର ହୋଇ ତଳେ ପଡିଯାଇଥିଲେ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ବୈପାରୀଗୁଡା ଡାକ୍ତରଖାନା ନେଇଥିଲେ ସୂଚନା ଅନୁଯାୟୀ ଦୁଇ ପୋଲିସ କର୍ମଚାରୀ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବ ସୂଚନା ମିଳିଛି ।

## ତୁଳସୀ ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ରାଜନଗର, ୧।୩ (ସଂଚାର ବ୍ୟୁରୋ)**: ରାଜନଗର ବ୍ଲକ ଅନ୍ତର୍ଗତ ସାନବଡ ଗୋପାଳପୁର ପଂଚାୟତ ଗର୍ଜନପୁରସ୍ଥିତ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲ ର ୮ମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିବ୍ୟସିଂହ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ୩୦ନଂ ଜୋନ୍ର ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଆଦର୍ଶ ଜୀବନ ଗଠନ ଉପରେ ଆଲୋକପାତ କରିଥିଲେ। ଶ୍ରୀପାଦ୍ ବ୍ରଜବନ୍ଧୁ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଆଧ୍ୟାତ୍ମିକ ଦିଗରେ ବିକାଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କିଶୋର ରାଉତ, ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ , ଜଗନ୍ନାଥ ଦାସ ଯୋଗ ଦେଇଥିଲେ । ତୁଳସୀ ଆଇଡିଆଲ ପବ୍ଲିକ୍ ସ୍କୁଲର ମୁଖ୍ୟ ଉପଦେଷ୍ଟା ତଥା କୁଶାଇଲୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟତ୍ରୀ ଅନିତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଉକ୍ତ ବିଦ୍ୟାଳୟର ୨୦୨୫-୨୬ଶିକ୍ଷା ବର୍ଷରେ ବୃତ୍ତି, ନବୋଦୟ,ଓଡିଶା ଆଦର୍ଶ ଓ ରତପଲ୍ଲି ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା ।

## ୧୯୮୭ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ



**ବାଲିଅନ୍ତା, ୧।୩ (ସଂଚାର ବ୍ୟୁରୋ)**: ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଭଗବତୀ ବିଦ୍ୟାପୀଠ ସରକଣା ୧୯୮୭ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ପଞ୍ଚାୟତ ରୋଡ ନିକଟ ଶ୍ରୀ କନଭେନସନ ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ଆଜି ୩୯ ବର୍ଷ ତଳର ସାଙ୍ଗ ସାଥି ମାନେ ସପରିବାରେ ଏକାଠି ହୋଇ ଅତିତର ସ୍ମୃତିକୁ ମନେ ପକାଇ ଖୁବ୍ ଆନନ୍ଦିତ ହୋଇଥିଲେ। ଦିବଙ୍ଗତ ଗୁରୁଜି ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ପରେ ପରେ ନିମନ୍ତ୍ରିତ ୪ଜଣ ଅବସରପ୍ରାପ୍ତ ଗୁରୁଜୀଙ୍କୁ ପୂଜା କରିବା ସହ ଉପଢ୍ଟୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିବର୍ଷ ନିୟମିତ ଭାବରେ ଥରେ ଏହି ଭଳି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ପାଇଁ ଏକ ସଂକଳ୍ପ ପାରିତ କରାଗଲା। ଅବସର ସମୟରେ ଦୀନ, ଦୁଃଖୀ ଓ ଅସହାୟ ମାନଙ୍କର ସେବାରେ ନିୟୋଜିତ ହେବା ସହ ଜନ ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବାକୁ ସ୍ଥିର କରାଗଲା। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ସୁସ୍ୱାଦୁ ଭୋଜନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

# ଅବ୍ୟବସ୍ଥା ଘେରରେ ରାଜ୍ୟ ସଡ଼କ ପରିବହନ ନିଗମ ଶାଖା

## ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଡ୍ରାଇଭର ମାନଙ୍କୁ ଡ୍ୟୁଟି ମିଳୁନାହିଁ

**ଫୁଲବାଣୀ, ୧।୩ (ସଂଚାର ବ୍ୟୁରୋ)**: ଆଦିବାସୀ ଅଧ୍ୟୁଷିତ ରେଳ ବିହୀନ କନ୍ଧମାଳ ଜିଲ୍ଲାର ଜନସାଧାରଣ ମାନଙ୍କ ଗମନାଗମନର ସୁବ୍ୟବସ୍ଥା ନିମନ୍ତେ ଫୁଲବାଣୀ ଠାରେ ଗତ ୨୦୧୪ ମସିହାରେ ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଶାଖାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା । ଉକ୍ତ ଶାଖାରେ ଥିବା ୧୩ରୁ ଉର୍ଦ୍ଧ୍ୱ ବସ୍ ଗୁଡ଼ିକ ଦୀର୍ଘ ବର୍ଷ ଧରି ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଚଳାଚଳ କରିବା ପରେ ବସ୍ ଗୁଡ଼ିକ ପୁରୁଣା ହେବା କାରଣରୁ ତଥା ଉପଯୁକ୍ତ ଯାନ୍ତ୍ରିକ ତ୍ରୁଟି ମରାମତି ଅଭାବରୁ ବର୍ତ୍ତମାନ ବସ୍ ଗୁଡ଼ିକ ଭଙ୍ଗା ଦଦରା ଅବସ୍ଥାରେ ଡିପୋ ମଧ୍ୟରେ ପଡ଼ି ରହିଛି । ବସ୍ ଗୁଡ଼ିକ ପୁରୁଣା ହୋଇଯିବାରୁ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ହେବ ଫୁଲବାଣୀ ଠାରୁ କାଟିଙ୍ଗା, ମଣ୍ଡାସରୁ, ପାଇରେଜୁ, ଶ୍ରୀରାମପୁର, ଲଣ୍ଡାଗାଁ ଏବଂ ବାନ୍ଧାଦଣୀ ସହିତ ଫୁଲବାଣୀ-କେନ୍ଦୁଝର ମାର୍ଗରେ ବସ୍ ଚଳାଚଳ କରୁନାହିଁ, ଯାହା ଦ୍ୱାରା ଜନସାଧାରଣ ମାନଙ୍କୁ ଗମନାଗମନ ନିମନ୍ତେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ଉକ୍ତ ୬ଟିମାର୍ଗରେ ପୁନର୍ବାର ବସ୍ ଚଳାଚଳ ଆରମ୍ଭ କରିବା ପାଇଁ ୭ ଗୋଟି ନୂତନ ବସ୍‌ର ଆବଶ୍ୟକତା ରହିଛି । ଉକ୍ତ ଶାଖାରେ ଆବଶ୍ୟକୀୟ ଅନୁଯାୟୀ ବସ୍ ନ ଥିବା ଯୋଗୁଁ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ହେବ ଫୁଲବାଣୀ ଓଏସଆର୍‌ଟିସି ଶାଖାରେ ନିୟୋଜିତ ଥିବା ୧୬ରୁ ଉର୍ଦ୍ଧ୍ୱ ଡ୍ରାଇଭର ମାନଙ୍କୁ କର୍ମସଂସ୍ଥାନ ତଥା ଡ୍ୟୁଟି ମିଳୁନାହିଁ। ଯାହା ଦ୍ୱାରା ସେମାନେ ସେମାନଙ୍କ ପରିବାର ଚଳେଇବାରେ ଭାରି କଷ୍ଟ ହେବା ସହିତ ପିଲାଛୁଆଙ୍କୁ ପାଠ ପଢ଼ାଇବାରେ ସମସ୍ୟା ସୃଷ୍ଟି ହେଉଛି। ଏହା ବ୍ୟତୀତ ଘରେ ଥିବା ବୃଦ୍ଧ ବାପା ମାଆଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ଚିକିତ୍ସା ଏବଂ ଔଷଧ ଯୋଗାଇ ଦେଇ ପାରୁନାହାନ୍ତି ।

ଉକ୍ତ ସମସ୍ୟାର ସମ୍ପର୍କରେ ପୂର୍ବରୁ ଡ୍ରାଇଭର ଏବଂ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଗଲା ନାହିଁ । ଉକ୍ତ ସମସ୍ୟାକୁ ଭିତ୍ତି କରି ଡ୍ରାଇଭରମାନେ ଜିଲ୍ଲା ପରିବହନ ପରିଚାଳକ ଅଭିଷେକ ସାମନ୍ତରାୟଙ୍କୁ ଦରଖାସ୍ତ ମାଧ୍ୟମରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଆଗାମୀ ଏକ ସପ୍ତାହ ମଧ୍ୟରେ ଫୁଲବାଣୀ ୟୁନିଟ୍‌କୁ ୧୫ ରୁ ଉର୍ଦ୍ଧ୍ୱ ନୂତନ ବସ୍ ପ୍ରଦାନ କରି କି ବନ୍ଦ ଥିବା ସମସ୍ତ ମାର୍ଗରେ ପୁନର୍ବାର ବସ୍ ଚଳାଚଳ ସହିତ କିଛି ନୂତନ ମାର୍ଗରେ ବସ୍ ଚଳାଚଳ ପାଇଁ ଡ୍ରାଇଭର ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ସଚିବ ଏବଂ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି।

ଯଦି ଆଗାମୀ ୧ ସପ୍ତାହ ମଧ୍ୟରେ ବିଭାଗ ତରଫରୁ ଡ୍ରାଇଭର ମାନଙ୍କୁ ନିୟମିତ ଭାବେ କର୍ମସଂସ୍ଥାନ ତଥା ଡ୍ୟୁଟି ଯୋଗାଇ ଦିଆ ନ ଯାଏ ତାହେଲେ ହେଲେ ଡ୍ରାଇଭର ମାନେ ସେମାନଙ୍କ ସପରିବାର ସହିତ ନାର୍ଯ୍ୟ ଦାବି ହାସଲ ନିମନ୍ତେ ଫୁଲବାଣୀ ଓ.ଏସ୍.ଆର୍.ଟି.ସି ଶାଖା ସମ୍ମୁଖରେ ଭୋକ ଉପାସରେ ରହି ଦିବାରାତ୍ର ତଥା ଅହୋରାତ୍ର ଶାନ୍ତିପୂର୍ଣ୍ଣ ଭାବେ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ କରିବା ସହିତ ଧାରଣାରେ ବସିବାକୁ ବାଧ୍ୟ ହେବୁ ବୋଲି ବିଭାଗକୁ ଚେତାବନୀ ଦେଇଛନ୍ତି।

## ତୁଳସୀକ୍ଷେତ୍ର ପଣ୍ଡିତ ସଭା ବୈଠକ



**କେନ୍ଦ୍ରାପଡ଼ା, ୧।୩ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଏକ ବୈଠକ ପଣ୍ଡିତ ହୃଷିକେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ତୁଳସୀକ୍ଷେତ୍ର ପଣ୍ଡିତ ସଭା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ନିଶୁଳ୍କ ବ୍ରତୋପନୟନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏଥିନିମନ୍ତେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପ୍ରାର୍ଥୀମାନଙ୍କ ତାଲିକା ପ୍ରସ୍ତୁତ କରାଯାଇ ଆସନ୍ତା ଅପ୍ରେଲମାସ ୩ତାରିଖରେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବାକୁ ସ୍ଥିର କରାଗଲା। ବ୍ରତୋପନୟନ ପାଇଁ ବରିଷ୍ଠସଭ୍ୟ ତପନ କୁମାର ଦାଶଙ୍କୁ(୯୦୪୦୮୨୯୪୧୮)ରେ ଯୋଗାଯୋଗ କରାଯିବାକୁ ନିବେଦନ କରାଯାଇଛି । ଏହି ବ୍ରତୋପନୟନ କାର୍ଯ୍ୟ ପାଇଁ ବ୍ରାହ୍ମଣସଭା ସହିତ ସମନ୍ୱୟ ରକ୍ଷା କରାଯିବା ସହ ପ୍ରତିମାସର ପ୍ରଥମ ରବିବାର ପଣ୍ଡିତ ସଭାର ବୈଠକ କରାଯିବାକୁ ସ୍ଥିର କରାଗଲା । ଏହି ବୈଠକରେ ପଣ୍ଡିତ ସଭା ସମ୍ପାଦକ ମାଧବ ଚନ୍ଦ୍ର ପତ୍ରୀ, ସଦସ୍ୟ କୁଳମଣି ପଣ୍ଡା, ସତ୍ୟନାରାୟଣ ପତି, ଅବଧୂତ ରାଉତ, ଦାମୋଦର ରାଉତ, ପ୍ରସନ୍ନଜିତ ପଣ୍ଡା, ରମାକାନ୍ତ ପତି, ପ୍ରଭାକର ଆଚାର୍ଯ୍ୟ, ହରିହର ଶତପଥୀ, ଅକ୍ଷୟ କୁମାର ପତ୍ରୀ, ତପନ ଦାଶ, ହରେକୃଷ୍ଣ ପତି, କ୍ଷୀରୋଦ କୁମାର ପଣ୍ଡା, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




# ୩୦ ବର୍ଷରେ ବାର୍ଦ୍ଧକ୍ୟ ଯନ୍ତ୍ରଣା

## କମ୍ ବୟସରୁ ବାହାରୁଛି ଆଣ୍ଠୁ,ଗଣ୍ଠି ରୋଗ



ପୂର୍ବରୁ ୮୦ ବର୍ଷ ନ ପୂରିଲେ ଲୋକ ବାଙ୍କୁଲୀ ବାଡ଼ି ଧରୁନଥିଲେ କିନ୍ତୁ ଆଜିର ସମୟରେ ୬୦ ଟପିଛି କି ନାହିଁ ଲୋକ ବିଛଣା ଧରିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନର ସମୟରେ ୩୦ କି ୪୦ ବର୍ଷ ହୋଇଗଲେ ଶରୀରର ହାଡ଼ ଦୁର୍ବଳ ହେବାକୁ ଲାଗୁଛି। ଯେଉଁ କାରଣରୁ ପିଠିରୁ ଆରମ୍ଭ କରି କାନ୍ଧ,ଆଣ୍ଠୁ ସବୁ ବିନ୍ଧା ହେଉଛି। ହାଡ଼ ଦୁର୍ବଳ ହେବାର ଏକ ବଡ଼ କାରଣ ହେଉଛି ଶରୀରରେ ଭିଟାମିନ୍ ଡି ର ଅଭାବ ହେବା। ଏହି ଅଭାବକୁ ଦୂର କରିବାକୁ କିଛି ଲୋକ ଭିଟାମିନ୍ ଡି ବଟିକା ଖାଉଥିବା ବେଳେ ଆଉ କିଛି ଲୋକ ଇଞ୍ଜେକ୍ସନ୍ ନେଇଥା'ନ୍ତି। କିନ୍ତୁ ଏହା ପରେ ବି ଯନ୍ତ୍ରଣା କମିବାର ନାଁ ନେଇନଥାଏ। ତେବେ ଏଭଳି କାହିଁକି ହୁଏ ଏବଂ ଏନେଇ କ'ଣ କୁହନ୍ତି ଏକ୍ସପର୍ଟ ଜାଣିବା।

ଆରଏମଏଲ୍ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ପୂର୍ବତନ ଡାକ୍ତର ସଂକଳ୍ପ ମେହେଟ୍ଟା କୁହନ୍ତି ଯେ ଭିଟାମିନ୍ 'ଡି' ହାଡ଼ ଦୁର୍ବଳତାର ଏକ ପ୍ରମୁଖ କାରଣ। ବର୍ତ୍ତମାନ ସମୟରେ କେହି ଚାହୁଁନାହାନ୍ତି ଯେ ତାଙ୍କ ଉପରେ ସୂର୍ଯ୍ୟ କିରଣ ପଡୁ। ଭିଟାମିନ୍ ଡି ଅଭାବ ଦୂରାଇବାକୁ ଲୋକ ସପ୍ଲିମେଣ୍ଟ ନିଅନ୍ତି ସତ କିନ୍ତୁ ପ୍ରାକୃତିକ ସୂର୍ଯ୍ୟକିରଣକୁ ଗ୍ରହଣ କରନ୍ତି ନାହିଁ। ତେବେ ହାଡ଼ ଷ୍ଟ୍ରଙ୍ଗ୍ କରିବା ପାଇଁ କେବଳ ଭିଟାମିନ୍ 'ଡି' ଜରୁରୀ ନୁହେଁ କ୍ୟାଲସିୟମ ସ୍ତର ମଧ୍ୟ ନିହାତି ଆବଶ୍ୟକ। ଅନେକ ଲୋକଙ୍କ କ୍ଷେତ୍ରରେ କ୍ୟାଲସିୟମର ଅଭାବ ଥାଏ ଏବଂ ସେମାନେ ଏଥିପାଇଁ ପରୀକ୍ଷା କରାନ୍ତି ନାହିଁ ବରଂ ଭିଟାମିନ୍ 'ଡି' ସପ୍ଲିମେଣ୍ଟ୍ ବାଛନ୍ତି। ଫଳସ୍ୱରୂପ ହାଡ଼ ଠିକ୍ ଭାବରେ ମରାମତି ହୋଇପାରେ ନାହିଁ। ଡାକ୍ତର ମେହେଟ୍ଟା କୁହନ୍ତି ଯେ ଶରୀରରେ ଭିଟାମିନ୍ 'ଡି' ଠିକ୍ ଭାବରେ ସେତେବେଳେ କାମ କରେ ଯେତେବେଳେ କ୍ୟାଲସିୟମ ପର୍ଯ୍ୟାପ୍ତ ପରିମାଣରେ ଥାଏ। ଯଦି କ୍ୟାଲସିୟମ କମ୍ ରୁହେ ତେବେ ଭିଟାମିନ୍ ଡି ଗ୍ରହଣ ସତ୍ତ୍ୱେ ହାଡ଼ ମଜବୁତ ହୋଇପାରେ ନାହିଁ। ତେଣୁ ଏହାକୁ ଏକାଠି ରହିବା ଗୁରୁତ୍ୱପୂର୍ଣ୍ଣ। ଭିଟାମିନ୍ ଡି ସହିତ କ୍ୟାଲସିୟମ ନ ନେବା ଦ୍ୱାରା ଅଷ୍ଟିଓପୋରୋସିସ୍ ହେବାର ଆଶଙ୍କା ବଢ଼ିଯାଏ। ଏହାଦ୍ୱାରା କମ୍ ବୟସରେ ହାଡ଼ ପତଳା ଏବଂ ଦୁର୍ବଳ ହୋଇଯାଏ ଯାହା ଫଳରେ ଫ୍ରାକ୍ଟର ହେବାର ଆଶଙ୍କା ବଢ଼ିଯାଏ। ଏମିତିକି ମାଂସପେଶୀ ଯନ୍ତ୍ରଣା ଏବଂ ଥକ୍କାପଣ ମଧ୍ୟ ସୃଷ୍ଟି କରିପାରେ। ଯେଉଁମାନେ ସୂର୍ଯ୍ୟ କିରଣର ପ୍ରଭାବରେ କମ୍ ଥାଆନ୍ତି। ଅଫିସରେ ଦୀର୍ଘ ସମୟ ଧରି ବସି ରୁହନ୍ତି। ପ୍ରତିଦିନ ଜଙ୍କ ଫୁଡ୍ ଖାଆନ୍ତି ଏବଂ ମହିଳାମାନଙ୍କ କ୍ଷେତ୍ରରେ ୩୦ ବର୍ଷ ପରେ ଏହି ସମସ୍ୟା ଅଧିକ ଦେଖାଯାଏ। ତେବେ ବୟସ୍କଙ୍କ କ୍ଷେତ୍ରରେ ଦୈନିକ ପ୍ରାୟ ୬୦୦ ରୁ ୮୦୦ ଆଇୟୁ ଭିଟାମିନ୍ 'ଡି' ଆବଶ୍ୟକ ହୁଏ। କ୍ୟାଲସିୟମ କଥା କହିଲେ ପ୍ରତିଦିନ ଡାକ୍ତରଙ୍କ ପରାମର୍ଶ ଅନୁସାରେ ୮୦୦ ରୁ ୧୦୦୦ ମିଗ୍ରା କ୍ୟାଲସିୟମ ଆବଶ୍ୟକ।



# ହୃଦ୍‌ଘାତର ଲକ୍ଷଣକୁ ଭାବନ୍ତୁନି ଗ୍ୟାସ୍ ବା ଥକ୍କାପଣ

ପ୍ରାୟ ଲୋକଙ୍କର ଧାରଣା ରହିଆସିଛି ଯେ ଛାତିରେ ଯନ୍ତ୍ରଣା ହେବାଅର୍ଥାତ୍ ଏହା ହୃଦ୍‌ଘାତର ଲକ୍ଷଣ। ହାର୍ଟ ଆଟାକ୍ ନାଁଶୁଣିଲେ ଆମ ଆଖି ଆଗରେ ଜଣେ ବ୍ୟକ୍ତି ଛାତି ଯନ୍ତ୍ରଣାସହ୍ୟ କରି ନପାରି ଛାତିକୁ ହାତରେ ଧରି ଟଳି ପଡୁଛି। ହୃଦ୍‌ଘାତକୁନେଇ ଫିଲ୍ମ ଓ ବିଜ୍ଞାପନରେ ଆସୁଥିବା ଏହି ଛବି ଲୋକଙ୍କ ମନରେ ଘର କରିସାରିଛି। କିନ୍ତୁ ଜାଣନ୍ତି କି ଏହିଲକ୍ଷଣ ହୃଦ୍‌ଘାତକୁସେତେଟା କ୍ଲିୟର୍ କରି ନଥାଏ। ହୃଦ୍‌ରୋଗୀଙ୍କର କେବଳ ଛାତିରେ ଯନ୍ତ୍ରଣା ହୋଇ ନଥାଏ। ବରଂ ଅନ୍ୟ ଲକ୍ଷଣ ମଧ୍ୟ ଦେଖା ଦେଇଥାଏ। ସମୟରେ ଏହି ଲକ୍ଷଣକୁ ଚିହ୍ନଟ କଲେ ରୋଗୀକୁ ମୃତ୍ୟୁ ମୁଖରୁ ବଞ୍ଚାଇପାରିବେ।

**ନିଶ୍ୱାସ-ପ୍ରଶ୍ୱାସରେ ସମସ୍ୟା:** ଯଦି କୌଣସି ଭାରୀ କାମ ନ କରିବା ସତ୍ତ୍ୱେ ମଧ୍ୟ ନିଶ୍ୱାସ- ପ୍ରଶଯବାସ୍ ଫୁଲୁଥାଏ, ତେବେ ଏହା ହୃଦ୍‌ଘାତର ଲକ୍ଷଣ ହୋଇପାରେ। ଯେତେବେଳେ ହୃଦୟ ଶରୀରର ଅନ୍ୟ ଅଙ୍ଗକୁ ରକ୍ତ ପହଞ୍ଚାଇପାରି ନଥାଏ, ସେତେବେଳେ ଫୁସ୍‌ଫୁସ୍ ଉପରେ ଚାପ ଚାପ ପଡିଥାଏ। ଫଳରେ ପ୍ରଶ୍ୱାସ-ନିଶ୍ୱାସରେ ସମସ୍ୟା ଆସିଥାଏ।

**ଅନ୍ୟ ଅଙ୍ଗରେ ଯନ୍ତ୍ରଣା ସହ ଥକ୍କାପଣ:** ହୃଦ୍‌ଘାତର ଯନ୍ତ୍ରଣା କେବଳ ଛାତିରେ ସୀମିତ ନଥାଏ, ବରଂ ଶରୀରର ଅନ୍ୟ ଅଙ୍ଗ ଯେପରିକି କାନ୍ଧ, ବେକ, ମୁହଁ, ପିଠି ବା ହାତରେ ଅନୁଭବ ହୋଇଥାଏ। ଅନେକ ସମୟରେ ମୁହଁର ଯନ୍ତ୍ରଣାକୁ ଲୋକମାନେ ଦାନ୍ତର ଯନ୍ତ୍ରଣା ବୋଲି ଧରି ନେଇଥାନ୍ତି। କିନ୍ତୁ ଏହା ହୃଦ୍‌ଘାତର ଲକ୍ଷଣ। **ଅଧିକ ଥକ୍କାପଣ ଓ ଦୁର୍ବଳ:** ଯଦି କିଛିଦିନ ଧରି ବିନା କାରଣରରେ ଥକ୍କାପଣ ଅନୁଭବ କରୁଥାନ୍ତି। ତେବେ ସାବଧାନ ହୋଇଯାନ୍ତୁ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ପ୍ରଥମ ସପ୍ତାହରେ ଅଧିକ ଦୁର୍ବଳ ଅନୁଭବ କରିଥାନ୍ତି। ଏହି ଥକ୍କାପଣ ସମୟରେ ନିୟମିତ କାମ କରିବା ମଧ୍ୟ କଷ୍ଟକର ହୋଇପଡେ।

**ଝାଳ ବାହାରିବା ସହ ମୁଣ୍ଡ ବୁଲାଇବା:** ବିନା ଗରମରେ କିଛ କାମ ନ କରିବା ସତ୍ତ୍ୱେ ଶରୀରରୁ ଝାଳ ବାହାରିବା ସବୁଠାରୁ ବଡ଼ ଚେତାବନୀ। ଏହାସହିତ ଯଦି ମୁଣ୍ଡ ବୁଲାଇ ବେହୋସ ହେଉଥାନ୍ତି। ଏହି ସମୟରେ ହୃଦୟକୁ ରକ୍ତ ପ୍ରବାହିତ କମ୍ ହୋଇଥାଏ। ଏହାମଧ୍ୟ ହୃଦ୍‌ଘାତର ସଙ୍କେତ। ପେଟରେ ଗଡବଡ: ଅନେକ ସମୟରେ ହୃଦ୍‌ଘାତର ଲକ୍ଷଣକୁ ଏସିଡିଟି କିମ୍ବା ବଦ୍‌ହଜମୀ ଭାବିନିଅନ୍ତି। ପେଟର ଉପର ଭାଗରେ ଚାପ ଅନୁଭବ ହେବା କିମ୍ବା ବାନ୍ତି ହେବା ମଧ୍ୟ ହୃଦ୍‌ଘାତର ଲକ୍ଷଣ। ଯଦି ଆପଣ ବାରମ୍ବାର ଏପରି ସମସ୍ୟାର ଶିକାର ହେଉଥାନ୍ତି, ତେବେ ଡାକ୍ତର ପରାମର୍ଶ ନିଶ୍ଚୟ କରନ୍ତୁ। ଲକ୍ଷଣ ଅନୁଭବ ହେଲେ କ'ଣ କରିବେ ? ତୁରନ୍ତ ସାହାଯ୍ୟ ମାଗନ୍ତୁ କିମ୍ବା ଡାକ୍ତରଙ୍କ ପାଖକୁ ଯାଆନ୍ତୁ। ଏହି ସମୟରେ ଶାନ୍ତ ରୁହନ୍ତୁ। ନଚେତ୍ ହୃଦୟର ଚାପ ବଢିଯାଇପାରେ।

# କେତେ କାମ କରେ ଡିଟକ୍ସ ଡ୍ରିଙ୍କସ୍



**ଆଖି ବନ୍ଦ କରି ଡିଟକ୍ସ ପାନୀୟ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ସତରେ କଣ ଡିଟକ୍ସ ପାନୀୟ ଶରୀରର ବଜ୍ୟବସ୍ତୁକୁ ବାହାର କରିଥାଏ ? ଚାଲନ୍ତୁ ଜାଣିବା ଏ ବିଷୟରେ ଅଧିକ କିଛି। ଶରୀରରେ ଅନେକ ସମୟରେ ବିଷାକ୍ତ ପଦାର୍ଥ ରହିଯାଇଥାଏ, ଯାହାକୁ ବାହାରକୁ ବାହାର କରିବାକୁ ଯାଇ କିଛି ଲୋକ ଡିଟକ୍ସ ପାନୀୟ ବ୍ୟବହାର କରିଥାନ୍ତି। ବାସ୍ତବରେ ଦେଖିବାକୁ ଗଲେ ଆମ ଶରୀରକୁ ଡିଟକ୍ସ କରିବା ପାଇଁ କୌଣସି ବାହାରି ଜୁସ୍ର ଆବଶ୍ୟକତା ନଥାଏ। କାରଣ ଶରୀରର ବିଭିନ୍ନ ଅଙ୍ଗ ଏଥିପାଇଁ ୨୪ ଘଣ୍ଟା କାମ କରୁଛନ୍ତି।**

**ଲିଭର:** ଏହା ଔଷଧ, ମଦ, ହର୍ମୋନ୍ ଓ ମେଟାବଲିଜିମ୍ର ବଜ୍ୟକୁ ଏମିତି ବଦଳାଇ ଦିଏ, ଯାହା ଶରୀରରୁ ବାହାରିବା ସହଜ ହୋଇପଡେ।

**କିଡନୀ:** ଆମର କିଡନୀ ନିୟମିତ ପ୍ରାୟ ୧୫୦-୧୮୦ ଲିଟର ଯାଏ ରକ୍ତକୁ ଫିଲଟର କରିଥାଏ। ସେ ୟୁରିଆ, କ୍ରିଏଟିନିନ୍ ଓ ଅତିରିକ୍ତ ଲୁଣ ପରି ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଥାଏ। ଯଦି ଏହି ଦୁଇଟି ଅଙ୍ଗ ଠିକ୍ ଭାବେ କାମ କରୁଥାଏ, ତେବେ ଡିଟକ୍ସ ପାନୀୟ ପିଇବା ଅନାବଶ୍ୟକ। କିନ୍ତୁ ଯଦି ଏହି ଦୁଇ ଅଙ୍ଗ ଠିକ୍ ଭାବେ କାମ କରୁ ନଥାଏ, ତେବେ କୌଣସି ପାନୀୟ ଏହାକୁ ଠିକ୍ କରିପାରିବନି।

**କିଡନୀ ସମସ୍ୟା:** ବିଟ୍, ଟମାଟୋ ଓ ଲାଉ ଆଦିରେ ବହୁ ମାତ୍ରାର ପୋଟାସିୟମ୍ ରହିଥାଏ, ପୋଟାସିୟମର ବଢୁଥିବା ସ୍ତର ହୃଦସ୍‌ପନ୍ଦନକୁ ଅଚାନକ ଅନିୟନ୍ତ୍ରିତ କରିଦେଇପାରେ।

**ପଥୁରୀ:** ବିଟ୍ ଓ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଅକ୍ସଲେଟ୍ ବଢିଥାଏ, ଯାହା ପେଟରେ ପଥର ସମସ୍ୟାକୁ ବଢାଇ ଦେଇଥାଏ।

**ମଧୁମେହ:** ଜୁସ୍ କରିବା ଦ୍ୱାରା ଫଳ ଓ ପରିବାରେ ଥିଭା ଫାଇବର ନଷ୍ଟ ହୋଇପଡିଥାଏ। ଫଳରେ ରକ୍ତରେ ଶର୍କରା ମାତ୍ରା ତୀବ୍ର ବେଗରେ ବଢିଥାଏ।

**ଲିଭର୍ ସମସ୍ୟା:** ଅବଶ୍ୟ ଏହାର କୌଣସି ପ୍ରମାଣ ନାହିଁ ଯେ ପରିବା ବା ଫଳର ଜୁସ୍ ଲିଭର୍ ବା ଫାଇବ୍ରୋସିସ୍ ଠିକ୍ କରିପାରେ।

**ହାପୋନେଟ୍ରିମିୟା:** ଡାଏଟ୍ରେ କେବଳ ପାନୀୟ ନେବା ଦ୍ୱାରା ଶରୀରରେ ସୋଡିୟମ୍ର ସ୍ତର କମ୍ ହୋଇଯାଇପାରେ।

ଏମିତି କୌଣସି କ୍ଲିନିକାଲ ପ୍ରମାଣ ନାହିଁ ଯେ ଡିଟକ୍ସ ଜୁସ୍ ଓଜକନ କମାଇବା ଓ କୌଣସି ଅଙ୍ଗ ସଫା କରିବାରେ ସାହାଯ୍ୟ କରିଥାଏ। ଡିଟକ୍ସ ପରେ ପ୍ରାୟ ଲୋକ ପ୍ରୋସେସଡ୍ ଫୁଡ୍କୁ ଛାଡିବା, କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ଓ ଉପଯୁକ୍ତ ହାଇଡ୍ରେସନ୍ କାରଣରୁ ସୁସ୍ଥ ଅନୁଭବ କରିଥାନ୍ତି। କିନ୍ତୁ ଡିଟକ୍ସିଫିକେସନ୍ ପ୍ରକ୍ରିୟା ଯୋଗୁ ନୁହେଁ।

- ସତେତଜ ଫଳ ଓ ପରିବା ଖାଆନ୍ତୁ। ଶରୀରକୁ ଆବଶ୍ୟକ ଫାଇବର ମିଳିଯିବ।
- ମଦ୍ୟପାନଠାରୁ ଦୂରେଇ ରହିବା ସହ ଭରପୂର ମାତ୍ରାର ପାଣି ନିଶ୍ଚୟ ପିଅନ୍ତୁ।
- ନିୟମିତ ବ୍ୟାୟାମ ସାଙ୍ଗକୁ ଶାନ୍ତିର ନିଦରେ ଶୁଅନ୍ତୁ।
- ମଧୁମେହ, ରକ୍ତଚାପ ଓ କୋଲେଷ୍ଟରେଲ୍କୁ ନିୟନ୍ତ୍ରିତ ରଖନ୍ତୁ।

# ପିରିୟଡ୍ ଯନ୍ତ୍ରଣାକୁ ଆରାମ ଦେବ ଅଦା, ଅଖରୋଟ୍, ଗୁଡ଼ ଚା'



**ମାସର ସେ ଦିନ, ଅନେକଙ୍କ ପାଇଁ ଯନ୍ତ୍ରଣା, ଚିଡ଼ଚିଡ଼ାପଣ ଆଉ ହାଲିଆରେ ଭରିଥିବା ସମୟ। ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ମେଡିସିନ୍ ଖାଇଥାନ୍ତି ,ଯାହାର ସାଇଡ୍ ଇଫେକ୍ଟ ବି ଦେଖାଯାଇପାରେ। ହେଲେ କିଛି ଘରୋଇ ଉପଚାର ବି ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତି ଦେଇପାରିବ। ଘରେ ଏଭଳି ମ୍ୟାଜିକାଲ ଚା' ବନାନ୍ତୁ ଯାହା ମାସିକ ଯନ୍ତ୍ରଣାରୁ ରିଲିଫ୍ ଦେଇପାରିବ। ଅଦା, ଅଖରୋଟ୍ ଏବଂ ଗୁଡ଼ିକୁ ମିଶାଇ ହର୍ବାଲ ଚା' ବନାଇପାରିବେ ଯାହା କେବଳ ପେଟ ଯନ୍ତ୍ରଣାରୁ ମୁକ୍ତି ଦେବା ତା ନୁହେଁ ବରଂ ମୁଡ୍ ସ୍ୱିଙ୍ଗ ସମସ୍ୟାରୁ ବି ରିଲାକ୍ସ କରିବ। ସୋସିଆଲ ମିଡିଆରେ ଏଭଳି ଚା'ର ରେସିପି ସେୟାର କରିଛନ୍ତି ନ୍ୟୁଟ୍ରିସନିଷ୍ଟ ଶ୍ୱେତା ଶାହ। ଅଖରୋଟ୍ ଗୁଣ୍ଡ ୧ ବଡ଼ ଚାମଚ, ଅଦା ଛେଚା ଅଧା ଚାମଚ, ଗୁଡ଼ ୧ ବଡ଼ ଚାମଚ ମାତ୍ରାରେ ନେଇ ୨ କପ୍ ପାଣିରେ ଫୁଟାନ୍ତୁ। ଧୀମା ଅଞ୍ଚରେ ଫୁଟାଇବେ। ପାଣି ଫୁଟି ଗୋଟିଏ କପ୍ ମାତ୍ରାରେ ରହିଲେ ଏହାକୁ ନଖ ଉଷୁମ ଥାଇ ପିଇବେ। ଦିନକୁ ୨ / ୩ଥର ପିବା ଦ୍ୱାରା ପରିୟଡ୍ସ ସମୟରେ ହେଉଥିବା ପେଟ ଯନ୍ତ୍ରଣା ସହ ଚିଡ଼ଚିଡ଼ାପଣ ଦୂର ହୁଏ।**

ଅଖରୋଟ୍: ଏଥିରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ମ୍ୟାଗ୍ନେସିୟମ୍ ଭରପୂର ମାତ୍ରାରେ ରହିଛି , ଯାହା ମାଂସାପେଶୀକୁ ଆରାମ୍ ଦିଏ। ଶରୀରର ଯନ୍ତ୍ରଣା ଦୂର କରେ। ଅଦା: ଏହା ଏକ ପ୍ରାକୃତିକ ଆଣ୍ଟି ଇନଫ୍ଲେମେଟରୀ ମସଲା ଭାବେ କାର୍ଯ୍ୟ କରେ , ଯାହା ଯନ୍ତ୍ରଣାକୁ କମାଇବା ସହ ପିରିୟଡ୍ସ ସମୟରେ ଅନୁଭୂତ ଅସହଜପଣକୁ ଦୂର କରେ। ଗୁଡ଼: ଗୁଡ଼ ଶରୀରକୁ ତୁରନ୍ତ ଏନର୍ଜି ଦିଏ ଏବଂ ପରିୟଡ୍ସ ସମୟରେ ହେଉଥିବା ପେଟ ଫୁଲିବା ସମ୍ୟା ବା ବ୍ଲୋଟିଙ୍ଗ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ମାସିକ ଋତୁସ୍ରାବ ସମୟରେ ଏହି ହର୍ବାଲ ଚା' ଶରୀରକୁ ପୋଷଣ ଦେବା ସହ ଆଭ୍ୟନ୍ତରୀଣ ଶାନ୍ତି ଦିଏ। ତେଣୁ ଯେବବି ମେନଷ୍ଟ୍ରୁଆଲ୍ ଯନ୍ତ୍ରଣା ଅନୁଭବ କରନ୍ତି ତାହେଲେ ମେଡିସିନର ସାହାଯ୍ୟ ନନେଇ ବରଂ ଘରେ ଏହି ଚା' ବନାଇ ପିଇଲେ ଆରାମ ମିଳିବ ନିଶ୍ଚୟ।

## ଜଗନ୍ନାଥପୁର ମଣ୍ଡଳରେ ଦୃବଳ ହେଉଛି ବିଜେପି ସଙ୍ଗଠନ

**ତିର୍ତ୍ତୋଲ, ୧।୩ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ବିଜେପି ସଙ୍ଗଠନ ଦିନକୁ ଦିନ ରସା ତଳକୁ ଯିବା ଦେଖା ଦେଇଛି। ଯେଉଁଠି ରାଜ୍ୟରେ ସରକାର ରେ ବିଜେଡ଼ି କୁ ଚେକ୍ ଦେଇ ବିଜେପି ଆଜି ନିଜ ବଳରେ ସରକାର ଗଠନ କରିଛି, କିନ୍ତୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ମଣ୍ଡଳ ରେ ବିଜେପି କର୍ମୀ ମାନେ ପୂର୍ବ ସରକାର ସମୟରେ ଯେଉଁ ଭଳୀ ଭାବରେ ତତ୍ପର ଥିଲେ ଏବେ ନିଜ ନିଜ କର୍ମୀ ଙ୍କ ଭିତରେ ଟଣା ଘୋଷଡା ଆରମ୍ଭ ହୋଇଥିବା ବେଳେ ସବୁଆଡେ ଡବଲ ଇଞ୍ଜିନ ପରି ଡବଲ ଫାଙ୍କ ଦେଖା ଦେଇଛି। ନିକଟରେ ମୋଟା ଆକାର ନେଇ ସ୍ଥାନୀୟ ମଣ୍ଡଳ ସଭାପତି ଓ ସାଂସଦ ପ୍ରତିନିଧି ବ୍ଲକ କାମ ବାଣ୍ଟି ଥିବା ଚର୍ଚ୍ଚା କୁ ଖୋରାକ ଯୋଗାଇ ବା ପରେ ପୁଣି ସାମ୍ନାକୁ ଆସିଛି ଆଉ ଏକ ସଙ୍ଗୀନ ଅଭିଯୋଗ ! ଗରାମ ପଞ୍ଚାୟତ ର ସାରଳ ଗ୍ରାମ ଠାରେ ଏକ କାମକୁ ନେଇ ବିଜେପି ଦୁଇ ଗୋଷ୍ଠି ମଧ୍ୟରେ ମୁହାଁ ମୁହିଁ ହେବା ଦେଖିବାକୁ ମିଳୁଛି। କର୍ମୀ ଙ୍କ ଭିତରେ ଛକା ପଞ୍ଜା ହେଉଥିବା ବେଳେ ଏଠି ପୁଣିଥରେ ସାଂସଦ ପ୍ରତିନିଧି ଓ ମଣ୍ଡଳ ପ୍ରତିନିଧି ଙ୍କ ଉପରକୁ ଆଙ୍ଗୁଠି ନିର୍ଦ୍ଦେଶ କରିଛନ୍ତି ବିଜେପି ଜଣେ କର୍ମୀ। କେବଳ ଏତିକି ନୁହେଁ କର୍ମୀ ଜଣକ ତିର୍ତ୍ତୋଲ ରେ ବିଧାୟକ ପାର୍ଥି ଥିବା ନେତାଙ୍କୁ ମୁହେଁ ମୁହେଁ ଝାଡିଥିବା ଚର୍ଚ୍ଚା ଏବେ ତିର୍ତ୍ତୋଲ ବିଜେପି ରାଜନୀତି ରେ ହାଟରେ ପଡ଼ି ଦାଣ୍ଡରେ ଗଡ଼ିଛି ବୋଲି ଚର୍ଚ୍ଚା ଏବେ ଜିଲ୍ଲା ସାମ୍ବାଦିକ ଙ୍କ ପାଖରେ ପହଞ୍ଚିଛି। ସେହିପରି ତୁଲଙ୍ଗ ପଞ୍ଚାୟତ ବିଜେପି ଅବସ୍ଥା କହିଲେ ନସରେ। ପଞ୍ଚାୟତରେ ସେମିତି ଆଖି ଦୃସିୟା କର୍ମୀ ନଥିବା ବେଳେ। ବିଜେପି ରାଲି ରେ କିମ୍ବା ସଭା ସମିତି ପାଇଁ ବାହାର ପଞ୍ଚାୟତ ରୁ ଲୋକ ଯୋଗାଡ କରୁଥିବା ରିପୋଟ୍ ନଜର କୁ ଆସିଛି।

## ଏକ ଚୋରୀ ମାମଲାରେ ୫ ଅଭିଯୁକ୍ତ ଆଜି କୋର୍ଟ ଚାଲାଣ

**ବୈଶିଙ୍ଗା, ୧।୩ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଇଲାକାରେ ଚୋରୀ ଡକାୟତି ବଢିବା ଯୋଗୁଁ ଲୋକଙ୍କ ଧନ ଜୀବନ ସୁରକ୍ଷିତ ମନେ କରୁନାହାନ୍ତି ଜନସାଧାରଣ। ମାତ୍ର ପୋଲିସ ଏକ ଡକାୟତି ମାମଲାରେ ଆଠ ଜଣ ଅଭିଯୁକ୍ତ ଙ୍କୁ କିଛି ଦିନ ତଳେ କୋର୍ଟ ଚାଲାଣ କରିଥବା ବେଳେ ଆଜି ଶନିବାର ୯୭/୨୬ ମାମଲା ରେ ପାଞ୍ଚ ଜଣ ଅଭିଯୁକ୍ତ ଙ୍କୁ ବୈଶିଙ୍ଗା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧୀନ ବଡ ଗୋପାଳପୁର ଗ୍ରାମର ଦୀନେଶ କୁମାର ବରଜ ଏକ ଫାର୍ମ ହାଉସ କରି ମାଛ ଚାଷ କରି ଆସୁଥିଲେ। ତାଙ୍କ ଫାର୍ମ ହାଉସରେ ମାଛ ଦାନା ସହିତ ଧାନବସ୍ତା ବହୁ ପରିମାଣରେ ଗଚ୍ଛିତ ରହିଥିଲା। ଚୋରମାନେ ତାହାର ଟେର ନେଇ ଚୋରୀ କରିବାକୁ ସୁଯୋଗ ଖୋଜୁଥିଲେ। ଗୁରୁବାର ସନ୍ଧ୍ୟା ପରେ ଫାର୍ମ ହାଉସରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଏକ ଟାଟା ଏସି ଗାଡିରେ ବୋଝେଇ କରି ଧାନ ବସ୍ତା ଓ ମାଛ ଦାନ ବସ୍ତା ଚୋରୀ କରିବାକୁ ସକ୍ଷମ ହୋଇଥିଲେ। ମାତ୍ର ବିଧିର ବିଡ଼ମ୍ବନା ହେଲା ଯେ ସେଦିନ ଦିନ ସମୟରେ ରଙ୍ଗାମଟିଆ ମୌଜାର ଇନ୍ଦ୍ରମଣୀ ମହାପାତ୍ର ଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରୀ ହୋଇ ଯାଇଥିଲା। ସେଥିପାଇଁ ବୈଶିଙ୍ଗା ପୋଲିସ ଚଳ ଚଞ୍ଚଳ ଥିଲା। ସେଥିପାଇଁ ଚୋରମାନେ ଚୋରି କରି ଖସି ଯାଇ ପାରିନଥିଲେ। ଗୁରୁବାର ରାତି ଏବଂ ଶୁକ୍ରବାର ରାତି ମଧ୍ୟରେ ୫ ଜଣ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ବୈଶିଙ୍ଗା ଥାନାର ୯୭/୨୦୨୬ ନମ୍ବର ମାମଲାରେ ଶନିବାର ଅପରାହ୍ନ ରେ ଏହି ଅଭିଯୁକ୍ତ ୫ ଜଣଙ୍କୁ କୋର୍ଟ ଚାଲାଣ କରି ଥିବାର ଜଣାଯାଇଛି।

# କୁଆଡ଼େ ଗଲା ୫ ମାସର ଭତ୍ତା ?

### ପଞ୍ଚାୟତରୁ ବ୍ଲକ ଅଫିସ ଧାଇଁ ଧାଇଁ ନୟାନ୍ତ ବରିଷ୍ଠ ନାଗରିକ



**କେନ୍ଦୁଝର, ୧।୩ (ସଂଚାର ବ୍ୟୁରୋ):** ୫ ମାସ ହେଲା ମିଳୁନି ଭତ୍ତା, ପ୍ରତିବାଦ କଲେ ହିତାଧିକାରୀ। ଜଣେ କି ଦୁଇଜଣ ନୁହେଁ, ପଞ୍ଚାୟତର ଶହ ଶହ ହିତାଧିକାରୀ ଭତ୍ତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ସରକାର ସାମାଜିକ ନିରାପତ୍ତା ଯୋଜନାରେ ସାମିଲ କରି ଭତ୍ତା ଯୋଗାଇ ଦେଉଛନ୍ତି। କିନ୍ତୁ କେନ୍ଦୁଝରଜିଲ୍ଲା ହାଟଡିହି ବ୍ଲକ ସୋ-ସୋ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବା ମିଳିଛି। ପ୍ରଥମେ ଖାତା ଦେଖାଇଲେ ପଞ୍ଚାୟତରେ ଭତ୍ତା ଟଙ୍କା ମିଳୁଥିଲା, ପରେ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସୁଥିଲା। ହେଲେ ୫ମାସ ହେଲା ଆଉ ଭତ୍ତା ମିଳୁନି। ଭତ୍ତା କେଉଁଠି କିଏ ଅଟକାଇଛି? ଜାଣିବା ପାଇଁ, ଏଇ ବୟସରେ ପଞ୍ଚାୟତଠାରୁ ବ୍ଲକ୍ ଓ ବ୍ୟାଙ୍କ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି। ହେଲେ କେହି କିଛି ଶୁଣୁନାହାନ୍ତି କି ବୁଝୁନାହାନ୍ତି! ଏହି ଭତ୍ତା ଟଙ୍କାରେ କିଏ ଔଷଧ କିଣି ଖାଏ, ତ ଆଉ କିଏ ତେଲ ଲୁଣ କିଣି ଗୁଜୁରାଣ ମେଣ୍ଟାଇଥାନ୍ତି। ଭତ୍ତା ମିଳୁନଥିବାରୁ ସେମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏବେ ସୋସୋ ପଞ୍ଚାୟତର ୨୦୦ରୁ ଅଧିକ ହିତାଧିକାରୀ ଭତ୍ତା ନପାଇ ଦହଗଞ୍ଜ ହେଉଥିବା ଅଭିଯୋଗହୋଇଛି। ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅପହଞ୍ଚ ଇଲାକାରେ ବଢ଼ୁଛି ପାଣି ସମସ୍ୟା

### ● ଖଜୁରୀପୁଟରେ ଚୁଆ ପାଣି ଭରସା

**ଜୟପୁର, ୧।୩(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୈପାରୀଗୁଡାରେ ପାନୀୟ ଜଳର ସମସ୍ୟା ଦେଖାଯାଉଛି।" ଜଳ ହିଁ ଜୀବନ ଜଳ ବିନା କେହି ବଞ୍ଚିପାରିବେ ନାହିଁ " ଏହାକୁ ଗୁରୁତ୍ୱ ଦେଇ ସରକାର ଗାଁ ଗାଁ ରେ ନଳକୂପ ଖନନ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଲୋକେ ବିଶୁଦ୍ଧ ପାଣି ପାଇପାରୁନାହାନ୍ତି। ଗ୍ରୀଷ୍ମ ପୂର୍ବରୁ ଜଳ କଷ୍ଟ, ପିଇବାକୁ ମିଳୁନି ମୁନ୍ଦାଏ ପାଣି, ବାଧ୍ୟ ହୋଇ ଚୁଆ ପାଣି ଉପରେ ନିର୍ଭର କରନ୍ତି ଗ୍ରାମବାସୀ। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କଠପୋଡ଼ା ପଞ୍ଚାୟରେ ଖଜୁରୀପୁଟ ଠାରେ ଏପରି ସମସ୍ୟା ଦେଖିବାକୁ ମିଳିଛି। ଖଜୁରୀପୁଟ ଅନ୍ୟ ସାହି ଜୋନାଗୁଡ଼ାରେ ମୋଟ୍ ପନ୍ଦର ପରିବାର ବସବାସ କରନ୍ତି। ଲୋକଙ୍କ ପାନୀୟ ଜଳ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଦୁଇ ବର୍ଷ ପୂର୍ବେ ଖଜୁରୀପୁଟ ଠାରେ ଗୋଟିଏ ନଳକୂପ ଖନନ କରାଯାଇଥିଲା। ହେଲେ କିଛି ମାସ ପରେ ସେ ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ଚୁଆ ପାଣି ବ୍ୟବହାର କରୁଛନ୍ତି।

## ଡ୍ୟୁଟି ସମୟରେ ଚାଲିଗଲା ଫାର୍ମାସିଷ୍ଟଙ୍କ ଜୀବନ



**କେନ୍ଦୁଝର, ୧।୩ (ସଂଚାର ବ୍ୟୁରୋ):** କେନ୍ଦୁଝରରେ ଡ୍ୟୁଟି କରୁଥିବା ସମୟରେ ଚାଲିଗଲା ଫାର୍ମାସିଷ୍ଟଙ୍କ ଜୀବନ। କ୍ଷତିପୂରଣ ସହ ବିଧବା ସ୍ତ୍ରୀଙ୍କୁ ଏକ ଚାକିରି ଦେବା ଦାବିରେ ମୃତଦେହ ନେଉ ନାହାନ୍ତି ପରିବାର ଲୋକେ। କେନ୍ଦୁଝର ପଦ୍ମପୁର ଅଞ୍ଚଳର ସୁଶିଲ କୁମାର ସାହୁ, ଡିଏମଏଫ ଆମ୍ବୁଲାନ୍ସରେ ଫାର୍ମାସିଷ୍ଟ ଭାବରେ କାର୍ଯ୍ୟ କରୁଥିଲେ । ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଗତକାଲି ଅପରାହ୍ନରେ ଶୁସିଲ ପାଟଣାରେ ଜଣେ ରୋଗୀଙ୍କୁ ଛାଡ଼ି ଫେରୁଥିବା ସମୟରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୁଶିଲଙ୍କର ଏକ ମାତ୍ର ଝିଅ ଅଛନ୍ତି ଓ ସେ ୯ମ ଶ୍ରେଣୀ ରେ ପାଠ ପଢ଼ୁଛନ୍ତି ଓ ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ତେଣୁ ଏବେ ତାଙ୍କ ପରିବାର ଲୋକେ ଉପଯୁକ୍ତ କ୍ଷତିପୂରଣ ସହ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦାବିରେ ଅଡି ବସିଛନ୍ତି । ଲିଖିତ ପ୍ରତିଶୃତି ନ ପାଇବା ପର୍ଯ୍ୟନ୍ତ ମୃତଦେହ ଉଠାଉ ନାହାନ୍ତି । ଏନେଇ କେନ୍ଦୁଝର ଧରଣୀଧର ମେଡିକାଲ କଲେଜର ମ୍ୟାନେଜର ପରିବାର ଲୋକଙ୍କ ସହିତ ଆଲୋଚନା କରୁଛନ୍ତି ।

## ଏନ୍‌କେକେ ପଡ଼ିଆରେ ହସ୍ତତନ୍ତ ଓ କ୍ରାଫ୍ଟ ମେଳା ଉଦ୍‌ଘାଟିତ



**ସୁନ୍ଦରଗଡ଼, ୧।୩ (ସଂଚାର ବ୍ୟୁରୋ):** ସହରର ଏନ୍‌କେକେ ପଡ଼ିଆ ପରିସରରେ ଆଜି ଆଡମ୍ବରପୂର୍ଣ୍ଣ ସହିତ ସ୍ୱଦେଶୀ ହସ୍ତତନ୍ତ ଓ କ୍ରାଫ୍ଟ ମେଳାର ଆନୁଷ୍ଠାନିକ ଉଦ୍ଘାଟନ ସମ୍ପନ୍ନ ହୋଇଯାଇଛି। ଏହି ମେଳାକୁ କୁସୁମ ଟେଟେ, ସୁନ୍ଦରଗଡ଼ର ପୂର୍ବତନ ବିଧାୟକ, ମୁଖ୍ୟ ଅତିଥି ଭାବରେ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ଅବସରରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଏବଂ ଏଡିଏମ୍ (ସାଧାରଣ) ସୁରଜ୍ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଫିତା କାଟି ମେଳାର ଶୁଭାରମ୍ଭ କରିଥିଲେ। ଉଦ୍ଘାଟନୀ ସଭାକୁ ସମ୍ବୋଧନ କରି ଅତିଥିମାନେ କହିଥିଲେ ଯେ, ସ୍ୱଦେଶୀ ହସ୍ତତନ୍ତ ଓ କ୍ରାଫ୍ଟ ଉତ୍ପାଦ କେବଳ ଆମ ପାରମ୍ପରିକ କଳାକୁ ସଂରକ୍ଷଣ କରେ ନୁହେଁ, ବରଂ କାରିଗରମାନଙ୍କ ଜୀବିକା ଓ ଆର୍ଥିକ ସୁରକ୍ଷାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଏଭଳି ମେଳା ଆୟୋଜନ ମାଧ୍ୟମରେ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ମିଳିବା ସହ ଯୁବପିଢ଼ି ମଧ୍ୟରେ ପାରମ୍ପରିକ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ସ୍ୱଦେଶୀ ହସ୍ତତନ୍ତ ଓ କ୍ରାଫ୍ଟ ମେଳାରେ ଓଡ଼ିଶା ସହିତ ଅନ୍ୟାନ୍ୟ ରାଜ୍ୟରୁ ଆସିଥିବା କାରିଗରମାନେ ନିଜ ହସ୍ତନିର୍ମିତ ସାମଗ୍ରୀର ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ୍ ସଜାଇଛନ୍ତି। ମେଳାରେ ହସ୍ତତନ୍ତ ବସ୍ତ୍ର, ହାତେ ତିଆରି ଗହଣା, ବାଁଶ ଓ କାଠର ସାମଗ୍ରୀ, ମାଟିର ଶିଳ୍ପ, ହସ୍ତଚିତ୍ର, ସଜାବଟି ସାମଗ୍ରୀ ସହିତ ଦୈନିକ ଜୀବନରେ ବ୍ୟବହାର ଯୋଗ୍ୟ ଅନେକ ଆକର୍ଷଣୀୟ ଉତ୍ପାଦ ପ୍ରଦର୍ଶିତ ହୋଇଛି।

## ଇନୋଭେଟିଭ୍ କୃଷକ ପୁରସ୍କାର ପାଇଲେ କୁମୁଦିନୀ ସ୍ୱାଇଁ




**ବାଲିପାଟଣା, ୧।୩(ସଂଚାର ବ୍ୟୁରୋ):** ଆଇ.ସି.ଏ ଆର.ସି. ଫା କୃଷିବିଜ୍ଞାନ କେନ୍ଦ୍ର ଖୋର୍ଦ୍ଧା ତତ୍ୱାବଧାନରେ କୁମୁଦିନୀ ସ୍ୱାଇଁ ସ୍ୱାମୀ-ନିମାଇଁ ଚରଣ ନାୟକ, ଶ୍ରୀରାମପୁର, ବାଲିପାଟଣା, ଖୋର୍ଦ୍ଧା ଙ୍କୁ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ଡଃ ରାଜେନ୍ଦ୍ର ସିଂ ପରୋଦା (ଆଇ ସି ଏ ଆର ପୂର୍ବ ମହାନିର୍ଦ୍ଦେଶକ), ସି ଏଚ ଶ୍ରୀନିବାସ ରାଓ (ନିର୍ଦ୍ଦେଶକ, ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ନୂଆ ଦିଲ୍ଲୀ), ଡଃ ଆର ଏନ ପଡାରିଆ (ସଂଯୁକ୍ତ ନିର୍ଦ୍ଦେଶକ, ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ(ପ୍ରସାର)ଙ୍କ ଦ୍ୱାରା ଇନୋଭେଟିବ କୃଷକ ପୁରସ୍କାର ରେ ପୁରସ୍କୃତ କରାଯାଇଛି। କୁମୁଦିନୀ ସ୍ୱାଇଁ ମାହିରା କୃଷକ ଉତ୍ପାଦକ ସଂଗଠନର ଅଧ୍ୟକ୍ଷା ଅଟନ୍ତି। ସେ ପାଞ୍ଚ ଏକର ଜମିରେ ଜୈବିକ ମିଶ୍ରିତ କୃଷି, ଛତୁ ଉତ୍ପାଦନ, ଛତୁ ମଞ୍ଜି ପ୍ରଡକସନ, ଛେଳି ପାଳନ, ଗୋ-ପାଳନ, ପରିବା ଚାଷ, କୁକୁଡ଼ା ଚାଷ, ମାଛ ଚାଷ, ସରକାରୀ ସଂସ୍ଥା ଯେମିତିକି ଆଇ.ସି.ଏ.ଆର ସିଫା, କୃଷିବିଜ୍ଞାନ କେନ୍ଦ୍ର ତରଫରୁ ପ୍ରଦାନ କରାଯାଇଥିବା କଷ୍ଟ୍ୟୁମ ହାୟାରିଂ ସେଣ୍ଟର ଓ ଆଇ ସି ଏ ଆର ସିଫ୍ଵା ତରଫରୁ ପ୍ରଦାନ କରାଯାଇଥିବା ଦୁଇଟି କଷ୍ଟ୍ୟୁମ ହାୟାରିଂ ସେଣ୍ଟର ମାଧ୍ୟମରେ ଗ୍ରାମୀଣ ମହିଳା ମାନଙ୍କୁ କର୍ମନିଯୁକ୍ତି ଦେବାରେ ସହାୟକ ହୋଇଛନ୍ତି! ଏହା ସହ ସେ ଇଫିକୋ ସହାୟତାରେ ଓଡ଼ିଶାର ପ୍ରଥମ ମହିଳା ଡ୍ରୋନ ପାଇଲଟ ଭାବରେ ଡିଜିସିଏ ଲାଇସେନ୍ସ ପ୍ରାପ୍ତ କରି ହଜାରଏକରରୁ ଉର୍ଦ୍ଧ୍ୱ ଚାଷ ଜମିରେ ତରଳ ସାର ପ୍ରୟୋଗ କରି ସ୍ପ୍ରେ କରିଛନ୍ତି। ତାଙ୍କ ସହାୟତାରେ ମାହିରା ଏଫ ପି ଓ ର ଟର୍ନ ଓଭର୍ ଦୁଇ କୋଟି ରୁ ଉର୍ଦ୍ଧ୍ୱ ରେ ପହଞ୍ଚି ପାରିଛି। ଆଗାମୀ ଦିନରେ କୁମୁଦିନୀ ସ୍ୱାଇଁ ଅଧିକ ମହିଳାଙ୍କୁ ଶଂସକ୍ତ କରିବା ସହ ଏହି ଏଫ ପି ଓ କୁ ଓଡିଶା ର ଏକ ନମ୍ବର ଏଫ ପି ଓ ରେ ପରିଣତ କରିବାର ଆଶା ରଖିଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

**ନୂଆପଡ଼ା, ୧।୩(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଠାରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହାୟତାରେ ସଞ୍ଜୀବନୀ ସ୍ୱାସ୍ଥ୍ୟ ସେବା ପକ୍ଷରୁ ଏକ ଆମ୍ବୁଲେନ୍ସ ଯୋଗେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଭୟାରଣ୍ୟରେ ପ୍ରତ୍ୟେକ ଗ୍ରାମକୁ ଗ୍ରାମ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେଠାରେ ମାଗଣା ଔଷଧ ବଣ୍ଟନ କରିଛନ୍ତି। ସେହିପରି ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ରକ୍ତ ନମୂନା ପରୀକ୍ଷା କରି ଉନ୍ନତମାନର ଔଷଧ ବିତରଣ କରିଥିଲେ।

## କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ୧୫ରେ ଜିଲ୍ଲାସ୍ତରୀୟ ସମ୍ମିଳନୀ



**ବାଲେଶ୍ୱର, ୧।୩(ସଂଚାର ବ୍ୟୁରୋ):** ଗତ ତିନିବର୍ଷ ଧରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ପ୍ରତି ସରକାର କର୍ଣ୍ଣପାତ କରୁନଥିବାରୁ ଚଳିତ ମାର୍ଚ୍ଚ ମାସ ୧୫ ତାରିଖ ଦିନ 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ସମିତି'ର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ସମସ୍ତ ବ୍ଲକ ଓ ଓ ପଞ୍ଚାୟତସ୍ତରର ପ୍ରତିନିଧି ଯୋଗଦେଇ ଆଗାମୀ ଦିନରେ ଚରମ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ସମ୍ମିଳନୀ ପ୍ରସ୍ତୁତି କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ରବିବାର ଦିନ ଅପରାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଅଭୟ କୁମାର ମିଶ୍ର ଆଗାମୀ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ। ନିରଞ୍ଜନ ପରିଡ଼ା ଓ ଗିରୀଶ ଚନ୍ଦ୍ର ଦାଶ କହିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଉପରେ ଗୁରୁତ୍ୱ ଦେଉଥିବାବେଳେ ଉତ୍ତର ଓଡ଼ିଶାର କୃଷି ଓ କୃଷକର ହିତ ଦୃଷ୍ଟିରୁ କୃଷି ସମ୍ପର୍କିତ ଏକ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦାବି ପ୍ରତି ଗୁରୁତ୍ୱ ନ ଦେବା ଘଟଣା ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି। ଏହି ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ବ୍ଲକ କମିଟି ପକ୍ଷରୁ ଦିଲ୍ଲୀପ ଗିରି, ମହେଶ୍ୱର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ, ଅଜିତ୍ କୁମାର ମହାନ୍ତିଙ୍କ ସମେତ ରମେଶ ଚନ୍ଦ୍ର ଜେନା, ଭୂପତି କୁମାର ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ହରନାରାୟଣ ମଡୁଆଳ, ପ୍ରଫୁଲ୍ଲ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମାଚରଣ ଦାସ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଆସନ୍ତା ସମ୍ମିଳନୀରେ ବାଲେଶ୍ୱର ସାଂସଦ ଓ ସମସ୍ତ ବିଧାୟକ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚଙ୍କ ସମେତ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, କୃଷକ ସଂଗଠନମାନଙ୍କୁ ଯୋଗଦେବାପାଇଁ ନିମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଶିକ୍ଷୟତ୍ରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା



**ବାଲିପାଟଣା, ୧।୩(ସଂଚାର ବ୍ୟୁରୋ):** ବାଲିପାଟଣା ଗୋଷ୍ଠୀ କାର୍ଯ୍ୟାଳୟ ଅଧିନ ସରକାରୀ ପ୍ରାଥମିକ ବିଦ୍ୟାଳୟ (ବାଗଲପୁର) ଠାରେ ଶିକ୍ଷୟତ୍ରୀ ସ୍ନିଗ୍ଧାରାଣୀ ମହାନ୍ତିଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ମହୋଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲାର ଶିକ୍ଷାଧିକାରୀ ମହେଶ୍ୱର ସାହୁ, ଗୋଷ୍ଠି ଶିକ୍ଷା ଅଧିକାରୀ ଡ୍ ପ୍ରଭାତ କୁମାର ରଥ, ତୁରିନ୍ତିରା ସରପଞ୍ଚ ମୀତାରାଣୀ ମଲ୍ଲିକ, ଶିକ୍ଷକ ନେତା ପ୍ରଭାକର ମଲ୍ଲିକ, ଆଲୋକ ସାହୁ, ଏ ବି ଇ ଓ ବିଜୟ ବେହେରା, ପ୍ରଧାନ ଶିକ୍ଷକ ଜ୍ୟୋସ୍ନାରାଣୀ ଦାଶ୍, ବିଜୟ ବେହେରା, ତପନ ରାଉତ, ସାମ୍ବାଦିକଅରୁଣଶତପଥୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରମୁଖ ଯୋଗ ଦେଇ ଶ୍ରୀମତୀ ମହାନ୍ତି ଙ୍କୁ ଉତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବନ୍ଧିତ କରିବା ସହ ତାଙ୍କର ଆଦର୍ଶ, ମିଷ୍ଟଭାଷୀ ଓ ସରଳ ଜୀବନ ଯାପନ ସଂପର୍କରେ ଆଲୋଚନା କରିଥିଲେ। ଏଥି ସହିତ ତାଙ୍କର ଅବସର କାଳୀନ ଜୀବନ ନିରୋଗ ଓ ସୁଖୀ ଶାନ୍ତିରେ ଅତିବାହିତ ହେବାପାଇଁ କାମନା କରିଥିଲେ। ଶେଷରେ ରୋଷଣୀ କରି ଶିକ୍ଷୟତ୍ରୀ ଙ୍କୁ ଘରେ ଛାଡ଼ିଥିଲେ।

## ପୂର୍ବତନ ସୈନିକ ସଂଘ ବେତନଟୀର ପ୍ରଥମ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



**ବୈଶିଙ୍ଗା, ୧।୩(ସଂଚାର ବ୍ୟୁରୋ):** ପୂର୍ବତନ ସୈନିକ ସଂଘ ବେତନଟୀ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବାର୍ଷିକ ଉତ୍ସବ ପାଇଁ ଆଜି ରବିବାର ଏକ ପ୍ରସ୍ତୁତି ବୈଠକ ବେତନଟୀ ବଙ୍ଗଳା ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦୈତାରୀ ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ନରହରି ବିଶ୍ୱାଳ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏଥି ସହିତ ଚେୟାରମ୍ୟାନ ଜନାର୍ଦ୍ଦନ ମହାନ୍ତ ଉଖସ୍ମିତ ରହିଥିଲେ। ଆଗାମୀ ମାର୍ଚ୍ଚ ୨୯ ତାରିଖ ରବିବାର ଦିନ ବେତନଟୀ ସ୍ଥିତ ବନ୍ଧନ କଲ୍ୟାଣ ମଣ୍ଡପ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଥିଲେ। ବେତନଟୀ ବ୍ଲକ ଜୋନ୍ ଅଧିନରେ ପୂର୍ବତନ ସୈନିକ ମାନଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୭୦ ଜଣ ସଦସ୍ୟ ସଂଘ ରେ ପଞ୍ଜିକୃତ ହୋଇଥିବାର ଜଣାଯାଇଛି। ଅନ୍ୟମାନେ ମଧ୍ୟ ଏହି ସଂଘ ରେ ଯୋଗ ଦେବା ପାଇଁ ସମ୍ପାଦକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ରାଜା ରାମ ସିଂ, ମହିଳା କ୍ଲବ ର କାର୍ଯ୍ୟକାରୀ ସମ୍ପାଦିକା ମିନାକ୍ଷୀ ଗିରି, ପ୍ରଦୀପ କୁମାର ଭୂୟାଁ, ପ୍ରମୋଦ କୁମାର ଦାସ, ଅମୂଲ୍ୟ କୁମାର ମିଶ୍ର, ଏବଂ ବୀର ନାରୀ ସବିତା ମହାପାତ୍ର, ଜହନା ମୁର୍ମୁ, ପ୍ରଭାତୀ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ / ସଦସ୍ୟା ଯୋଗ ଦେଇ ସଂଘର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ।

## ଅଭିନବ ଉପାୟରେ ଟଙ୍କା ହଡ଼ପ ଉଦ୍ୟମ

**ନାଉଗାଁ, ୧।୩(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଞ୍ଚଳରେ ଜଣେ ଯୁବକ ଟଙ୍କା ହଡପ ଉଦ୍ୟମ କରିବା ପରେ ସତ ଘଟଣା ଜଣା ପଡ଼ିଥିବା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ ମନୋଜ ବେହେରା ନାମକ ଜଣେ କର୍ମଚାରୀ ଟାଟା ପାୱାରରେ ନିୟମିତ ଭାବେ କାର୍ଯ୍ୟ କରନ୍ତି। ସେ ନିଜ ଆଇଡିକୁ ଗୌତମ ପରିଡ଼ା ନାମକ ଯୁବକକୁ ବିଲ ସଂଗ୍ରହ ଦାୟିତ୍ୱ ପ୍ରଦାନ କରିଥିଲେ। ଉକ୍ତ ଆଇଡି ମାଧ୍ୟମରେ ଗୌତମ ଡେରିକି, ଶିଖର ଆଦି ପଞ୍ଚାୟତରୁ ମାସକୁ ୨ଥର ବିଦ୍ୟୁତ ଉପଭୋକ୍ତାଙ୍କ ନିକଟରୁ ବିଲ ଟଙ୍କା ସଂଗ୍ରହ କରି ବିଦ୍ୟୁତ କାର୍ଯ୍ୟାଳୟରେ ଜମା ଦେଇଥାନ୍ତି। ନିୟମାନୁସାରେ ପ୍ରତି ମାସ ୧୫ ଓ ୩୦ ତାରିଖରେ ବିଲ ସଂଗ୍ରହ କରାଯାଇ ଡିପୋଜିଟ କରାଯାଏ। କିନ୍ତୁ ଫେବୃଆରୀ ମାସର ୧୫ ତାରିଖରେ ଗୌତମ ବିଲ ପୈଠ କରି ନଥିବା ବେଳେ ମାର୍ଚ୍ଚ ୧ରେ ବିଲ ସଂଗ୍ରହ କରି କାର୍ଯ୍ୟାଳୟକୁ ଆସୁଥିଲେ।

## ଇନଟ୍ୟାକ୍ ସୋନପୁର ଚ୍ୟାପ୍ଟରର ସାଧାରଣ ପରିଷଦ ବୈଠକ

### ନୂତନ କାର୍ଯ୍ୟ ନିର୍ବାହୀ ସମିତି ଗଠିତ




**ସୁବର୍ଣ୍ଣପୁର, ୧।୩(ସଂଚାର ବ୍ୟୁରୋ):** ଇନଟ୍ୟାକ୍ ସୋନପୁର ଚ୍ୟାପ୍ଟର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଚ୍ୟାପ୍ଟରର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ମହାନଦୀ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚ୍ୟାପ୍ଟରର କାର୍ଯ୍ୟ ନିର୍ବାହୀ ସମିତି ଗଠନ ହୋଇଥିଲା। ସମିତିର ସଦସ୍ୟ ଭାବେ ଚ୍ୟାପ୍ଟର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁ, ସହ-ଆବାହକ ବନମାଳି ପଣ୍ଡାଙ୍କ ସମେତ ଅବସରପ୍ରାପ୍ତ ସିଡ଼ିଏମଓ ଡ଼ାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ଅଧ୍ୟାପକ ଡ. ସୌରଭ ରଂଜନ ଖମାରୀ, ଦେବକୀ ନନ୍ଦନ ମିଶ୍ର ଏବଂ ସିଦ୍ଧାର୍ଥ ଅଗ୍ରୱାଲ ମନୋନୀତ ହୋଇଥିଲେ। ବିଗତ ଦିନରେ ଚ୍ୟାପ୍ଟର ତରଫରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବା ସହ ଐତିହ୍ୟର ସୁରକ୍ଷା ଦିଗରେ ଚ୍ୟାପ୍ଟର ତାର କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ହେରିଟେଜ କ୍ଲବ ଗଠନ ସହ, ଐତିହ୍ୟ ପଦଯାତ୍ରା, ପ୍ରକୃତି ପଦଯାତ୍ରା, ସୁବର୍ଣ୍ଣପୁର ସହରରେ ସ୍ଥିତ ମନ୍ଦିର ଗୁଡ଼ିକର ପ୍ରସ୍ତାବିତ ଫର୍ମାଟରେ ତାଲିକା ପ୍ରସ୍ତୁତି, ଲୁପ୍ତପ୍ରାୟ ଐତିହ୍ୟର ସୁରକ୍ଷା ଓ ବୃତ୍ତ ପ୍ରସ୍ତୁତି, କର୍ମଶାଳା ଆୟୋଜନ ଆଦି କାର୍ଯ୍ୟକ୍ରମକୁ ନିୟମିତ ବ୍ୟବଧାନରେ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଶେଷ କରି ଛାତ୍ରଛାତ୍ରୀ ମାନଙ୍କୁ ଐତିହ୍ୟ ସୁରକ୍ଷା ଦିଗରେ ସାମିଲ କରିବା ପାଇଁ ତାଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା।

## ବାଇକ ଧକ୍କାରେ ଜଣେ ମୃତ, ଦୁଇ ଗୁରୁତର



**ସୁବର୍ଣ୍ଣପୁର, ୧।୩(ସଂଚାର ବ୍ୟୁରୋ):** ବୀରମହାରାଜପୁର-ଆମରପାଲି ରାସ୍ତାର ମୁର୍ଷୁଣ୍ଡୀ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା । ଜଣେ ମୃତ ଜଣେ ଗୁରୁତର । ମୃତକ ଜଣକ ହେଲେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅରଖକୁଦ ଗାଁର କୃଷ୍ଣଚନ୍ଦ୍ର ପ୍ରଧାନ। ଗୁରୁତରମାନେ ହେଲେ ଅରଖକୁଦ ଗାଁର ସରୋଜ କୁମାର ପ୍ରଧାନ ଏବଂ ମୁର୍ଷୁଣ୍ଡୀ ଗାଁର ଶିବ ପ୍ରସାଦ ଜଗଦଲା । ଦ୍ରୁତ ଗତିରେ ଯାଉଥିବା ଉଭୟ ଗାଡି ମୁହାଁମୁହିଁ ଧକ୍କା ଫଳରେ ଉଭୟ ଗାଡ଼ିରେ ଥିବା ବାଇକ ଆରୋହୀମାନେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତରଖାନରେ କୃଷ୍ଣଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସେହିଭଳି ଦୁଇ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଶିବ ପ୍ରସାଦଙ୍କ ଅବସ୍ଥା ଅଧିକ ଗୁରୁତର ଥିବା ଶିବ ପ୍ରସାଦ ଜଗଦଲାଙ୍କୁ ବୁର୍ଲା ସ୍ଥାନାନ୍ତରଣ କରାଯାଇଛି । ବୀରମହାରାଜପୁର ପୋଲିସ ପହଞ୍ଚି ଶବ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି ।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ପିକଅପ ଭ୍ୟାନ, ଜଣେ ଆହତ

**ବାରଙ୍ଗ, ୧।୩ (ସଂଚାର ବ୍ୟୁରୋ):** ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ପିକଅପ ଭ୍ୟାନ । ଦ୍ରୁତଗତିରେ ଆସି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଛି ଭ୍ୟାନ। ବାରଙ୍ଗ ଥାନା ମଧୁସୂଦନପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧରେ ଘଟିଛି ଦୁର୍ଘଟଣା । ଦୁର୍ଘଟଣାରେ ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହେଉଥିବା ବେଳେ ଗାଡି ଚାଳକ ଆହତ ହୋଇଛନ୍ତି । ଗାଡ଼ି ଚାଳକ ହେଲେ ଉମାକାନ୍ତ ଖୁଣ୍ଟିଆ, ତାଙ୍କ ଘର ତେଲେଙ୍ଗାପେଣ୍ଠ ଅଞ୍ଚଳରେ । ରାସ୍ତା ସଂକୀର୍ଣ୍ଣ ଯୋଗୁଁ ଏପରି ଦୁର୍ଘଟଣା ବାରମ୍ବାର ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେପଟେ ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ, ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଛି । ଏଥିସହ କେନାଲ ପାର୍ଶ୍ୱକୁ ଗାଡ଼ିଟି ଝୁଲି ରହିଛି । ସୌଭାଗ୍ୟ ବଶତଃ ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ ଅଳ୍ପକେ ବର୍ତ୍ତି ଯାଇଛି ଗାଡ଼ି ଓ ଗାଡ଼ି ଚାଳକ । ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଦେଖା ଦେଇଛି। ଯାତାୟତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି । ଖବର ପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି ।




# ପ୍ଲଟିଂ କରି ବିକିଦେଲେ ଠାକୁର ଜମି!



**ଦିଗପହଣ୍ଡି, ୧।୩ (ସଂଚାର ବ୍ୟୁରୋ):** ଠାକୁରଙ୍କ ଜମି। ଭାଗଚାଷୀ ରାଜଭାଗ ବି ଦେଉଛନ୍ତି । ହେଲେ ସେମାନଙ୍କ ଅଜାଣତରେ ଜମି ବିକ୍ରି ସରିଲାଣି । ମଠ, ମନ୍ଦିର ସମ୍ପତ୍ତି ବିକ୍ରି ହୋଇପାରିବନି। ହେଲେ ଏସବୁ ସତ୍ତ୍ୱେ କେମିତି ଠାକୁରଙ୍କ ସମ୍ପତ୍ତି ବିକ୍ରି ହେଲା ବୋଲି ଏବେ ସାଧାରଣ ପ୍ରଶ୍ନ ଉଠିଛି । ବ୍ରହ୍ମପୁର ଉପଖଣ୍ଡ ଦିଗପହଣ୍ଡି ତହସିଲରେ ଏପରି ଠକେଇ ହୋଇଥିବା ଅଭିଯୋଗ ହୋଇଛି । ଦିଗପହଣ୍ଡି ତହସିଲ ଅଧୀନ ନୂଆସାହିରେ ପାଇଚ୍ଛା ମଠ। ତତ୍କାଳୀନ ଦିଗପହଣ୍ଡି ରାଜା ଏହାକୁ କରିଥିଲେ। ଏଠାରେ ରାଧା ଦାମୋଦର ମହାପ୍ରଭୁ ବିଜେ ଅଛନ୍ତି। ମଠ ସମ୍ପତ୍ତିର ପରିଚାଳନା ଲାଗି ଗୋଟିଏ ଟ୍ରଷ୍ଟ ମଧ୍ୟ ରହିଛି। ଯଦିଓ ଏବେ ବି ଭୂ-ସମ୍ପତ୍ତିରେ ମାର୍ଫତଦାର କିଶୋର ମୋହନ ଦେବ ଗୋସ୍ୱାମୀ, ନାରାୟଣ ଦେବ ଗୋସ୍ୱାମୀ, ବୃନ୍ଦାବନ ଦେବ ଗୋସ୍ୱାମୀଙ୍କ ନାଁ ରହିଛି ଏବଂ ସୁନିତା ଦେବ ଗୋସ୍ୱାମୀ ଏହାର ଟ୍ରଷ୍ଟି ରହିଛନ୍ତି। ମଠ ସମ୍ପତ୍ତିକୁ ବେଆଇନ ଭାବେ ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି ମଠ ଜମିକୁ ଭାଗଚାଷ କରୁଥିବା ଚାଷୀ। ଏନେଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଚାଷୀମାନଙ୍କ ଅଭିଯୋଗ ହେଲା, ରାଧା ଦାମୋଦରଙ୍କ ନାଁରେ ଥିବା ଜମିରେ ୨୦ ପରିବାର ପିତୃପୁରୁଷ ଅମଳରୁ ଚାଷ କରୁଛନ୍ତି। ୧୯୯୮ ମସିହାରୁ ତତ୍କାଳୀନ ତହସିଲଦାର ସେମାନଙ୍କୁ ଭାଗଚାଷୀର ମାନ୍ୟତା ଦେଇଛନ୍ତି। ଏବେ ସେମାନଙ୍କ ଅଗୋଚରରେ ସେହି ଜମିକୁ ବିକ୍ରି କରାଯାଇଛି। ପ୍ରାୟ ୬ ଏକର ଜମିକୁ ଖୁବ୍ କମ୍ ଦରରେ ପ୍ଲଟିଂ କରି ବିକି ଦିଆଯାଇଛି! ଏଥିପାଇଁ ଦେବୋତ୍ତର ବିଭାଗରୁ ଟ୍ରଷ୍ଟି ଅନୁମତି ଆଣିଥିବା ଜଣାପଡ଼ିଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ବାରମ୍ବାର ଅଭିଯୋଗ କରିବା ପରେ ବି କେହି ଶୁଣୁନାହାନ୍ତି। ଦିଗପହଣ୍ଡି ତହସିଲଦାର ଓ ଆର୍ଆଇ ଲାଞ୍ଚ ନେଇ ଜମିପଟ୍ଟା କରି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଠାକୁର ଜମି ହଡ଼ପ ଅଭିଯୋଗ ଉପଜିଲ୍ଲାପାଳଙ୍କ ପାଖରେ ପହଞ୍ଚିଛି। ତହସିଲଦାରଙ୍କୁ ରିପୋର୍ଟ ମଗାଯାଇଛି। ଆବଶ୍ୟକ ପଡ଼ିଲେ ତଦନ୍ତ କମିଟି ଗଠନ କରି ସରଜମିନ୍ ତଦନ୍ତ ହେବ ବୋଲି ଉପଜିଲ୍ଲାପାଳ ଅବିନାଶ କୁମାର କହିଛନ୍ତି।